


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୮ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 September 2026

Vol.No. 36 ■ No.254 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଇରାନର ଯୁଦ୍ଧ ଚେତାବନୀ: 'ଆମେରିକା ଦୁର୍ବଳ, ଆକ୍ରମଣ ହେଲେ ହେବ ବଡ଼ ଲଢ଼େଇ'




ନୂଆଦିଲ୍ଲୀ,୨୭/୯ : ଇରାନ ଓ ଆମେରିକା ମଧ୍ୟରେ ବଢୁଥିବା ତଣାପୋଡ଼ ମଧ୍ୟରେ ଇରାନୀ ସେନା ପକ୍ଷରୁ ଆସିଛି ବଡ଼ ବୟାନ। ଇରାନୀ ସେନାର ପ୍ରବକ୍ତା ମହମ୍ମଦ ଅକରମିନିଆ ଦାବି କରିଛନ୍ତି ଯେ, ଏହି ଅଞ୍ଚଳରେ ଆମେରିକା ଭଲ ସ୍ଥିତିରେ ନାହିଁ। ଯଦି ଆମେରିକା ପ୍ରକୃତରେ ଶକ୍ତିଶାଳୀ ସ୍ଥିତିରେ ଥାଆନ୍ତା, ତେବେ ବର୍ତ୍ତମାନର ପରିସ୍ଥିତି ବଦଳାଇବା ପାଇଁ ଏତେ ପ୍ରୟାସ କରିନଥାଆନ୍ତା ବୋଲି ସେ କହିଛନ୍ତି। ବର୍ତ୍ତମାନର ସ୍ଥିତି ଆମେରିକା ପାଇଁ ଅନୁକୂଳ ନୁହେଁ। ଏହି କାରଣରୁ ଆମେରିକା କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ, ଆକ୍ରମଣ କିମ୍ବା ହମଲା କରିପାରେ ବୋଲି ଇରାନୀ ପକ୍ଷ ଆଶଙ୍କା ପ୍ରକାଶ କରିଛି। ସେ ଆହୁରି ଦାବି କରିଛନ୍ତି ଯେ, ଫେବ୍ରୁଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧ ଓ ଆକ୍ରମଣ ସମୟ ତୁଳନାରେ ଇରାନ ଏବେ ଅଧିକ ପ୍ରସ୍ତୁତ। ନୈତିକ ମନୋବଳ, ପ୍ରେରଣା, ମାନସିକ ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସରେ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି। ଇରାନୀ ସେନା ନିଜର ଅସ୍ତ୍ରଶସ୍ତ୍ରକୁ ଅପଗ୍ରେଡ୍ କରିବା ସହ ନୂଆ ସାମରିକ ବ୍ୟବସ୍ଥାକୁ ଯୁଦ୍ଧ ପ୍ରସ୍ତୁତିରେ ସାମିଲ କରିଥିବା ଅକରମିନିଆ ଦାବି କରିଛନ୍ତି। ନୂଆ ସିଷ୍ଟମ ସହ ସେନା ପ୍ରଶିକ୍ଷଣ ମଧ୍ୟ ନେଇଛି। ଅର୍ଥାତ୍ ଅସ୍ତ୍ରଶସ୍ତ୍ର ଭଳି 'ହାର୍ଡୱେର' ସହ ମାନସିକ ଓ ପ୍ରଶିକ୍ଷଣ ଦୃଷ୍ଟିରୁ 'ସଫ୍ଟୱେର' ମଧ୍ୟ ପ୍ରସ୍ତୁତ ବୋଲି ଇରାନର ଦାବି। ଏହା ସହ ସେ ଚେତାବନୀ ଦେଇଛନ୍ତି ଯେ, ଶତ୍ରୁ ପୁଣି ଆକ୍ରମଣ କଲେ ଅଞ୍ଚଳରେ ଯୁଦ୍ଧ, ଅସ୍ଥିରତା ଓ ହିଂସା ଆହୁରି ବଢ଼ିପାରେ। ଏହାର ପ୍ରଭାବ କେବଳ ଇରାନ ଓ ଆମେରିକା ମଧ୍ୟରେ ସୀମିତ ରହିବ ନାହିଁ, ବରଂ ଅନ୍ୟ ଅଞ୍ଚଳୀୟ ଦେଶଗୁଡ଼ିକୁ ମଧ୍ୟ ଭୋଗିବାକୁ ପଡ଼ିପାରେ ବୋଲି ସେ ସଙ୍କେତ ଦେଇଛନ୍ତି। ଇରାନୀ ପ୍ରବକ୍ତାଙ୍କ ଏହି ବୟାନ ମଧ୍ୟପ୍ରାଚ୍ୟର ସୂକ୍ଷ୍ମ ସୁରକ୍ଷା ପରିସ୍ଥିତିକୁ ପୁଣି ଚର୍ଚ୍ଚାକୁ ଆଣିଛି। ବର୍ତ୍ତମାନ ଉଭୟ ପକ୍ଷ ନିଜ ନିଜ ଆଭିମୁଖ୍ୟରେ ଅଟଳ ଥିବା ବେଳେ, ଆଗାମୀ ଦିନରେ କୂଟନୈତିକ ଆଲୋଚନା କିମ୍ବା ନୂଆ ପରିସ୍ଥିତିକୁ କେଉଁ ଦିଗକୁ ନେବ, ତାହା ଉପରେ ନଜର ରହିଛି।

## ଆଜି ଖୋଲା ରହିବ ବ୍ୟାଙ୍କ: କାଲିଠୁ ୩ ଦିନ ବନ୍ଦ




ଭୁବନେଶ୍ୱର, ୨୭/୯ (ନି.ପ୍ର): ଶନିବାର ବ୍ୟାଙ୍କ ବନ୍ଦ ଥିଲା, ହେଲେ ରବିବାର ଛୁଟି ଦିନରେ ଖୋଲିଲା ବ୍ୟାଙ୍କ। କାରଣ, ସୋମବାରଠାରୁ ଦେଶବ୍ୟାପୀ ବ୍ୟାଙ୍କ କର୍ମଚାରୀଙ୍କ ତିନିଦିନିଆ ଧର୍ମଘଟ ଆରମ୍ଭ ହେଉଛି। ବିଭିନ୍ନ ଦାବି ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫବିୟୁ) ପକ୍ଷରୁ ସେପ୍ଟେମ୍ବର ୨୮ରୁ ୩୦ ଯାଏଁ ଏହି ଧର୍ମଘଟ ଡାକରା ଦିଆଯାଇଛି। ଧର୍ମଘଟ ସମୟରେ ଗ୍ରାହକଙ୍କ ଜରୁରୀ କାରବାର ଏବଂ ନଗଦ ଲେନଦେନ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ରବିବାର ବ୍ୟାଙ୍କ ଖୋଲିବାକୁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଛି। ଫଳରେ ଛୁଟି ଦିନ ହୋଇଥିଲେ ମଧ୍ୟ ବିଭିନ୍ନ ବ୍ୟାଙ୍କ ଶାଖାରେ କାରବାର ଚାଲିଥିଲା। ଜରୁରୀ କାମ ଶେଷ କରିବା ପାଇଁ ଗ୍ରାହକମାନେ ମଧ୍ୟ ବ୍ୟାଙ୍କରେ ପହଞ୍ଚିଥିଲେ। ତେବେ ରବିବାର ବ୍ୟାଙ୍କ ଖୋଲିବାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ କର୍ମଚାରୀମାନେ କଳା ପୋଷାକ ପିନ୍ଧି ବିରୋଧ ପ୍ରଦର୍ଶନ କରିଛନ୍ତି। ସଂଘ ପକ୍ଷରୁ ଏହାକୁ ଆନ୍ଦୋଳନକୁ ଦୁର୍ବଳ କରିବାର ଚେଷ୍ଟା ବୋଲି ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏପରିକି ଅକ୍ଟୋବର ୨୬ରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଧର୍ମଘଟ କରିବାକୁ ଚେତାବନୀ ଦିଆଯାଇଛି । ଅନ୍ୟପଟେ, ସେପ୍ଟେମ୍ବର ୨୮ରୁ ୩୦ ଯାଏଁ ତିନିଦିନ ବ୍ୟାଙ୍କ ବନ୍ଦ ରହିବାରୁ ଗ୍ରାହକଙ୍କ ନିୟମିତ ବ୍ୟାଙ୍କିଂ କାରବାର ପ୍ରଭାବିତ ହୋଇପାରେ। ବିଶେଷକରି ମାସ ଶେଷ ସମୟ ହୋଇଥିବାରୁ ଦରମା, ଦେୟ ପ୍ରଦାନ ଓ ଅନ୍ୟାନ୍ୟ ଜରୁରୀ ଆର୍ଥିକ କାରବାର ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି । ଏହା ସହ ଆଗକୁ ଦଶହରା ଥିବାରୁ ଲୋକଙ୍କ ଆର୍ଥିକ ଆବଶ୍ୟକତା ମଧ୍ୟ ବଢ଼ିବାକୁ ଯାଉଛି। ତେଣୁ ରବିବାର ବ୍ୟାଙ୍କ ଖୋଲାଥିବା ସୁଯୋଗରେ ଅନେକ ଗ୍ରାହକ ଟଙ୍କା ଉଠାଣ, ଜମା ଓ ଅନ୍ୟାନ୍ୟ ଜରୁରୀ କାମ ଶେଷ କରିଛନ୍ତି। ତିନିଦିନିଆ ଧର୍ମଘଟ ସମୟରେ ଏଟିଏମ୍, ଅନଲାଇନ୍ ବ୍ୟାଙ୍କିଂ ଓ ଡିଜିଟାଲ୍ ପେମେଣ୍ଟ ଭଳି ସେବା ଚାଲୁ ରହିବା ସମ୍ଭାବନା ଥିଲେ ମଧ୍ୟ ଶାଖାସ୍ତରୀୟ କାରବାର ପ୍ରଭାବିତ ହୋଇପାରେ ।

## ମହାନଦୀରେ ଆସୁଛି ବନ୍ୟା: ୫ ଜିଲ୍ଲାର ତଳିଆ ଅଞ୍ଚଳକୁ ବିପଦ



ଭୁବନେଶ୍ୱର, ୨୭/୯ (ନି.ପ୍ର): ଛତିଶଗଡ଼ରେ ପ୍ରବଳ ବର୍ଷା ପରେ ମହାନଦୀରେ ବଢୁଛି ଜଳସ୍ତର। ହୀରାକୁଦ ଜଳଭଣ୍ଡାରକୁ ବଢ଼ିଥିବା ଜଳପ୍ରବେଶକୁ ନିୟନ୍ତ୍ରଣ କରିବା ପାଇଁ ରବିବାର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ହୀରାକୁଦରେ ଜଳପ୍ରବେଶ ପ୍ରାୟ ୪ ଲକ୍ଷ ୯୫ ହଜାର ୩୫୦ କ୍ୟୁସେକ୍ ରହିଥିବା ବେଳେ ହାରାହାରି ନିଷ୍କାସନ ପ୍ରାୟ ୪ ଲକ୍ଷ ୪୪ ହଜାର ୫୨୬ କ୍ୟୁସେକ୍ ରହିଛି । ଏହାର ପ୍ରଭାବ ତଳମୁଣ୍ଡରେ ମଧ୍ୟ ପଡ଼ିବା ଆଶଙ୍କା ରହିଛି। ଜଳସମ୍ପଦ ବିଭାଗର ଆକଳନ ଅନୁସାରେ ମୁଣ୍ଡଳୀରେ ରବିବାର ରାତି ସୁଦ୍ଧା ପ୍ରାୟ ୭ ଲକ୍ଷ କ୍ୟୁସେକ୍ ଏବଂ ସୋମବାର ସକାଳ ସୁଦ୍ଧା ପ୍ରାୟ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହୋଇପାରେ। ଏହାକୁ ନେଇ ମହାନଦୀ ଅବବାହିକାର ତଳିଆ ଅଞ୍ଚଳଗୁଡ଼ିକରେ ସତର୍କତା ବଢ଼ାଯାଇଛି। ମହାନଦୀର ଏହି ଜଳପ୍ରବାହ ଯୋଗୁଁ କଟକ ଜିଲ୍ଲାର ବାଙ୍କୀ, ବଡ଼ମ୍ବା ଓ ଆଠଗଡ଼, ପୁରୀ ଜିଲ୍ଲାର କଣାସ, ନିମାପଡ଼ା ଓ ଗୋପ, ଜଗତସିଂହପୁରର ଏରସମା ଓ ବାଲିକୁଦା ଏବଂ କେନ୍ଦ୍ରାପଡ଼ାର ପାଟକୁରା ଓ ଡେରାବିଶ ଭଳି ତଳିଆ ଅଞ୍ଚଳ ପ୍ରଭାବିତ ହେବାର ଆଶଙ୍କା ରହିଛି। ଆଗାମୀ ୨୪ରୁ ୪୮ ଘଣ୍ଟା ମହାନଦୀ ଅବବାହିକା ଉପରେ ନଜର ରଖାଯାଇଛି। ଉପରମୁଣ୍ଡରେ ମଧ୍ୟ ବନ୍ୟା ପରିସ୍ଥିତିର ଚିତ୍ର ସାମ୍ନାକୁ ଆସିଛି। ହୀରାକୁଦ ଉପରମୁଣ୍ଡର ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ନଦୀଜଳ ବଢ଼ିବାରୁ ନଦୀବନ୍ଧ ଉପରେ ଚାପ ବଢ଼ିଛି ଏବଂ ◆◆ପୃଷ୍ଠା ୭

## ଏସଆଇଆରକୁ ନେଇ କଂଗ୍ରେସକୁ ମୋହନ ମାଝୀଙ୍କ ଜବାବ




ଭୁବନେଶ୍ୱର, ୨୭/୯ (ନି.ପ୍ର): ଏସଆଇଆର ପ୍ରସଙ୍ଗକୁ ଖଣ୍ଡନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। କଂଗ୍ରେସ ମିଥ୍ୟା ପ୍ରଚାର କରି ସରକାରକୁ ବଦନାମ ପାଇଁ ପ୍ରୟାସ କରୁଛି ବୋଲି କହିଛନ୍ତି । ୧୩ କୋଟି ଭୋଟର କଟାଯିବା କଥା କଂଗ୍ରେସ ଅଭିଯୋଗ କରୁଛି । ତାଲିକା ପ୍ରସ୍ତୁତ ସମୟରେ ବୁଥ ସ୍ତରରେ ବୁଥ ଏଜେଣ୍ଟଙ୍କ ଉପସ୍ଥିତିରେ ହୁଏ । ଦେଶର ନିର୍ବାଚନ କମିଶନରଙ୍କ ତରଫରୁ ଏସଆଇଆର କରାଯାଉଛି । ଯାହାକି ସ୍ୱଚ୍ଛ ଭାବରେ ହେଉଛି । କଂଗ୍ରେସ ଏହାକୁ ବିରୋଧ କରୁଛି। ସାରା ଦେଶରେ ଏକ ନେଗେଟିଭ ପରିବେଶ ସୃଷ୍ଟି କରୁଛି, ଏହା ନିନ୍ଦନୀୟ। ଫର୍ମ ୬ରେ ପରିବର୍ତ୍ତନ କରାଯାଉଥିବା କଥା କୁହାଯାଉଛି ଯାହାକି ପ୍ରକୃତରେ ପରିବର୍ତ୍ତନ କରାଯାଇନାହିଁ । ଘୋଷଣା ନାମା ଫର୍ମ ଯଥୋଚିତ ବୋଲି ସୁପ୍ରିମକୋର୍ଟ ମଧ୍ୟ କହିସାରିଛନ୍ତି ବୋଲି ମୋହନ ମାଝୀ କହିଛନ୍ତି । ଏ ସମସ୍ତ ପ୍ରକ୍ରିୟାକୁ ଡିଜିଟାଲାଇଜେସନ କରାଯାଇଛି । ୨ କୋଟି ୩୭ ଲକ୍ଷ ଭୋଟରଙ୍କୁ ସାମିଲ କରାଯାଇଛି। ଅନଲାଇନରେ ପ୍ରତି ମାସରେ ନୂଆ ଭୋଟର ସାମିଲ ହେଉଛନ୍ତି । ୧୭ କୋଟି ୧୮ ଲକ୍ଷ ନୂଆ ଭୋଟର ସାମିଲ ହେଲେଣି । ମୁଖ୍ୟ ନିର୍ବାଚନ କମିଶନ ଅନ୍ୟ ୨ କମିଶନଙ୍କୁ ଅଣଦେଖା କରି ଏକାଚାଟିଆ ନିଷ୍ପତ୍ତି ନେଉଥିବା ଅଭିଯୋଗକୁ ମଧ୍ୟ ଖଣ୍ଡନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏକ ପ୍ରକ୍ରିୟାରେ ସମସ୍ତଙ୍କୁ ନେଇ ନିଷ୍ପତ୍ତି ନେଇଥାଆନ୍ତି । ନିର୍ବାଚନ କମିଶନ ନିଯୁକ୍ତିରୁ ସୁପ୍ରିମକୋର୍ଟକୁ ବାଦ ଦେବା ଅଭିଯୋଗ କରୁଛି କଂଗ୍ରେସ । ଏହା ମଧ୍ୟ ମିଥ୍ୟା ବୋଲି କହିଛନ୍ତି । କମିଶନ ନିଯୁକ୍ତି କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ସଦସ୍ୟ ଅଛନ୍ତି ।

## ବ୍ରହ୍ମପୁର ରେଳ ଷ୍ଟେସନରୁ ଦୁଇ ନାବାଳିକା ଉଦ୍ଧାର

ଗଂଜାମ, ୨୭/୯ (ନି.ପ୍ର): ବ୍ରହ୍ମପୁର ୪ନମ୍ବର ପ୍ଲାଟଫର୍ମ ତଥା ରେଳଷ୍ଟେସନରେ ୧୨ ଓ ୧୪ ବର୍ଷର ଦୁଇ ଜଣ ନାବାଳିକା ଇତସ୍ତତ ଭାବେ ବୁଲୁଥିବା ବେଳେ ଜିଆରପି ଓ ଆରପିଏଫ ମିଳିତ ଭାବେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ପଚରାଉଚରାରୁ ଜଣାପଡିଛି ଉଭୟ ନାବାଳିକା ଦୁଇ ଜଣ ଜଟଣୀ ଅଂଚଳର । ଅଧିକ ସୁରକ୍ଷିତ ପାଇଁ ଘଟଣା ସମ୍ପର୍କରେ ଶିଶୁ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।

## ସେପ୍ଟେମ୍ବର ୩୦ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର: ସକାଳ ୬ରୁ ସନ୍ଧ୍ୟା ୫ଟା ଯାଏଁ ଦର୍ଶନ

ପୁରୀ, ୨୭/୯ (ନି.ପ୍ର): ଆଉ କିଛି ଦିନ ପରେ ଭକ୍ତଙ୍କୁ ମିଳିବ ନୂଆ ଅନୁଭୂତି । ସେପ୍ଟେମ୍ବର ୩୦ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଗ୍ରୀନ୍ ସିଗନାଲ୍ ଦିଆଯାଇଛି । ଭକ୍ତଙ୍କ ଦର୍ଶନ ପାଇଁ ସିକ୍ୟୁରିଟି ପ୍ରୋଟୋକଲ୍, ଟିକେଟ୍ କାଉଣ୍ଟର ଓ ପାନୀୟ ଜଳ ଯୋଗାଣ ଭଳି ବ୍ୟବସ୍ଥା ପ୍ରସ୍ତୁତ ହୋଇଛି । ପ୍ରାଥମିକ ଭାବେ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏଁ ଭକ୍ତମାନେ ମନ୍ଦିର ଦର୍ଶନ କରିପାରିବେ । ମନ୍ଦିର ଖୋଲିବାର ପ୍ରଥମ ୩ ଦିନ ଭକ୍ତଙ୍କ ପାଇଁ ପ୍ରବେଶ ମାଗଣା ରହିବ । ଏହାପରେ ଦର୍ଶନ ପାଇଁ ୧୦ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ । ତେବେ ବୟସ୍କ, ଶିଶୁ ଓ ଦିବ୍ୟାଙ୍ଗଙ୍କ ପାଇଁ ରହିବ ମାଗଣା ପ୍ରବେଶ ବ୍ୟବସ୍ଥା । ଦିବ୍ୟାଙ୍ଗ ଭକ୍ତଙ୍କୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦର୍ଶନ କରାଯିବ । ଏହାପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ବ୍ୟବସ୍ଥାର ଅନୁଧାନ କରିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ।

## ଉତ୍ତରପ୍ରଦେଶ: ପ୍ରବଳ ବର୍ଷା ଓ ବନ୍ୟାରେ ୫୬ ମୃତ ୧୦୦୦ରୁ ଅଧିକ ଘର ଭାଙ୍ଗିଲା



ନୂଆଦିଲ୍ଲୀ,୨୭/୯ : ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଏବଂ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ତିନି ଦିନ ମଧ୍ୟରେ ରାଜ୍ୟରେ ଅତି କମ୍‌ରେ ୫୬ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସରକାରୀ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ପ୍ରାୟ ୨୪ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତର ସବୁଠାରୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶରେ ଜୁନ୍‌ରୁ ଆଜି ସୁଦ୍ଧା ମୌସୁମୀ ବର୍ଷା ଏବଂ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ହୋଇଥିବା ଅତି ପ୍ରବଳ ଓ ଲଗାଣ ବର୍ଷା ଯୋଗୁଁ ଏତେ ସଂଖ୍ୟକ ମୃତ୍ୟୁ ଘଟିଥିବା ନେଇ ରିଲିଫ୍ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ବର୍ଷା ବିପର୍ଯ୍ୟୟରେ ୧୦୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଶୁକ୍ରବାରରୁ ରବିବାର ମଧ୍ୟରେ ରାଜ୍ୟରେ ୬୬.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସରକାରୀ ସୂଚନା ମୁତାବକ ଲଖିମପୁର ଖେରି, ଅଯୋଧ୍ୟା, ଆମେଥି, ବହରାଇଚ୍, ବାନ୍ଦା, ବାରାବଙ୍କି, ବସ୍ତି, ଫତେହପୁର, ହମିରପୁର, ହାର୍ଦୋଇ ଓ କାନପୁରରେ ବ୍ୟାପକ କ୍ଷତି ହୋଇଛି। ◆◆ପୃଷ୍ଠା ୭

## ଆକାଶରୁ ଦେଖିଲେ: ବୋଟ୍‌ରେ ବୁଲିଲେ, ବନ୍ୟାପୀଡ଼ିତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭/୯ (ନି.ପ୍ର): ଆକାଶରୁ ଦେଖିଲେ, ବୋଟ୍‌ରେ ବୁଲିଲେ, କାଦୁଅରେ ଚାଲିଲେ, ଲୋକଙ୍କୁ ଭେଟିଲେ, ରିଲିଫ୍ ଖାଦ୍ୟ ଚାଖିଲେ, । ଆଜି ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଜିଲ୍ଲା ବୁଲି ସ୍ଥିତି ଅନୁଧାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାଥିରେ ଧରି, ପ୍ରଥମେ ଆକାଶମାର୍ଗରୁ କରିଥିଲେ ନିରୀକ୍ଷଣ। ୪ ଦିନରେ ୩ ଥର ଭୂସ୍ଖଳନ ହୋଇଥିବା ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟି ସହ ହେଲିକପ୍ଟରରେ ଗଞ୍ଜାମ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ଏହାପରେ କୋରାପୁଟ ଜିଲ୍ଲାର କୋଟପାଡରେ ପହଞ୍ଚିଥିଲେ ସିଏମ୍ । ଘେରି ରହିଛି ଆଖି ପାଇବା ଯାଏ ପାଣି । ଗଭୀର ଅବପାତ ବର୍ଷାରେ ରାସ୍ତା ବୁଡ଼ିବା ପରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ଏ ଅଞ୍ଚଳ। ଜୟପୁରରୁ ସଡ଼କପଥରେ କୋଟପାଡ଼ ଯାଇ ସେଠାରୁ ବୋଟ୍‌ରେ ବସି ପହଞ୍ଚିଥିଲେ ଜଳବନ୍ଦୀ ଗାଁ ଚାନ୍ଦିଲିରେ । ◆◆ପୃଷ୍ଠା ୭

## 'ଲହରୀ ଯେତେ ଜୋର, ମଜା ସେତେ...': ଇସି ବିବାଦ ମଧ୍ୟରେ ରାହୁଲଙ୍କ ରହସ୍ୟମୟ ପୋଷ୍ଟ



ନୂଆଦିଲ୍ଲୀ,୨୭/୯ : ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରବିବାର (୨୭ ସେପ୍ଟେମ୍ବର) ସୋସିଆଲ ମିଡିଆରେ ଏକ ରହସ୍ୟମୟ ପୋଷ୍ଟ କରିଛନ୍ତି। ନିର୍ବାଚନ ଆୟୋଗର ବିଶେଷ ଗଭୀର ପୁନଃଯାଞ୍ଚ ପ୍ରକ୍ରିୟା ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ରାଜନୈତିକ ବିବାଦ ଚାଲିଥିବା ବେଳେ ରାହୁଲଙ୍କ ଏହି ପୋଷ୍ଟ ଚର୍ଚ୍ଚାରେ ରହିଛି। ଏକ୍ସରେ ପୋଷ୍ଟ କରି ରାହୁଲ ଗାନ୍ଧୀ କହିଛନ୍ତି, "ମୋତେ ସମୁଦ୍ରରେ ସେତେବେଳେ ପହଁରିବାକୁ ଭଲ ଲାଗେ, ଯେତେବେଳେ ଲହରୀ ତୀବ୍ର ଥାଏ। ଏହା ଆପଣଙ୍କୁ ଶିଖାଏ ଯେ ଉଥଳାପଥଳା ମଧ୍ୟ ଏକ ପ୍ରକାରର ଶାନ୍ତି।" ତେବେ ଏହି ପୋଷ୍ଟ କେଉଁ ପ୍ରସଙ୍ଗରେ କରାଯାଇଛି, ସେନେଇ ରାହୁଲଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ବ୍ୟାଖ୍ୟା ଦିଆଯାଇନାହିଁ। ରାହୁଲଙ୍କ ଏହି ପୋଷ୍ଟ ଏପରି ସମୟରେ ଆସିଛି, ଯେତେବେଳେ ଏସଆଇଆର ଏବଂ ସିଇସି ଜ୍ଞାନେଶ କୁମାରଙ୍କୁ ନେଇ ନିର୍ବାଚନ ଆୟୋଗ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ବିବାଦ ଚାଲିଛି। ଏକ ରିପୋର୍ଟ ଅନୁସାରେ, ଅନ୍ୟ ଦୁଇ ନିର୍ବାଚନ କମିଶନର ଡ. ସୁଖବୀର ସିଂହ ସାନ୍ଧୁ ଏବଂ ଡ. ବିବେକ ଯୋଶୀ ଏସଆଇଆର ସମ୍ପର୍କିତ କିଛି ପ୍ରସଙ୍ଗରେ ପ୍ରଶ୍ନ ଉଠାଇଥିବା ଦାବି କରାଯାଇଥିଲା। ତେବେ ଏହାକୁ ନେଇ ନିର୍ବାଚନ ଆୟୋଗ ସ୍ପଷ୍ଟୀକରଣ ଦେଇଥିଲା। ଆୟୋଗ କହିଥିଲା ଯେ ଏସଆଇଆର ସମ୍ପର୍କିତ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଛି। ଅନ୍ୟପଟେ, ଏହି ବିବାଦକୁ ଆଧାର କରି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସିଇସି ଜ୍ଞାନେଶ କୁମାରଙ୍କୁ ନେଇ ପ୍ରଶ୍ନ ଉଠାଇ ଆସୁଛନ୍ତି। ରାହୁଲ ଗାନ୍ଧୀ ତାଙ୍କୁ ଦୁଇଟି ବିକଳ୍ପ ଦେଇଥିବା କହିଛନ୍ତି—ପଦରୁ ଇସ୍ତଫା ଦେବା କିମ୍ବା 'ଆପ୍ରୁଭର' ହୋଇ ଭୋଟ ଚୋରି ପଛରେ କିଏ ଅଛି, ତାହା ପ୍ରକାଶ କରିବା।

# ଯୋଗାଣ ସହାୟକଙ୍କ ଦାବି ପୂରଣ କରନ୍ତୁ ସରକାର: ନରସିଂହ

ବଲାଙ୍ଗିର,୨୭/୦୯ (ନି.ପ୍ର): ସାରା ରାଜ୍ୟର ଯୋଗାଣ ସହାୟକମାନେ ଭୁବନେଶ୍ୱରରେ ଆନ୍ଦୋଳନ ପାରିଶ୍ରମିକ ବୃଦ୍ଧି ସହ ଅନ୍ୟାନ୍ୟ ଅସୁବିଧାର ସମାଧାନ ପାଇଁ ଆନ୍ଦୋଳନ କରୁଛନ୍ତି । ବଲାଙ୍ଗିର ଜିଲ୍ଲାରେ ମଧ୍ୟ ପଂଚାୟତ ମାନଙ୍କରେ କାମ କରୁଥିବା ପାଖାପାଖି ୨୩୦ ଜଣ ଯୋଗାଣ ସହାୟକ ଆନ୍ଦୋଳନରେ ଯୋଗଦେଇ ତାଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ନେଇ ସରକାରଙ୍କ ସମ୍ମୁଖରେ ରଖିଛନ୍ତି । ତାଙ୍କର ମୁଖ୍ୟ ଦାବି ମାସିକ ପାରିଶ୍ରମିକ ରାଶି ବୃଦ୍ଧି କରାଯାଉ । ବର୍ତ୍ତମାନ ସେମାନେ ପାଉଥିବା ୮ହଜାର ଟଙ୍କା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀରୁ ମଧ୍ୟ ବହୁତ କମ୍ । ସରକାର ଚାକିରୀ ପ୍ରଦାନ କ୍ଷେତ୍ରରେ ଜନମଙ୍ଗଳକାରୀ ପଦକ୍ଷେପ ନେବା ପରିବର୍ତ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ମଣିଷର ଦୈନନ୍ଦିନ ଗୁଜୁରାଣ ମେଂଟି ନ ପାରିବା ଭଳିଆ ପାରିଶ୍ରମିକ ନ ଦେଇ ଲୋକଙ୍କର ଜୀବନ ଜିଇଁବାର ଅଧିକାରକୁ କ୍ଷୂର୍ଣ୍ଣ କରୁଛି । ମାତ୍ର ୮ ହଜାର ଟଙ୍କାରେ ଜଣେ ଯୋଗାଣ ସହାୟକ ତାର ପରିବାର ଚଳାଇବ କିପରି ? ତେଣୁ ସରକାର ଯେତେ ଶୀଘ୍ର ହେବ ଆନ୍ଦୋଳନରତ ଯୋଗାଣ ସହାୟକ ପାଖକୁ ଯାଇ ଆଲୋଚନା ମାଧ୍ୟମରେ ତାଙ୍କର ଦାବି ଗୁଡିକୁ ତୁରନ୍ତ ପୂରଣ କରନ୍ତୁ ବୋଲି ଆଜି ନିଜ ଆବାସିକ କାର୍ଯ୍ୟାଳୟରେ ବଲାଙ୍ଗିର ଜିଲ୍ଲାର ଆନ୍ଦୋଳନରତ ଯୋଗାଣ ସହାୟକମାନଙ୍କର ଦାବି ଓ ଅନୁରୋଧ ଶୁଣିଲା ପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଯୋଗାଣ ସହାୟକଙ୍କ ଜିଲ୍ଲା ସଭାପତି ଅମୂଲ୍ୟ ବାରିକଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳଙ୍କ ଆଲୋଚନା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଓ ବଲାଙ୍ଗିର ଜିଲ୍ଲାପାଳଙ୍କ ସହ ଫୋନ ମାଧ୍ୟମରେ ଆଲୋଚନା କରିଥିଲେ । ଯେହେତୁ ଏହି ସମସ୍ୟାରେ ସାରା ରାଜ୍ୟରେ ଦେଖାଦେଇଛି ତେଣୁ ଯୋଗାଣ ସହାୟକଙ୍କ ଦାବିକୁ ନେଇ ଶ୍ରୀ ମିଶ୍ର ଫୋନ ମାଧ୍ୟମରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସକରାତ୍ମକ ଥିବା ବେଳେ ମୁଖ୍ୟ ଶାସନ ସଚିବ ଏହାକୁ ନେଇ କଣ ପଦକ୍ଷେପ ନିଆଯାଇ ପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି ଶ୍ରୀ ମିଶ୍ରଙ୍କୁ କହିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଯୋଗାଣ ସହାୟକମାନଙ୍କୁ ଜିଲ୍ଲାର ଉପଯୋଗାଣ ଅଧିକାରୀ କାର୍ଯ୍ୟରୁ ବାହାର କରିଦେବା ଭଳିଆ ଧମକ ଦେଉଥିବା ସହ ତାଙ୍କ ସ୍ଥାନରେ ଅଲଗା ଲୋକଙ୍କୁ ନିଯୋଜିତ କରାଯିବ ବୋଲି କହୁଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ । ଦରକାର ପଡିଲେ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସମ୍ମୁଖରେ ଜିଲ୍ଲାର ସମସ୍ତ ଯୋଗାଣ ସହାୟକ ଏହି ଧମକ ବିରୁଦ୍ଧରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଆନ୍ଦୋଳନକାରୀମାନେ ଶ୍ରୀ ମିଶ୍ରଙ୍କ ଆଗରେ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ଶ୍ରୀ ମିଶ୍ରଙ୍କ ଆଲୋଚନା କରିଥିବା ଯୋଗାଣ ସହାୟକଙ୍କ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଂପାଦକ ତପସ୍ୱିନୀ ପ୍ରଧାନ, ପିତାମ୍ବର ନାଏକ, ରାଜ କୁମାର ପୋଡ, ସରଜୁ ପ୍ରଧାନୀ, ଅଭିଳାଶ ସାହୁ, ଯୁଶୋଶ୍ୱରୀ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଭୋଇ, ବ୍ରଜ ମହାନନ୍ଦ, ଶୁଶାନ୍ତ ଦାଶ, ବନମାଳି ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଆରୁହା ପଞ୍ଚାୟତର ୭ଟି ଅଙ୍ଗନବାଡ଼ି କେନ୍ଦ୍ରରେ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ସହିତ 'ଆଙ୍ଗନ୍ କା ଉତ୍ସବ' ଉଦ୍‌ଘାଟିତ



ଜଳେଶ୍ୱର,୨୭/୦୯ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ,ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ସାତୋଟି ଅଙ୍ଗନବାଡ଼ି କେନ୍ଦ୍ରରେ ନବମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ଅବସରରେ 'ଆଙ୍ଗନ୍ କା ଉତ୍ସବ' କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି ।ସୁସ୍ଥ ଶିଶୁ,ସୁସ୍ଥ ପରିବାର,ସମୃଦ୍ଧ ଓଡ଼ିଶା ଏବଂ ଆମ ଅଙ୍ଗନୱାଡ଼ି, ଆମ ଦାୟିତ୍ୱ ଆଭିମୁଖ୍ୟକୁ ନେଇ ସେପ୍ଟେମ୍ବର ୯ ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୋଷଣ ମାସ ଅବସରରେ, ସେପ୍ଟେମ୍ବର ୨୭ ରୁ ୨୯ ପର୍ଯ୍ୟନ୍ତ ତିନି ଦିନବ୍ୟାପୀ 'ଆଙ୍ଗନ୍ କା ଉତ୍ସବ' ପାଳନ କରାଯାଉଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋପୀମୋହନପୁର ସେକ୍ଟରର ଶାଳିକୋଠା-୨ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଆୟୋଜିତ ଏହି ମୁଖ୍ୟ କାର୍ଯ୍ୟକ୍ରମକୁ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।ଏହି ଅବସରରେ ସମିତି ସଭ୍ୟା ମଧୁମିତା ମହାନ୍ତି,ନାଏବ ସରପଞ୍ଚ ବରୁଣ ଜେନା,ସାମ୍ବାଦିକ ମନୋଜ କୁମାର ଭୂୟାଁ,ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ଓ ମା'ମାନଙ୍କ ପୋଷଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମାରୋହରେ ଆରୁହା ପଞ୍ଚାୟତର ସୁପରଭାଇଜର ସୁକାନ୍ତୀ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଙ୍ଗନବାଡ଼ି କର୍ମୀ କିରଣବାଳା ମହାନ୍ତି, ହରିପ୍ରିୟା ବେହେରା, ଭାରତୀ ବାରିକ, ହେମଙ୍ଗିନି ପାଣିଗ୍ରାହୀ, ପ୍ରତିଭା ମଞ୍ଜରୀ ଦାସ,ଅପର୍ଣ୍ଣା ପ୍ରଧାନ ଏବଂ ତପସ୍ୱିନୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଗର୍ଭବତୀ,ପ୍ରସୂତୀ ମା' ଏବଂ ଶିଶୁମାନଙ୍କ ସୁଷମ ଖାଦ୍ୟ,ସ୍ୱାସ୍ଥ୍ୟ ସଚେତନତା ଓ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଉତ୍ସବରେ ସ୍ଥାନୀୟ ମାତୃମଣ୍ଡଳୀ ଓ ବହୁ ଗ୍ରାମବାସୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ଟି.ଏସ୍ ପି ପକ୍ଷରୁ କନ୍ଧମାଳରେ କଦଳୀ ଚାଷର ବିକାଶ ପାଇଁ ପଦକ୍ଷେପ: ଜିଲ୍ଲାରେ ନୂଆ ସମ୍ଭାବନାର ଆଶା

କନ୍ଧମାଳ,୨୭/୦୯ (ନି.ପ୍ର): ବୈଜ୍ଞାନିକ ଜ୍ଞାନକୌଶଳ ଓ ଉନ୍ନତ ଚାଷ ପ୍ରଣାଳୀ ଆପଣାଇ ଆଦିବାସୀ ଚାଷୀମାନେ ଏବେ ସ୍ୱାବଲମ୍ବୀ ହେବାର ନୂଆ ବାଟ ପାଇଛନ୍ତି। କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କର୍ଣ୍ଡାଡା ଗ୍ରାମ ପଂଚାୟତର ମିଣିଆ ଗ୍ରାମରେ 'ଜନଜାତି ଉପଯୋଜନା' (ଟିଏସ୍ପି) ପଦକ୍ଷେପ ମାଧ୍ୟମରେ ଏକ ସ୍ୱତନ୍ତ୍ର କଦଳୀ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ଅଧୀନରେ ୫୦ରୁ ଅଧିକ ଆଦିବାସୀ ପରିବାରଙ୍କୁ ଉତ୍ପାଦକତା ଓ ଆୟ ବୃଦ୍ଧି ସହିତ ସ୍ଥାୟୀ କୃଷି ପ୍ରଣାଳୀ ଆପଣାଇବା ଲକ୍ଷ୍ୟରେ ଆଧୁନିକ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି ଅବସରରେ ଚାଷୀମାନଙ୍କୁ ଚାଷ କାର୍ଯ୍ୟରେ ସହାୟତା ପାଇଁ ଆବଶ୍ୟକୀୟ କୃଷି ଉପକରଣ ସହିତ ଗ୍ରାଣ୍ଡ୍ ନାଇନ୍, ଚମ୍ପା, ଗଜବଂଟାଳ ଏବଂ ପାଟକପୁରା ଭଳି ଉନ୍ନତ କିସମର କଦଳୀ ଚାରା ଯୋଗାଇ ଦିଆଯାଇଥିଲା । ବିଶେଷ କରି କଦଳୀ କାନ୍ଦି ବାହାରିବା ଠାରୁ ଅମଳ ପର୍ଯ୍ୟନ୍ତ ବିଭିନ୍ନ ପରିଚାଳନା ପଦ୍ଧତି ଏବଂ କଦଳୀ ଫସଲରେ ପାନାମା ୱିଲ୍ଟ ରୋଗର ନିରାକରଣ ଉପରେ ବିସ୍ତୃତ ତାଲିମ ଦିଆଯାଇଥିଲା । ରୋପଣ ପୂର୍ବରୁ କନ୍ଦ ଶୁଦ୍ଧିକରଣ (କର୍ମ କ୍ୟୁରିଂ) କୌଶଳ ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅଧିବେଶନ ଆୟୋଜନ କରାଯିବା ସହ ଅମଳ ପରବର୍ତ୍ତୀ ପରିଚାଳନା ଏବଂ କଦଳୀଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଅବସରରେ କନିଷ୍ଠ ଉଦ୍ୟାନବିତ୍ ଡ. ସୌଦାମିନୀ ସ୍ୱାଇଁ ଏବଂ କନିଷ୍ଠ ଉଦ୍ଭିଦ ରୋଗ ବିଶେଷଜ୍ଞ ଡ. ନିରଞ୍ଜନ ଚିନାରା ଯୋଗଦେଇ ଚାଷୀମାନଙ୍କୁ ଉନ୍ନତ ଚାଷ ତଥା ଫସଲ ସୁରକ୍ଷା ପଦ୍ଧତି ବିଷୟରେ ମାର୍ଗଦର୍ଶନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏହି ଅଂଚଳର ଆଦିବାସୀ ଚାଷୀମାନେ ଗତ ପାଂଚ ବର୍ଷ ଧରି କଦଳୀ ଚାଷରେ ନିୟୋଜିତ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଉନ୍ନତ ଚାଷ ପ୍ରଣାଳୀ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ନିଜର ଆର୍ଥିକ ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛନ୍ତି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ସେମାନଙ୍କ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ସହ ଫସଲ ନଷ୍ଟ ହ୍ରାସ କରିବା ଏବଂ ବ୍ୟବସାୟିକ କଦଳୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବା । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ମାନ୍ୟବର କୁଳପତି ପ୍ରଫେସର ପ୍ରଭାତ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହାୟତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି । ଏଥିସହ ଓୟୁଏଟି ଗବେଷଣା ବିଭାଗର ଡିନ୍ ଡ. ନିରଞ୍ଜନ ପଣ୍ଡାଙ୍କ ମାର୍ଗଦର୍ଶନ ଏବଂ ଫଳ ସମ୍ପର୍କିତ 'ଏଆଇସିଆରପି' ର ପ୍ରକଳ୍ପ ସଂଯୋଜକ ଡ. ପ୍ରକାଶ ପାଟିଲଙ୍କ ନେତୃତ୍ୱରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ବୈଜ୍ଞାନିକ ହସ୍ତକ୍ଷେପ, ଦକ୍ଷତା ବିକାଶ ଏବଂ ଉନ୍ନତ ସମ୍ବଳର ଉପଲବ୍ଧତା ମାଧ୍ୟମରେ ଜନଜାତି ଉପଯୋଜନା (ଟିଏସ୍ପି) ଆଦିବାସୀ ସମ୍ପ୍ରଦାୟକୁ ଅଧିକ କୃଷି ସମୃଦ୍ଧି ତଥା ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ନେବାରେ ସହାୟକ ହେଉଛି ।

# ବିକଶିତ ଭାରତ ୨୦୪୭ ଶୀର୍ଷକ ଜାତୀୟ ଆଲୋଚନାଚକ୍ର

ଭୁବନ,୨୭/୦୯ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆଇ କ୍ୟୁ ଏ ସି ଆନୁକୂଲ୍ୟରେ ବିକଶିତ ଭାରତ ୨୦୪୭ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ ଉଦଘାଟନ କରିଥିଲେ । ଡକ୍ଟର ମମତା ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଓ ମୁଖ୍ୟବକ୍ତା ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ଆର୍ଥିକ, ସାମଜିକ ଓ ବିଜ୍ଞାନର ସାମୂହିକ ବିକାଶ ହୋଇପାରିଲେ ଆମେ ବିକଶିତ ଭାରତ ଗଠନ କରିପାରିବା ବୋଲି ମତବ୍ୟକ୍ତ କରିଥିଲେ । ମଙ୍ଗଳ ଗ୍ରହକୁ ଯିବା ସହ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ମଙ୍ଗଳ ସହ ପ୍ରକୃତି ଓ ପରିବେଶର ସୁରକ୍ଷା ହେଲେ ଆମେ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବା ବୋଲି କହିଥିଲେ । ଅଧାପିକା ଡକ୍ଟର ନମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱରରେ ଏବିଭିପି ଓଡ଼ିଶା ପୂର୍ବର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୭/୦୯ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବାଲେଶ୍ୱର ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମସ୍ତ ପ୍ରାନ୍ତ ପଦାଧିକାରୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସମସ୍ତ ବିଭାଗ ପ୍ରମୁଖ ଓ ସଂଯୋଜକ, ଜିଲ୍ଲା ପ୍ରମୁଖ ଓ ସଂଯୋଜକ, ସମସ୍ତ ଆୟାମ, ଗତିବିଧି ଓ କାର୍ଯ୍ୟର ପ୍ରାନ୍ତ ପ୍ରମୁଖ ଓ ସଂଯୋଜକ ତଥା ଜିଲ୍ଲା ଓ ବିଭାଗ ଛାତ୍ରୀ ପ୍ରମୁଖଙ୍କୁ ମିଶାଇ ମୋଟ ୧୨୦ ଜଣ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ହେବେ । ଏହି କାର୍ଯ୍ୟକାରିଣୀ ବୈଠକରେ ବର୍ତ୍ତମାନ ରାଜ୍ୟରେ ଥିବା ଶୈକ୍ଷିକ ଏବଂ ସାମାଜିକ ପରିସ୍ଥିତି ଉପରେ ବିସ୍ତୃତ ଚର୍ଚ୍ଚା କରାଯିବ । ବିଶେଷ କରି ଶିକ୍ଷା, ସାମାଜିକ, ରାଜ୍ୟର ସୁରକ୍ଷା, ଆର୍ଥିକ ଏବଂ ସମସାମୟିକ ବିଷୟ ଉପରେ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ କରାଯିବ । ଏହା ସହିତ ଆସନ୍ତା ୨୮ ସେପ୍ଟେମ୍ବରରେ ଶୁଭେଚ୍ଛୁ, ପୁରାତନ ଏବଂ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ମଧ୍ୟ ଅନୁଷ୍ଠିତ ହେବ, ଯେଉଁଥିରେ ସମସ୍ତ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିବେ । ଏହି ବୈଠକରେ ଆଗାମୀ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ଏବିଭିପି ପକ୍ଷରୁ ବଡ଼ ରଣନୀତି ପ୍ରସ୍ତୁତ କରାଯିବ । ଏଥିପାଇଁ ହେବାକୁ ଥିବା ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକରେ ଓଡ଼ିଶାର ବିଭିନ୍ନ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମୌଳିକ ସମସ୍ୟା ଏବଂ ଆଗାମୀ ନିର୍ବାଚନୀ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ । ଏଥିସହ ଏବିଭିପିର ସାଙ୍ଗଠନିକ ସ୍ଥିତି, ଆଗାମୀ ଦିନରେ ସଂଗଠନର ବିସ୍ତାର ଏବଂ ଏହାର ସୁଦୃଢ଼ୀକରଣକୁ ନେଇ ବିଶେଷ ସମୀକ୍ଷା ଓ ଚର୍ଚ୍ଚା କରାଯିବ ବୋଲି ଏବିଭିପି ପକ୍ଷରୁ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଏବିଭିପି ଓଡ଼ିଶା ପୂର୍ବର ରାଜ୍ୟ ସହ-ସମ୍ପାଦକ ଉଜ୍ଜ୍ୱଳ ପ୍ରଦୀପ ସାମଲ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କ୍ଷୀରୋଦ ପଣ୍ଡା ଓ ଜ୍ୟୋତିରେଖା ଭୂୟାଁ, ପ୍ରାନ୍ତ ଗଣମାଧ୍ୟମ ସହ - ସଂଯୋଜକ ଓମକାର ମହାନ୍ତି ଏବଂ ବାଲେଶ୍ୱର ଜିଲ୍ଲା ସଂଯୋଜକ ଜୀତମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଲିହାଗଡ଼ କ୍ରାନ୍ତି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,୨୭/୦୯ (ନି.ପ୍ର): ସାଲିହାଗଡ଼ କ୍ରାନ୍ତି ଦିବସକୁ ଗରିମାମୟ ଓ ସୁସଂଗଠିତ ଭାବେ ପାଳନ କରିବା ନେଇ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ଆବଶ୍ୟକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

ବୈଠକରେ ବନଖଣ୍ଡ ଅଧିକାରୀ (ପ୍ରା) ମ. ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଏସ୍ଡିସି ଅଧ୍ୟକ୍ଷ ହୋମ ସିଂ ମାଝୀ, ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖାମ ସିଂ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା ନୂଆପଡ଼ା ବିଡିଓ ରୋହିତ ଭୋଇ, ନୂଆପଡ଼ା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଡାକିବା ସ୍ମୃତି କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

ବୈଠକରେ କ୍ରାନ୍ତି ଦିବସ ପାଳନର ଉଦ୍ଦେଶ୍ୟ, କାର୍ଯ୍ୟକ୍ରମର ରୂପରେଖା, ଅତିଥି ଆମନ୍ତ୍ରଣ, ଶୃଙ୍ଖଳା, ମଂଚ ପରିଚାଳନା, ପାନୀୟ ଜଳ, ପରିମଳ, ଯାତାୟାତ ଓ ସୁରକ୍ଷା ବ୍ୟବସ୍ଥା ସମେତ ବିଭିନ୍ନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା । ସାଲିହାଗଡ଼ା କ୍ରାନ୍ତିର ଐତିହାସିକ ଗୁରୁତ୍ୱ ଓ ଏହା ସହ ଜଡ଼ିତ ବୀରତା, ତ୍ୟାଗ ଓ ସଂଗ୍ରାମର ସ୍ମୃତିକୁ ନୂତନ ପିଢ଼ି ନିକଟରେ ପହଂଚାଇବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଐତିହାସିକ ଘଟଣାବଳୀ ଓ ସ୍ଥାନୀୟ ସଂଗ୍ରାମୀମାନଙ୍କ ଅବଦାନକୁ ସମ୍ମାନର ସହ ସ୍ମରଣ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଐତିହ୍ୟ ଓ ଦେଶପ୍ରେମର ଭାବନା ଜାଗ୍ରତ କରିବା ଦିଗରେ କାର୍ଯ୍ୟକ୍ରମକୁ ଅର୍ଥପୂର୍ଣ୍ଣ କରିବା ନେଇ ମତ ପ୍ରକାଶ ପାଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶ ସମସ୍ତ ବିଭାଗ ଓ ସମ୍ପୃକ୍ତ କମିଟିର ସଦସ୍ୟମାନଙ୍କୁ ନିଜ ନିଜ ଦାୟିତ୍ୱର ସମନ୍ୱୟରେ ସମୟୋପଯୋଗୀ ଭାବେ ପ୍ରସ୍ତୁତି ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ । ସାଲିହାଗଡ଼ା କ୍ରାନ୍ତି ଦିବସର ଐତିହାସିକ ଗରିମାକୁ ଅକ୍ଷୁଣ୍ଣ ରଖି କାର୍ଯ୍ୟକ୍ରମକୁ ସଫଳ ଓ ସ୍ମରଣୀୟ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରାଯାଇଥିଲା ।

# ସ୍ୱର୍ଗତ ସାମ୍ବାଦିକ ଶ୍ରୀ ମିହିର ପାଣିଗ୍ରାହୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ବାଲେଶ୍ୱର,୨୭/୦୯ (ନି.ପ୍ର): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସାମ୍ବାଦିକ ପ୍ରକୋଷ୍ଠରେ ସ୍ୱର୍ଗତ ସାମ୍ବାଦିକ ଶ୍ରୀ ମିହିର ପାଣିଗ୍ରାହୀଙ୍କ ସ୍ମୃତିଚାରଣ ସଭା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବାଲେଶ୍ୱରର ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ ସେ କହିଥିଲେ କି ସ୍ୱର୍ଗତ ପାଣିଗ୍ରାହୀଙ୍କ ଭଳି ସତ୍ୟ ନିଷ୍ଠ ସାମ୍ବାଦିକ ଆଜିକାଲି ମିଳିବା ଅସମ୍ଭବ । ମୁଁ ତାଙ୍କୁ ମୋର କଲେଜ ଜିବନରୁ ଜାଣିଥିଲି । ଅନ୍ୟ ସମ୍ମାନିତ ଅତିଥି ଭାବେ ପ୍ରେସ ଇମ୍ପ୍ରେସ କ୍ଲବର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ଯୋଗଦେଇ କହିଥିଲେ କି ସ୍ୱର୍ଗତ ପାଣିଗ୍ରାହୀ ମୋ ବାପାଙ୍କର ଜଣେ ଉତ୍ତମ ବନ୍ଧୁ ଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ସିଡବ୍ଲୁସିର ପୂର୍ବତନ ସଦସ୍ୟ ପ୍ରିୟରଞ୍ଜନ ବାବୁ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଭାବରେ ବାଲେଶ୍ୱର ୱେଲଫେର ସୋସାଇଟର ଅଧ୍ୟକ୍ଷ ଦିବାକର ସ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ ।ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ସରକାରୀ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ରବି ରାଉତଙ୍କୁ ଓ ମିତାଞ୍ଜଳୀ ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱର୍ଗତ ସାମ୍ବାଦିକ ସାନ୍ତନୁ କୁମାର ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ସେ ମାତ୍ର ପାଞ୍ଚ ଦିନ ପୂର୍ବରୁ ସ୍ୱର୍ଗାରୋହଣ କରିଛନ୍ତି । କମିଟିର ସମ୍ପାଦକ ଶ୍ରୀ ଗଗନ କୁମାର ସେଠୀ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ ।ଏହି ସ୍ମୃତିଚାରଣ ସଭାରେ ଗୟାଧର କର, ସମ୍ବିତ ବେହେରା,ସରତ ବାରିକ,କମଳା କାନ୍ତ ନାୟକ, ପଦ୍ମଲୋଚନ ଦତ୍ତ,ଯୋସଦାନନ୍ଦନ ଆସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ ।ସର୍ବ ଶେଷରେ ସାମ୍ବାଦିକ ଭଗବାନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ତର୍ଜୁମାନ ଅଦବୀ ସଙ୍ଗମ ପକ୍ଷରୁ 'ଏକ ଶାମ୍ ନସୀମ ଅଖତରଙ୍କ ନାମ' ସର୍ବଭାରତୀୟ ମୁଶାଏରା ଓ କବି ସମ୍ମିଳନୀ ଆୟୋଜିତ



ବାଲେଶ୍ୱର,୨୭/୦୯ (ନି.ପ୍ର): ତର୍ଜୁମାନ ଅଦବୀ ସଙ୍ଗମ, ବାଲେଶ୍ୱର ପକ୍ଷରୁ ଶନିବାର ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ୍ କ୍ଲବ୍‌ଠାରେ ପ୍ରସିଦ୍ଧ ସାହିତ୍ୟିକ, କବି ତଥା ଉର୍ଦ୍ଦୁ ଓ ହିନ୍ଦୀ ସାହିତ୍ୟର ପ୍ରଚାର-ପ୍ରସାରରେ ସକ୍ରିୟ ବ୍ୟକ୍ତିତ୍ୱ ମହମ୍ମଦ ନସୀମ ଅଖତରଙ୍କ ସମ୍ମାନାର୍ଥେ 'ଏକ ଶାମ୍ ନସୀମ ଅଖତର କେ ନାମ' ଶୀର୍ଷକରେ ଏକ ଭବ୍ୟ ସର୍ବଭାରତୀୟ ମୁଶାଏରା ଓ କବି ସମ୍ମିଳନୀ ଆୟୋଜିତ ହୋଇଥିଲା । ଉର୍ଦ୍ଦୁ, ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା—ଚାରିଟି ଭାଷାର କବି ଓ କବୟିତ୍ରୀଙ୍କ ଯୋଗଦାନ ଏହି ସାହିତ୍ୟିକ ସନ୍ଧ୍ୟାକୁ ଏକ ଅନନ୍ୟ ଓ ସ୍ମରଣୀୟ ରୂପ ପ୍ରଦାନ କରିଥିଲା । କାର୍ଯ୍ୟକ୍ରମର ଆରମ୍ଭ ଫରହଦ ନାଜଙ୍କ ସ୍ୱାଗତ ଅଭିଭାଷଣରୁ ହୋଇଥିଲା । ସେ ଉପସ୍ଥିତ ଅତିଥି ଓ ଦର୍ଶକମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ସେ ତର୍ଜୁମାନ ଅଦବୀ ସଙ୍ଗମର ଚେୟାରମ୍ୟାନ୍ ଅଜିମ୍ ବାଲେଶ୍ୱରୀଙ୍କୁ ମାଇକ୍ ହସ୍ତାନ୍ତର କରିଥିଲେ । ଅଜିମ୍ ବାଲେଶ୍ୱରୀ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ । କାର୍ଯ୍ୟକ୍ରମରେ ଡା. ରୁକେୟା ଜମାଲ୍ ସଭାପତିତ୍ୱ କରିଥିବାବେଳେ ସମାଜସେବୀ ହାଜି ମୋଇନୁଲ୍ ଇସଲାମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ଅନ୍ୟ ଅତିଥିମାନଙ୍କ ସହ ମିଶି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଔପଚାରିକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଡା. ଇରଫାନ୍, ବାଲେଶ୍ୱର ବାର୍ ଆସୋସିଏସନ୍‌ର ସଭାପତି ମନୋଜ ନାୟକ, ପ୍ରତିମା ପଣ୍ଡା, ପଙ୍କଜ କୁମାର, ରିତିକ ଜୀ ଓ ସୟଦ ସଲିମ୍ ରଜାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଉପସ୍ଥିତ ଥିଲେ । ମହମ୍ମଦ ମୁଇନୁଲ୍ ହକ୍ ନାତ୍-ଏ-ପାକ୍ ପରିବେଷଣ କରିଥିଲେ । ଏହା ସହିତ ସାହିତ୍ୟିକ ସନ୍ଧ୍ୟାର ଆରମ୍ଭ ଏକ ଆଧ୍ୟାତ୍ମିକ ଓ ସାହିତ୍ୟିକ ପରିବେଶରେ ହୋଇଥିଲା ।ଏହି ସର୍ବଭାରତୀୟ ମୁଶାଏରା ଓ କବି ସମ୍ମିଳନୀର ମଞ୍ଚ ପରିଚାଳନା କୋଲକାତାର ଆଡଭୋକେଟ୍ ଶକିଲ୍ କୋଣ୍ଡୱୀ ଏବଂ ଶ୍ରୀ ମଧୁସୂଦନ ମିଶ୍ର ଅତ୍ୟନ୍ତ ସୁନ୍ଦର ଓ ସୁଚାରୁ ଢଙ୍ଗରେ କରିଥିଲେ ।ମୁଶାଏରାରେ ଉର୍ଦ୍ଦୁ, ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ଭାଷାର କବି ଓ କବୟିତ୍ରୀମାନେ ନିଜ ନିଜ ରଚନା ପରିବେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମନୋରଞ୍ଜିତ କରିଥିଲେ ।ଉର୍ଦ୍ଦୁ କବିତାର ପ୍ରତିନିଧିତ୍ୱ ତୌଫିକ୍ ସାଗର ଓ ଶୋଏବ୍ ଆୟାଜ୍ କରିଥିବାବେଳେ, ଓଡ଼ିଆ ଭାଷାରେ ଜୟନ୍ତ ହଂସରାଜ ଓ ପଦ୍ମଲୋଚନ ପ୍ରଧାନ ନିଜ କବିତା ପରିବେଷଣ କରିଥିଲେ । ହିନ୍ଦୀର ପ୍ରସିଦ୍ଧ କବି ସୁବଲ କୁମାର ଦାସ ଓ ଆଲୋକ କୁମାର ମହାନ୍ତି ନିଜ ରଚନା ମାଧ୍ୟମରେ ଶ୍ରୋତାଙ୍କୁ ପ୍ରଭାବିତ କରିଥିବାବେଳେ, ବଙ୍ଗଳା କବିତା ତପନ କୁମାର ଦାସ ଓ ସତ୍ୟସୁନ୍ଦର ସାମନ୍ତ ପରିବେଷଣ କରି ବିପୁଳ ପ୍ରଶଂସା ସାଉଁଟିଥିଲେ ।ଚାରିଟି ଭିନ୍ନ ଭାଷାର କବି ଓ କବୟିତ୍ରୀଙ୍କ ଏକ ମଞ୍ଚରେ ଉପସ୍ଥିତି ଏହି ମୁଶାଏରାକୁ କେବଳ ସାହିତ୍ୟିକ ବିବିଧତା ପ୍ରଦାନ କରିନଥିଲା, ବରଂ ଭାଷା ଓ ସଂସ୍କୃତିର ସମନ୍ୱୟର ଏକ ସୁନ୍ଦର ଉଦାହରଣ ମଧ୍ୟ ସୃଷ୍ଟି କରିଥିଲା । ବିଭିନ୍ନ ଭାଷାରେ ପରିବେଷିତ କବିତା ଓ କାବ୍ୟପାଠକୁ ଉପସ୍ଥିତ ଦର୍ଶକମାନେ ଭରପୂର ପ୍ରଶଂସା କରିଥିଲେ ।କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପ୍ରସିଦ୍ଧ ସାହିତ୍ୟିକ ଓ କବି ମହମ୍ମଦ ନସୀମ ଅଖତରଙ୍କ ସାହିତ୍ୟିକ ସେବାକୁ ସମ୍ମାନ ଜଣାଇବା । ଏହି ଅବସରରେ ତାଙ୍କର ଦୀର୍ଘ ସାହିତ୍ୟିକ ଓ ସୃଜନଶୀଳ ଅବଦାନ, ଉର୍ଦ୍ଦୁ ଓ ହିନ୍ଦୀ ସାହିତ୍ୟର ପ୍ରଚାର-ପ୍ରସାର ପାଇଁ ତାଙ୍କ ପ୍ରୟାସ ଏବଂ ସାହିତ୍ୟିକ ଓ ସାଂସ୍କୃତିକ କ୍ଷେତ୍ରରେ ତାଙ୍କ ଭୂମିକାକୁ ସ୍ମରଣ କରି ତାଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା ।ବକ୍ତାମାନେ କହିଥିଲେ ଯେ ବିଭିନ୍ନ ଭାଷା ଓ ସଂସ୍କୃତିକୁ ପରସ୍ପର ସହ ଯୋଡ଼ିବାରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଭଳି କାର୍ଯ୍ୟକ୍ରମ ନୂଆ ପିଢ଼ିକୁ ସାହିତ୍ୟ ସହ ଯୋଡ଼ିବା ସହ ସମାଜରେ ଭାଷାଗତ, ସାହିତ୍ୟିକ ଓ ସାଂସ୍କୃତିକ ସମନ୍ୱୟକୁ ମଧ୍ୟ ମଜବୁତ କରିଥାଏ ।ଅତିଥିମାନେ ନିଜ ଅଭିଭାଷଣରେ ସାହିତ୍ୟିକ ସମାରୋହ ଆୟୋଜନକୁ ସମୟର ଆବଶ୍ୟକତା ବୋଲି ବର୍ଣ୍ଣନା କରି କହିଥିଲେ ଯେ କବିତା ଓ ସାହିତ୍ୟ ବିଭିନ୍ନ ଭାଷା ମଧ୍ୟରେ ଏକ ମଜବୁତ ସମ୍ପର୍କ ସ୍ଥାପନର ପ୍ରଭାବଶାଳୀ ମାଧ୍ୟମ ।କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସଭାପତି ଡା. ରୁକେୟା ଜମାଲ୍ ସଭାପତିୟ ଅଭିଭାଷଣ ପ୍ରଦାନ କରିଥିଲେ । ସେ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଚାରିଟି ଭାଷାର କବି ଓ କବୟିତ୍ରୀମାନଙ୍କୁ ଏକ ମଞ୍ଚରେ ଏକତ୍ରିତ କରିଥିବାରୁ ତର୍ଜୁମାନ ଅଦବୀ ସଙ୍ଗମର ପ୍ରୟାସକୁ ପ୍ରଶଂସା କରିଥିଲେ ।ଏହାପରେ ତର୍ଜୁମାନ ନ୍ୟୁଜ୍ ଟାଇମ୍ ପକ୍ଷରୁ ଶିଶୁମାନଙ୍କ ମଧ୍ୟରେ ପୁରସ୍କାର ବଣ୍ଟନ କରାଯାଇଥିଲା । ଏହାକୁ ନେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁ ଓ ସେମାନଙ୍କ ପରିବାର ମଧ୍ୟରେ ଆନନ୍ଦର ମାହୋଲ ସୃଷ୍ଟି ହୋଇଥିଲା ।ଶେଷରେ ରାବିଆ ଅଜିମୀ ସମସ୍ତ ଅତିଥି, କବି ଓ କବୟିତ୍ରୀ, ଶ୍ରୋତା ଏବଂ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇଥିଲେ ।କାର୍ଯ୍ୟକ୍ରମର ସଫଳତାରେ ତର୍ଜୁମାନ ଅଦବୀ ସଙ୍ଗମର ଚେୟାରମ୍ୟାନ୍ ଅଜିମ୍ ବାଲେଶ୍ୱରୀଙ୍କ ସହ ମହମ୍ମଦ ମୁଖତାର ଅହମଦ, ସୟଦ ନସୀମ ଅହମଦ ରଜା, ମହମ୍ମଦ ଅବ୍ଦୁଲ ଗନୀ, ଡା. ରତ୍ନାକର ସିଂହ, ମହମ୍ମଦ ସାହିରୁଲ ହକ୍, ଏସ୍.ଏମ୍.ଜି. ହମିଦ୍, ମହମ୍ମଦ ସଲାମୁଲ୍ଲାହ, ଶେଖ ନୌଶାଦ୍, ସାହିବା ଅଖତର, ଶେଖ ଆୟୁବ୍, ଶେଖ ରାଜୁ ହୁସେନ୍, ଅବ୍ଦୁଲ ଇସ୍ରାଇଲ୍, ମହମ୍ମଦ ଫିରୋଜ୍ ଖାନ୍ ଓ ଶେଖ ଶରଫୁଦ୍ଦିନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ ସହଯୋଗୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।'ଏକ ଶାମ ନସୀମ ଅଖତର କେ ନାମ' ଶୀର୍ଷକରେ ଆୟୋଜିତ ଏହି ସ୍ମରଣୀୟ ସାହିତ୍ୟିକ ସନ୍ଧ୍ୟା ଉର୍ଦ୍ଦୁ, ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା କବିତାର ସୁନ୍ଦର ସମନ୍ୱୟ, ବିଶିଷ୍ଟ ସାହିତ୍ୟିକ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଏବଂ ଭାଷା ଓ ସଂସ୍କୃତିର ପରସ୍ପର ସମ୍ପର୍କର ସୁନ୍ଦର ବାର୍ତ୍ତା ସହ ଉଦ୍ ?ଯାପିତ ହୋଇଥିଲା । ବାଲେଶ୍ୱରର ସାହିତ୍ୟିକ ମହଲରେ ଏହି କାର୍ଯ୍ୟକ୍ରମ ଏକ ସ୍ମରଣୀୟ ସନ୍ଧ୍ୟା ଭାବେ ଦୀର୍ଘଦିନ ଧରି ମନେ ରହିବ ।




ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର।

### ଏହି ପ୍ରାଣାୟମ୍ କରିବା ପାଇଁ ପ୍ରଥମେ :

ଏକ ଆରାମଦାୟକ ଧାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ।

ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ।

ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ।

ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ।

ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ।

ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ

ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ

ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ

### ଅବଧି

ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

### ସାବଧାନତା

ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ

୩୦ ମିନିଟ୍‌ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ

ହୃଦ୍‌ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

# ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ ମଡେଲ୍



ରୋଗ ଯୋଗୁଁ ରୋଗୀ କି ପ୍ରକାର ବିପଦରେ ପଡ଼ିପାରନ୍ତି ତାହା ଆକଳନ କରିବା ଲାଗି ଦୀର୍ଘବର୍ଷ ଧରି ଡାକ୍ତରମାନେ ଲକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅତୀତ ଅସୁସ୍ଥତା ଓ ଚିକିତ୍ସାର ତଥ୍ୟ ଉପରେ ନିର୍ଭର କରିଆସୁଛନ୍ତି। ଏତେ କଥା ଯଦି ରାତିକ ନିଦ୍ରାରୁ ଜାଣିହୁଏ, କ୍ଷତି କ'ଣ ? ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ମେଡିସିନ୍‌ରେ ଥିବା ଗବେଷକମାନେ ନିଦ୍ରା ସଙ୍କେତ ବାରିବା ଲାଗି ଗୋଟାଏ ନୂତନ ଏଆଇ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ମଡେଲ୍ କେବଳ ଗୋଟିଏ ରାତ୍ରିର ନିଦ୍ରାରୁ ନିଃସୃତ ମାନସିକ ସଙ୍କେତ ରେକର୍ଡ କରି ଶତାଧିକ ଶାରୀରିକ ଅସୁସ୍ଥତା ସମ୍ବନ୍ଧୀୟ ପୂର୍ବାଭାସ ଦେବାକୁ ସମର୍ଥ। 'ସ୍ଲିପ୍ ଏଫ୍‌ଏମ୍' ନାମରେ ପରିଚିତ 'ଦି ଫାଉଣ୍ଡେସ୍‌ନାଲ୍ ଏଆଇ ମଡେଲ୍'କୁ ୬୫ ହଜାର ଲୋକଙ୍କଠାରୁ ସଂଗୃହୀତ ପ୍ରାୟ ୬ ଲକ୍ଷ ଘଣ୍ଟା ଶୟନ ତଥ୍ୟାବଳି ଦ୍ୱାରା ତାଲିମ ଦିଆଯାଇଛି। ଏଥିରେ ରହିଛି ମସ୍ତିଷ୍କ କାର୍ଯ୍ୟକଳାପ, ହୃତ୍‌ପିଣ୍ଡ କାର୍ଯ୍ୟକଳାପ, ଶ୍ୱାସକ୍ରିୟା ସଙ୍କେତ, ଗୋଡ଼ ଚଳାଚଳ, ଚକ୍ଷୁ ଚଳାଚଳ ଓ ଅନ୍ୟାନ୍ୟ ମାନସିକ ତଥ୍ୟାବଳି। ବିଭିନ୍ନ ପ୍ରକାର ସେନ୍‌ସର ଦ୍ୱାରା ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଏ ଗବେଷଣା ପତ୍ରର ଅନ୍ୟତମ ସହ-ଲେଖକ ଡାକ୍ତର ଜେମ୍‌ସ ଜେ କହିଛନ୍ତି, ''ଏଆଇ ଟୁଲ୍ ଦୃଷ୍ଟିରୁ ବିଚାର କଲେ, ନିଦ୍ରା ଉପରେ ବିଶେଷ ଗବେଷଣା ହୋଇ ନ ଥିଲା। ପାଥୋଲୋଜି ଅଥବା କାର୍ଡିଓଲୋଜି ସଂକ୍ରାନ୍ତ ରୋଗ ନିଦାନ ନିମନ୍ତେ ଅନେକ ଏଆଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଦ୍ରା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ତା' ଉପରେ ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି।'' ଉକ୍ତ ଏଆଇ ମଡେଲ୍‌କୁ ତାଲିମ ଦେବା ଲାଗି ଷ୍ଟାନ୍‌ଫୋର୍ଡ ମେଡିସିନ୍ ଗବେଷକମାନେ ୨ରୁ ନେଇ ୯୬ ବର୍ଷ ବୟସ ପର୍ଯ୍ୟନ୍ତ ୩୫,୦୦୦ ନିଦ୍ରିତ ରୋଗୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୯ରୁ ୨୦୨୪ ମଧ୍ୟରେ ଷ୍ଟାନ୍‌ଫୋର୍ଡର ସ୍ଲିପ୍ କ୍ଲିନିକ୍‌ରେ ସେମାନେ ରୋଗୀମାନଙ୍କର ପଲିସମ୍‌ନୋଗ୍ରାଫି ଡେଟା ରେକର୍ଡ କରାଇଥିଲେ। ତା'ପରେ ଉକ୍ତ ଡେଟାକୁ କ୍ଷୁଦ୍ର କ୍ଷୁଦ୍ର ଭାଗକରି ତାହା ଦ୍ୱାରା ଏଆଇ ମଡେଲ୍‌କୁ ତାଲିମ ଦିଆଯାଇଥିଲା। ଏଥର ସେମାନେ 'ସ୍ଲିପ୍ ଏଫ୍‌ଏମ୍'କୁ ରୋଗ ନିରୂପଣ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କଲେ। ଫଳାଫଳରୁ ଜଣାପଡ଼ିଲା, ଭବିଷ୍ୟତରେ ସମ୍ପୃକ୍ତ ରୋଗୀମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଥିବା ପ୍ରାୟ ୧୩୦ ପ୍ରକାର ରୋଗ ସମ୍ବନ୍ଧରେ ଏହା ଅପେକ୍ଷାକୃତ ସଠିକ୍ ସୂଚନା ପ୍ରଦାନ କରିଛି। ବିଭିନ୍ନ ପ୍ରକାର କର୍କଟରୋଗ, ଗର୍ଭଧାରଣ ଜଟିଳତା, ରକ୍ତ ସଞ୍ଚାଳନ ଅବସ୍ଥା ଓ ମସ୍ତିଷ୍କ ବିକୃତି ଆଦି ରୋଗ ସଂକ୍ରାନ୍ତୀୟ ଭବିଷ୍ୟବାଣୀ କରିବା ଲାଗି ଭାଷା ପରିବର୍ତ୍ତେ ଏବେ 'ସ୍ଲିପ୍ ଏଫ୍‌ଏମ୍' 'କନ୍‌କର୍ଡାନ୍‌ସ ଇଣ୍ଡେକ୍ସ' ବା ସଂକ୍ଷେପରେ 'ସି-ଇଣ୍ଡେକ୍ସ' ଯୋଗେ ସୂଚନା ଦେଉଛି। ଏହା ଗୋଟାଏ ଗାଣିତକ ପଦ୍ଧତି। ଉଦାହରଣ ସ୍ୱରୂପ ହୃଦ୍‌ଘାତ ଆଶଙ୍କା ସଙ୍କେତ ୦.୮୧, ପ୍ରୋଷ୍ଟେଟ୍ କ୍ୟାନ୍‌ର ସଙ୍କେତ ୦.୮୯, ସ୍ତନ କର୍କଟରୋଗ ୦.୮୭ ଓ ମୃତ୍ୟୁ ୦.୮୪ ଇତ୍ୟାଦି। କିନ୍ତୁ, ଏଥିରୁ ସଠିକ୍ ଅର୍ଥ ବାହାର କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। 'ସ୍ଲିପ୍ ଏଫ୍‌ଏମ୍' କିପରି ଭାଷା, ବିଶେଷକରି ଇଂରେଜୀ ଭାଷାରେ ରୋଗ ସଂକ୍ରାନ୍ତ ପୂର୍ବାଭାସ ସୂଚାଇବ ତା'ଉପରେ ଗବେଷଣା ଚାଲିଛି ବୋଲି ଡାକ୍ତର ଜେ କହିଛନ୍ତି।

# ଏହି ଦେଶକୁ ଯାଆନ୍ତୁ: ସାମାନ୍ୟ କାମ କରି ୫ ବର୍ଷରେ ହୋଇଯିବେ କୋଟିପତି



ଭାରତରେ ବହୁ ସଂଖ୍ୟକ ଲୋକ ବିଦେଶ ଯିବାର ସ୍ୱପ୍ନ ଦେଖନ୍ତି। ଅଧିକାଂଶ ଲୋକ ଆମେରିକା, କାନାଡା କିମ୍ବା ଉପସାଗରୀୟ ଦେଶଗୁଡ଼ିକୁ ଯିବାକୁ ସ୍ୱପ୍ନ ଦେଖୁଥିବା ବେଳେ, ୟୁରୋପ ନିକଟରେ ଏକ ଛୋଟ ଦେଶ ରହିଛି ଯାହାକି ଭାରତୀୟମାନଙ୍କ ପାଇଁ ଏକ ନୂତନ ଏବଂ ଆଶ୍ଚର୍ଯ୍ୟଜନକ ବିକଳ୍ପ ହେବାକୁ ଯାଉଛି।ଏହି ଦେଶ ହେଉଛି ଜିବ୍ରାଲ୍ଟର । ଯାହା ୟୁରୋପର ଦକ୍ଷିଣ ପାର୍ଶ୍ୱରେ ସ୍ପେନ ସୀମାକୁ ଲାଗିକି ରହିଛି। ଆକାରରେ ଛୋଟ ହେଲେ ମଧ୍ୟ, ଏହାର ଅର୍ଥନୀତି ବହୁତ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ଏହାର ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପର୍ଯ୍ୟଟନ, ବ୍ୟାଙ୍କିଂ, ପରିବହନ ଏବଂ ଅନଲାଇନ୍ ଗେମିଂ ଭଳି କ୍ଷେତ୍ରରୁ ଆସିଥାଏ।

ଜିବ୍ରାଲ୍ଟରରେ ଜିବ୍ରାଲ୍ଟର ପାଉଣ୍ଡ ବ୍ୟବହାର କରାଯାଏ, ଯାହାକୁ ଏଓଚ ବୋଲି କୁହାଯାଏ। ଏହାର ମୂଲ୍ୟ ଭାରତୀୟ ଟଙ୍କା ତୁଳନାରେ ଯଥେଷ୍ଟ ଅଧିକ। ଏକ ରିପୋର୍ଟ ଅନୁଯାୟୀ, ଗୋଟିଏ ଜିବ୍ରାଲ୍ଟର ପାଉଣ୍ଡର ମୂଲ୍ୟ ପ୍ରାୟ ୧୨୦ ଟଙ୍କା। ଏହାର ଅର୍ଥ ହେଉଛି ଏଠାରେ ଟଙ୍କା ଭାରତ ତୁଳନାରେ ବହୁତ ଅଧିକ ମୂଲ୍ୟ ରଖେ। ଯଦି ଆପଣଙ୍କର ୨୦୦୦ ଜିବ୍ରାଲ୍ଟର ପାଉଣ୍ଡ ଅଛି, ତେବେ ଏହି ପରିମାଣ ୨୪୧୦୦୦ ଭାରତୀୟ ଟଙ୍କାରୁ ଅଧିକ ହେବ। ବର୍ତ୍ତମାନ, ଯଦି ଏହି ଦରମାକୁ ଦୀର୍ଘ ସମୟ ଧରି ବିଚାର କରାଯାଏ, ତେବେ ସଂଖ୍ୟାଗୁଡ଼ିକ ଆହୁରି ଆଶ୍ଚର୍ଯ୍ୟଜନକ। ୨୦୦୦ ପାଉଣ୍ଡର ମାସିକ ଆୟ ପ୍ରତି ବର୍ଷ ୨୪୦୦୦ ପାଉଣ୍ଡରେ ପହଞ୍ଚିଯାଏ । ଏହି ପରିମାଣ ୫ ବର୍ଷରେ ୨୪୦୦୦୦ ପାଉଣ୍ଡରେ ପହଞ୍ଚିଯାଏ। ଭାରତୀୟ ଟଙ୍କାରେ ପରିଣତ ହେଲେ, ମୋଟ ରୋଜଗାର ପ୍ରାୟ ୧୪.୪ ନିୟୁତ ଟଙ୍କା (୧ କୋଟି ୪୪ ଲକ୍ଷ ୯୨ ହଜାର ଟଙ୍କା) ରେ ପହଞ୍ଚିଥାଏ। ଏହି ହିସାବ କେବଳ ଦରମାକୁ ବିଚାର କରେ; ଯଦି ସଠିକ୍ ଭାବରେ ନିବେଶ କରାଯାଏ, ତେବେ ମୋଟ ସମ୍ପତ୍ତି ବହୁତ ଅଧିକ ହୋଇପାରେ। ଜିବ୍ରାଲ୍ଟରର ଅର୍ଥନୀତି ସେବା କ୍ଷେତ୍ର ଉପରେ ଆଧାରିତ, ତେଣୁ ବୃତ୍ତିଗତ ଦକ୍ଷତାର ଚାହିଦା ଅଧିକ। ବ୍ୟାଙ୍କିଂ, ଆର୍ଥିକ, ବୀମା, ଆଇଟି, ପ୍ରଯୁକ୍ତିବିଦ୍ୟା, ଅନଲାଇନ୍ କାସିନୋ, ହୋଟେଲ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ର ଭାରତୀୟମାନଙ୍କ ପାଇଁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରେ। କାରଣ ଏଠାରେ ଇଂରାଜୀ ବହୁଳ ଭାବରେ ବ୍ୟବହୃତ ହୁଏ, ତେଣୁ ଭାରତୀୟମାନଙ୍କ ପାଇଁ କାମ ଖୋଜିବା ଅପେକ୍ଷାକୃତ ସହଜ ବୋଲି ବିବେଚନା କରାଯାଏ।

# ଚା'ରେ ଚିନି କମାଇବାର ଲାଭ

ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ, କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ୍ୟ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ। ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ। ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ।

# ବ୍ରାଇଡାଲ୍ ସ୍କିନ୍ କେୟାର



ବିବାହ ସମୟରେ ସମସ୍ତେ ସୁନ୍ଦର ଲାଗିବାକୁ ଚେଷ୍ଟା କରିଥାଆନ୍ତି । ବିଶେଷ କରି ମହିଳାମାନେ ବ୍ରାଇଡାଲ୍ ଲୁକ୍ ପାଇଁ ଅଧିକ ଚିନ୍ତିତ ଥାଆନ୍ତି । ସମସ୍ତେ ସେମାନଙ୍କ ବିବାହ ଦିନ କ୍ୟାମେରା ଆଗରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି।

ନିଜକୁ ସୁନ୍ଦର କରିବା ପାଇଁ ଯେତେବେଳେ ବିୟୁଟି ପାର୍ଲରକୁ ଯାଇଥାଉ ସେତେବେଳେ ଆମକୁ ଅନେକ ଟଙ୍କା ଖର୍ଚ୍ଚ କରିବାରୁ ପଡିଥାଏ। କିନ୍ତୁ ଆମେ ଆପଣଙ୍କ ପାଇଁ କିଛି ବ୍ରାଇଡାଲ୍ କିମ୍ବା ତ୍ୱଚା ଯତ୍ନ ଟିପ୍ସ ଆଣିଛୁ। ଯାହାକୁ ଆପଣ ଆପଣଙ୍କ ବିବାହ ପୂର୍ବରୁ ଅନୁସରଣ କଲେ ଏହା ଭଲ ଫଳ ଦେଇଥାଏ।

## ବିବାହ ପୂର୍ବରୁ କିପରି ନେବେ ନିଜ ତ୍ୱଚା ଯତ୍ନ:

### ସବୁଦିନ ମୁହଁ ଧୁଅନ୍ତୁ

ପ୍ରତିଦିନ ତ୍ୱଚାକୁ ଧୁଅନ୍ତୁ । ତ୍ୱଚାକୁ ଧୋଇବା ପାଇଁ କୌଣସି ଭଲ କମ୍ପାନିର ଫେସ୍ ୱାଶ୍ ବ୍ୟବହାର କରନ୍ତୁ । ଦିନକୁ ଥରେ ଆପଣଙ୍କ ତ୍ୱଚାକୁ ହାଲୁକା ଭାବରେ ଧୁଅନ୍ତୁ। ଏହା ଆପଣଙ୍କ ଚର୍ମରୁ ମଇଳା ଏବଂ ତେଲ ବାହାର କରିବା ସହ ଆପଣଙ୍କ ଛିଦ୍ରଗୁଡ଼ିକୁ ସଫା କରିବ। ତା'ପରେ, ଉଷୁମ ପାଣିରେ ବାଷ୍ପ ନିଅନ୍ତୁ। ଆପଣଙ୍କ ଛିଦ୍ରଗୁଡ଼ିକୁ ଖୋଲିବା ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ଏହି ବାଷ୍ପ କେବଳ ୫ ମିନିଟ୍ ପାଇଁ ନିଅନ୍ତୁ।

### ହାଲୁକା ସ୍କ୍ରବ କିମ୍ବା ଫେସ ପ୍ୟାକ୍ ଲଗାନ୍ତୁ

ତ୍ୱଚା ଭଲଭାବରେ ପରିଷ୍କାର ହେବା ହାଲୁକା ସ୍କ୍ରବ କିମ୍ବା ଫେସ୍ ପ୍ୟାକ୍ ଲଗାନ୍ତୁ। ମନେ ରଖିବେ ସ୍କ୍ରବକୁ ବେଶୀ ମୁହଁରେ ଘଷିବେ ନାହିଁ। ଏହାପରେ ମୁହଁକୁ ଭଲଭାବରେ ଧୋଇଦେଲା ପରେ ଫେସିଆଲ ମାସ୍କ ଲଗାନ୍ତୁ। ଫେସିଆଲ ମାସ୍କ ଭାବରେ ଆପଣ ଦହି ,ମହୁ କିମ୍ବା ଆଲୋଭେରାକୁ ବ୍ୟବହାର କରିପାରିବେ । ଏହାକୁ ପନ୍ଦର ମିନିଟ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ତ୍ୱଚାକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବ।

### ଥଣ୍ଡା ଟୋନର ଏବଂ ମସାଜ

ଫେସ୍ ମାସ୍କକୁ ଧୋଇବା ପରେ ଏକ କୁଲିଂ ଟୋନର କିମ୍ବା ଗୋଲାପ ଜଳ କୁ ଆପଣଙ୍କ ତ୍ୱଚାରେ ଥାପନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ।

### ମଇଷ୍ଟରାଇଜିଂ କରନ୍ତୁ

ଆପଣଙ୍କ ତ୍ୱଚାକୁ ମଇଷ୍ଟରାଇଜ କରନ୍ତୁ। ଏହାକୁ ନରମ ଏବଂ ଉଜ୍ଜ୍ୱଳ ରଖିବା ପାଇଁ ଏକ ହାଲୁକା ଅଣ-ତୈଳଯୁକ୍ତ ମଇଷ୍ଟରାଇଜର ଲଗାନ୍ତୁ। ମାର୍କେଟରେ ଆପଣଙ୍କୁ ସହଜରେ ଭଲ କମ୍ପାନୀର ମଇଷ୍ଟରାଇଜ ମିଳିଯିବ। ଯଦି ଆପଣଙ୍କର ତ୍ୱଚାରେ ବ୍ରଣ ଅଛି, ତେବେ ସକାଳୁ ମୁହଁ ଧୋଇବା ପୁର୍ବରୁ ବାସି ଛେପ ବ୍ରଣ ହେଉଥିବା ସ୍ଥାନରେ ଲଗାନ୍ତୁ।

### ପ୍ରଚୁର ପାଣି ପିଅନ୍ତୁ

ବିବାହ ଦିନ ବା ଏହାର କିଛି ଦିନ ପୁର୍ବରୁ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ ରଖିଥାଏ। ଏହା ସହିତ ଭଲ ନିଦ ବା ବିଶ୍ରାମ ଅତ୍ୟନ୍ତ ଜରୁରୀ। ଯଦି ଆପଣ ରାତିରେ ଭଲ ନିଦରେ ଶୋଇବେ ତେବେ ସକାଳେ ଆପଣଙ୍କୁ ସତେଜ ଏବଂ ଉଜ୍ଜ୍ୱଳ ଅନୁଭବ ହୋଇଥାଏ । ଏହି ସରଳ ପଦକ୍ଷେପଗୁଡ଼ିକୁ ଅନୁସରଣ କଲେ ଆପଣ ଆପଣଙ୍କ ବିବାହ ଦିନ ଉଜ୍ଜ୍ୱଳ ଏବଂ ସୁନ୍ଦର ଦେଖାଯାଇପାରିବେ। ଏହା କେବଳ ଆପଣଙ୍କୁ ଉଜ୍ଜ୍ୱଳ କରିବ ନାହିଁ , ଏହି ଛୋଟ ଛୋଟ ଟିପ୍ସର ଅନୁସରଣ ଫଳରେ ଆପଣଙ୍କ ଆତ୍ମବିଶ୍ୱାସ ମଧ ବଢିଥାଏ।




ସକାଳ ହେଉ ଅବା ସନ୍ଧ୍ୟା ଜଳଖିଆରେ କମ ସମୟରେ କିଛି ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଲୁ ଉତ୍ତପମ। ଆଲୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ ।

### *ଆଲୁ ଉତ୍ତପମ୍ ତିଆରି କରିବା ପାଇଁ ଆବଶ୍ୟକ ସାମଗ୍ରୀ*

ସିଝା ଆଳୁ - ୪-୫ଟି

ପିଆଜ - ୧

କୋରା ହୋଇଥିବା ପନିର – ୨ରୁ ୩ ଚାମଚ

ମଇଦା - ୧ ଚାମଚ

ଚୁଡ଼ା - ୧ ଚାମଚ

ଅଦା-ରସୁଣ ପେଷ୍ଟ - ୧ ଚାମଚ

ସୋରିଷ - ୧/୨ ଚାମଚ

ଲାଲ ଲଙ୍କା ଗୁଣ୍ଡ - ୧ ଚାମଚ

କଟା ଧନିଆ ପତ୍ର - ୨ ଚାମଚ

ତେଲ - ୨ ଚାମଚ

ଲୁଣ - ସ୍ୱାଦ ଅନୁସାରେ

### *ଆଲୁ ଉତ୍ତପମ୍ ତିଆରି କରିବାର ପଦ୍ଧତି*

ଆଲୁ ଉତ୍ତପମ୍ ତିଆରି କରିବା ପାଇଁ ପ୍ରଥମେ ଆଲୁକୁ ଭଲ ଭାବରେ ସିଝାଇ ଚକଟି ଦିଅନ୍ତୁ। ପୂର୍ବରୁ ପାଣିରେ ଭିଜାଇ ରଖିଥିବା ଚୁଡ଼ାକୁ ଚିପୁଡ଼ି ସେଥିରେ ମିଶାଇ ଦିଅନ୍ତୁ। କଟା ପିଆଜ, ଅଦା-ରସୁଣ ପେଷ୍ଟ, କଟା ଧନିଆ ପତ୍ର, ସୋରିଷ, କର୍ଣ୍ଣଫ୍ଲୋର ଏବଂ ଅନ୍ୟାନ୍ୟ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତାଓ୍ୱା ଗରମ କରି ତେଲ ପକାଇ ସେଥିରେ ଉକ୍ତ ପୋଷ୍ଟକୁ ଛୋଟଛୋଟ ଚକୁଳି ଆକୃତିରେ କରନ୍ତୁ। ଗୋଟିଏ ପରେ ଏପରି କରି ଗରମାଗରମ ପ୍ରସ୍ତୁତ କରନ୍ତୁ ଆଲୁ ଉତ୍ତପମ୍।

# ନ୍ୟାୟର ତରାଜୁରେ ସ୍ୱାର୍ଥର ଓଜନ: ଭାରତୀୟ ଗଣତନ୍ତ୍ର ପାଇଁ ଏକ ଅଶୁଭ ସଙ୍କେତ

ଗଣତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ନ୍ୟାୟପାଳିକା ଏବଂ ଏହାର ମୂଳଦୁଆ ହେଉଛି ନିରପେକ୍ଷତା, ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା । ନ୍ୟାୟିକ ବ୍ୟବସ୍ଥାରେ ଏକ ସାଧାରଣ ପ୍ରବାଦ ରହିଛି ଯେ, ନ୍ୟାୟ କେବଳ ପ୍ରଦାନ କରାଯିବା ଉଚିତ ନୁହେଁ, ବରଂ ନ୍ୟାୟ ପ୍ରଦାନ କରାଯାଉଥିବାର ସ୍ପଷ୍ଟ ପ୍ରତୀୟମାନ ହେବା ଆବଶ୍ୟକ । କିନ୍ତୁ ସାମ୍ପ୍ରତିକ ସମୟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏହି ମୌଳିକ ନୀତି ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଦେଇଛି । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ନିରପେକ୍ଷତା ଏବଂ ନ୍ୟାୟିକ ଆଚରଣକୁ ନେଇ ବିରୋଧୀ ଦଳର ନେତା ତଥା ଆଇନ ବିଶେଷଜ୍ଞମାନେ ଗୁରୁତର ଅଭିଯୋଗ ଆଣିଛନ୍ତି । ଏହି ଅଭିଯୋଗର କେନ୍ଦ୍ରବିନ୍ଦୁ ହେଉଛି ୨୦୨୩ ମସିହାର ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟାନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି କରୁଥିବା ଖଣ୍ଡପୀଠରେ ତାଙ୍କର ଉପସ୍ଥିତି ଏବଂ ତାଙ୍କ ପୁଅଙ୍କର ନିର୍ବାଚନ କମିଶନଙ୍କ ଓକିଲ ଭାବରେ କାର୍ଯ୍ୟ କରିବା । ଏହି ଘଟଣା କେବଳ ଏକ ସାଧାରଣ ସ୍ୱାର୍ଥର ସଂଘାତ ବା କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟର ବିଷୟ ନୁହେଁ, ବରଂ ଏହା ଦେଶର ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ନ୍ୟାୟପାଳିକାର ସ୍ୱାଧୀନତା ସହ ଜଡ଼ିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ । ଏହା ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ଉପରେ ଏକ ଦୂରଗାମୀ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି କରିଛି ।

ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣରୁ ଦେଖିଲେ, ୨୦୨୩ ମସିହାର ନିର୍ବାଚନ କମିଶନର ନିଯୁକ୍ତି ଆଇନ ପ୍ରଥମରୁ ହିଁ ବିବାଦୀୟ ରହିଆସିଛି । ଏହି ଆଇନର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ପୂର୍ବରୁ ନିର୍ବାଚନ କମିଶନରମାନଙ୍କୁ କେବଳ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ନିଯୁକ୍ତ କରୁଥିଲେ । କିନ୍ତୁ ମାର୍ଚ୍ଚ ୨୦୨୩ ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ସ୍ପଷ୍ଟ କରିଥିଲେ ଯେ ନିର୍ବାଚନ କମିଶନଙ୍କ ସ୍ୱାଧୀନତା ବଜାୟ ରଖିବା ପାଇଁ ଏକ ନିରପେକ୍ଷ କମିଟିର ଆବଶ୍ୟକତା ରହିଛି । ସେହି କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତି ରହିବା ଉଚିତ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । ମାତ୍ର କେନ୍ଦ୍ର ସରକାର ଏହି ରାୟକୁ ବଦଳାଇବା ଉଦ୍ଦେଶ୍ୟରେ ୨୦୨୩ ମସିହାରେ ନୂତନ ଆଇନ ଆଣିଲେ, ଯେଉଁଥିରେ ପ୍ରଧାନ ବିଚାରପତିଙ୍କ ସ୍ଥାନରେ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ସାମିଲ କରାଗଲା । ଏହି ଚୟନ କମିଟିର ଗଠନ ପ୍ରକ୍ରିୟାରୁ ସ୍ପଷ୍ଟ ଜଣାପଡୁଛି ଯେ ସରକାରଙ୍କ ପାଖରେ ୨:୧ ଅନୁପାତରେ ବହୁମତ ରହିବ । ଅର୍ଥାତ୍ ଯଦି କୌଣସି ପ୍ରସଙ୍ଗରେ ମତଭେଦ ସୃଷ୍ଟି ହୁଏ, ତେବେ ସରକାର ନିଜ ପସନ୍ଦର ବ୍ୟକ୍ତିଙ୍କୁ ନିର୍ବାଚନ କମିଶନର ଭାବରେ ନିଯୁକ୍ତ କରିବାରେ ସକ୍ଷମ ହେବେ । ଏହି ଆଇନ ଦ୍ୱାରା ନିର୍ବାଚନ କମିଶନଙ୍କ ସ୍ୱାଧୀନତା କ୍ଷୁର୍ଣ୍ଣ ହେବାର ଆଶଙ୍କା କରି ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ଦାୟର କରାଯାଇଥିଲା । ଏହି ଆବେଦନଗୁଡ଼ିକର ଶୁଣାଣି କରୁଥିବା ଖଣ୍ଡପୀଠରେ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତ ସାମିଲ ଥିଲେ । ଶୁଣାଣି ସମୟରେ ଜଷ୍ଟିସ ଦତ୍ତ ସ୍ପଷ୍ଟ ଭାବରେ ମତ ରଖିଥିଲେ ଯେ ଏହି ଆଇନ ଏକ ସ୍ୱାଧୀନ ଚୟନ ପ୍ରକ୍ରିୟା ସୁନିଶ୍ଚିତ କରୁଥିବା ପରି ମନେ ହେଉନାହିଁ । ମାତ୍ର ଜଷ୍ଟିସ ଶର୍ମା ଏହି ମତ ସହ ଅସହମତି ପ୍ରକାଶ କରିଥିଲେ । ଏହି ଅସହମତି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏକ ସାଧାରଣ ନ୍ୟାୟିକ ଭିନ୍ନମତ ଭାବରେ ଗ୍ରହଣ କରାଯାଇପାରିଥାନ୍ତା, ଯଦି ଏହା ପଛରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିନଥାନ୍ତା ।

ତଥ୍ୟ ଭିତ୍ତିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଜଷ୍ଟିସ ଶର୍ମାଙ୍କ ପୁଅ ସିଦ୍ଧାର୍ଥ ଶର୍ମା ୨୦୨୪ ମସିହାରୁ ମଧ୍ୟପ୍ରଦେଶରେ ନିର୍ବାଚନ କମିଶନଙ୍କ ଷ୍ଟାଣ୍ଡିଂ କାଉନସେଲ ବା ସ୍ଥାୟୀ ଓକିଲ ଭାବରେ କାର୍ଯ୍ୟ କରୁଛନ୍ତି । ଏହାବ୍ୟତୀତ ସେ ୨୦୨୩ ମସିହାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ଏବଂ ଆୟକର ବିଭାଗର ମଧ୍ୟ ସ୍ଥାୟୀ ଓକିଲ ଅଛନ୍ତି । ଯେତେବେଳେ ଜଣେ ବିଚାରପତି ଏପରି ଏକ ମାମଲାର ଶୁଣାଣି କରୁଛନ୍ତି ଯେଉଁଥିରେ ନିର୍ବାଚନ କମିଶନଙ୍କ ସ୍ୱାର୍ଥ ସିଧାସଳଖ ଜଡ଼ିତ ଏବଂ ସେହି କମିଶନଙ୍କ ଦ୍ୱାରା ତାଙ୍କ ପୁଅ ଆର୍ଥିକ ଏବଂ ବୃତ୍ତିଗତ ଭାବରେ ଲାଭବାନ ହେଉଛନ୍ତି, ସେତେବେଳେ ଏହା ଏକ ସ୍ପଷ୍ଟ ସ୍ୱାର୍ଥର ସଂଘାତ ପରିସ୍ଥିତି ସୃଷ୍ଟି କରେ । ଆଇନଗତ ନୈତିକତା ଅନୁଯାୟୀ, ଜଷ୍ଟିସ ଶର୍ମା ଏହି ତଥ୍ୟ ଆବେଦନକାରୀମାନଙ୍କୁ ଶୁଣାଣି ପୂର୍ବରୁ ଜଣାଇବା ଉଚିତ ଥିଲା କିମ୍ବା ନିଜକୁ ଏହି ମାମଲାରୁ ଦୂରେଇ ରଖିବା ଆବଶ୍ୟକ ଥିଲା । କିନ୍ତୁ ଲାଇଭ୍ ଲ ଆଦି ଆଇନ ସମ୍ବାଦ ପୋର୍ଟାଲର ରିପୋର୍ଟ ଅନୁଯାୟୀ, ସେ ଏହି ତଥ୍ୟ ପ୍ରକାଶ କରିଥିବାର କୌଣସି ସ୍ପଷ୍ଟ ପ୍ରମାଣ ନାହିଁ । ଏହା ନ୍ୟାୟିକ ସ୍ୱଚ୍ଛତାର ଘୋର ଉଲ୍ଲଂଘନ ଅଟେ । ବିଶ୍ୱର ବିଭିନ୍ନ ଗଣତାନ୍ତ୍ରିକ ଦେଶରେ ଏଭଳି ପରିସ୍ଥିତିରେ ବିଚାରପତିମାନେ ନିଜଆଡୁ ମାମଲାରୁ ଓହରି ଯାଇଥାନ୍ତି, ଯାହାକୁ ଆଇନ ଭାଷାରେ ରେକ୍ୟୁଜାଲ୍ କୁହାଯାଏ । ଏହି ପରିପ୍ରେକ୍ଷୀରେ ଜଷ୍ଟିସ ଦତ୍ତଙ୍କ ସହ ତାଙ୍କର ଅସହମତି ଏବଂ ସରକାରଙ୍କ ସପକ୍ଷରେ ଯାଉଥିବା ତାଙ୍କର ଆଭିମୁଖ୍ୟ ସନ୍ଦେହର ଘେରକୁ ଆସିବା ସ୍ୱାଭାବିକ ଅଟେ ।

ଏହି ବିବାଦ କେବଳ ଗୋଟିଏ ମାମଲାରେ ସୀମିତ ନୁହେଁ । ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ ଜଷ୍ଟିସ ଶର୍ମାଙ୍କ ନେତୃତ୍ୱାଧୀନ ଏକ ଖଣ୍ଡପୀଠ ଆହ୍ଲାବାଦ ହାଇକୋର୍ଟଙ୍କ ଏକ ନିର୍ଦ୍ଦେଶକୁ ଖାରଜ କରିଦେଇଥିଲେ । ଆହ୍ଲାବାଦ ହାଇକୋର୍ଟ ଗୌତମ ବୁଦ୍ଧ ନଗରର ଜିଲ୍ଲାପାଳ ମେଧା ରୂପମଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ନିଜ ଦରମାରୁ ୨୫ ବର୍ଷୀୟା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆକୃତି ଚୌଧୁରୀଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବେ । ଆକୃତିଙ୍କୁ ନୋଏଡାରେ ଶ୍ରମିକ ଆନ୍ଦୋଳନ ସମୟରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ବଳରେ ବେଆଇନ ଭାବେ ଅଟକ ରଖାଯାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଜିଲ୍ଲାପାଳ ମେଧା ରୂପମ ହେଉଛନ୍ତି ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କନ୍ୟା । ଏହି ମାମଲାଟି ସୁପ୍ରିମକୋର୍ଟର ରୋଷ୍ଟର ବା କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତିଷେଧକ ଅଟକ (ପ୍ରିଭେଣ୍ଟିଭ୍ ଡିଟେନସନ୍) ମାମଲା ଶୁଣାଣି କରିବା ପାଇଁ ଉଦ୍ଦିଷ୍ଟ ନଥିବା ଖଣ୍ଡପୀଠ ଅର୍ଥାତ୍ ଜଷ୍ଟିସ ଶର୍ମାଙ୍କ ଖଣ୍ଡପୀଠ ନିକଟରେ କିପରି ତାଲିକାଭୁକ୍ତ ହେଲା, ତାହା ଏକ ବଡ଼ ରହସ୍ୟ ସୃଷ୍ଟି କରିଛି । ସୁପ୍ରିମକୋର୍ଟରେ ମାଷ୍ଟର ଅଫ୍ ରୋଷ୍ଟର ବ୍ୟବସ୍ଥା ରହିଛି ଯେଉଁଥିରେ ପ୍ରଧାନ ବିଚାରପତି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ପାଇଁ ନିର୍ଦ୍ଦିଷ୍ଟ ଖଣ୍ଡପୀଠ ଗଠନ କରିଥାନ୍ତି । ରୋଷ୍ଟର ବାହାରକୁ ଯାଇ ଏକ ମାମଲାର ଶୁଣାଣି କରିବା ଏବଂ ସେଥିରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଝିଅକୁ ଆର୍ଥିକ ଦଣ୍ଡବିଧାନରୁ ସୁରକ୍ଷା ପ୍ରଦାନ କରିବା ନ୍ୟାୟିକ ପ୍ରକ୍ରିୟାର ସାଧୁତା ଉପରେ ଏକ କଳଙ୍କିତ ଛାପ ଛାଡ଼ିଛି ।

ସାମାଜିକ କର୍ମୀ ତଥା ଆଇନ ସାମ୍ବାଦିକ ସୌରଭ ଦାସ ଏବଂ ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ରଙ୍କ ପରି ବ୍ୟକ୍ତିବିଶେଷ ଏହି ପ୍ରସଙ୍ଗକୁ ଉଠାଇ ଏକ ବୃହତ୍ତର ବିତର୍କର ସୂତ୍ରପାତ କରିଛନ୍ତି । ଯେତେବେଳେ ଜଣେ ବିଚାରପତିଙ୍କ ପରିବାର ସଦସ୍ୟ ସରକାରଙ୍କ ଦୟା କିମ୍ବା ଅନୁଗ୍ରହରେ ଆୟକର, ଜିଏସଟି, କଷ୍ଟମ୍ସ ଏବଂ ନିର୍ବାଚନ କମିଶନ ପରି ଚାରୋଟି ବଡ଼ ବଡ଼ ସରକାରୀ ପ୍ୟାନେଲରେ ନିଯୁକ୍ତି ପାଆନ୍ତି, ସେତେବେଳେ ସେହି ବିଚାରପତିଙ୍କଠାରୁ ରାଜନୈତିକ ସମ୍ବେଦନଶୀଳ ମାମଲାରେ ନିରପେକ୍ଷ ନ୍ୟାୟ ଆଶା କରିବା କେତେ ଦୂର ଯୁକ୍ତିଯୁକ୍ତ? ଏହା ଏକ ଗମ୍ଭୀର ପ୍ରଶ୍ନ ଯାହା କେବଳ ଜଣେ ବ୍ୟକ୍ତିବିଶେଷଙ୍କୁ ନୁହେଁ, ସମଗ୍ର ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରାଇଛି । ନ୍ୟାୟିକ ମୂଲ୍ୟବୋଧର ପୁନଃସ୍ଥାପନ (ରିଷ୍ଟେଟମେଣ୍ଟ ଅଫ୍ ଭ୍ୟାଲ୍ୟୁଜ୍ ଅଫ୍ ଜୁଡିସିଆଲ୍ ଲାଇଫ୍, ୧୯୯୭) ଏବଂ ବାଙ୍ଗାଲୋର ପ୍ରିନ୍ସିପାଲ୍ସ ଅଫ୍ ଜୁଡିସିଆଲ୍ କଣ୍ଡକ୍ଟ ପରି ଅନ୍ତର୍ଜାତୀୟ ମାର୍ଗଦର୍ଶିକା ସ୍ପଷ୍ଟ କରେ ଯେ ଯଦି କୌଣସି ମାମଲାରେ ବିଚାରପତିଙ୍କ ପରିବାର ସଦସ୍ୟଙ୍କ ଆର୍ଥିକ ବା ଅନ୍ୟ କୌଣସି ସ୍ୱାର୍ଥ ଥାଏ, ତେବେ ବିଚାରପତି ନିଜକୁ ସେହି ମାମଲାରୁ ଅଲଗା କରିବା ବାଧ୍ୟତାମୂଳକ । ଏହା ଏକ ପୁରାତନ ଲାଟିନ୍ ଆଇନଗତ ସିଦ୍ଧାନ୍ତ 'ନେମୋ ଜୁଡେକ୍ସ ଇନ୍ କଜା ସୁଆ' ଉପରେ ପର୍ଯ୍ୟବେସିତ, ଯାହାର ଅର୍ଥ ହେଉଛି କୌଣସି ବ୍ୟକ୍ତି ନିଜ ମାମଲାରେ ନିଜେ ବିଚାରପତି ହୋଇପାରିବେ ନାହିଁ । ଏହି ସିଦ୍ଧାନ୍ତ କେବଳ ବ୍ୟକ୍ତିଗତ ସ୍ୱାର୍ଥ ନୁହେଁ, ବରଂ ନିକଟସ୍ଥ ପରିବାର ସଦସ୍ୟଙ୍କ ସ୍ୱାର୍ଥ କ୍ଷେତ୍ରରେ ମଧ୍ୟ ସମାନ ଭାବରେ ଲାଗୁ ହୋଇଥାଏ । ଏହି ଦାୟିତ୍ୱର ଅବହେଳା ଜନସାଧାରଣଙ୍କ ମନରେ ନ୍ୟାୟାଳୟ ପ୍ରତି ଥିବା ଆସ୍ଥାକୁ ଦୁର୍ବଳ କରିଦିଏ ।

ଗଣତନ୍ତ୍ରରେ ନିର୍ବାଚନ କମିଶନ ଏକ ନିରପେକ୍ଷ ରେଫରୀ ଭାବରେ କାର୍ଯ୍ୟ କରିବା ଉଚିତ । ଯଦି ରେଫରୀଙ୍କ ନିଯୁକ୍ତି ପ୍ରକ୍ରିୟା ସରକାରଙ୍କ ନିୟନ୍ତ୍ରଣରେ ରହେ ଏବଂ ସେହି ନିଯୁକ୍ତି ପ୍ରକ୍ରିୟାର ସାମ୍ବିଧାନିକତା ବିଚାର କରୁଥିବା ନ୍ୟାୟାଳୟର ବିଚାରପତିଙ୍କ ନିରପେକ୍ଷତା ସନ୍ଦେହଜନକ ହୁଏ, ତେବେ ସମଗ୍ର ନିର୍ବାଚନ ପ୍ରକ୍ରିୟାର ବୈଧତା ନଷ୍ଟ ହୋଇଯାଏ । ବର୍ତ୍ତମାନ ସମୟରେ ଭାରତର ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ କାର୍ଯ୍ୟନିର୍ବାହୀ ସଂସ୍ଥା ବା ଏକ୍ସିକ୍ୟୁଟିଭର ପ୍ରଭାବ ବୃଦ୍ଧି ପାଉଥିବାର ଅଭିଯୋଗ ବାରମ୍ବାର ଆସୁଛି । ବିରୋଧୀ ଦଳର ନେତାମାନେ ଅଭିଯୋଗ କରୁଛନ୍ତି ଯେ ସରକାରୀ କଳର ଅପବ୍ୟବହାର କରି ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଉଦ୍ୟମ କରାଯାଉଛି । ଏପରି ସ୍ଥିତିରେ ସୁପ୍ରିମକୋର୍ଟ ହିଁ ଏକମାତ୍ର ଆଶାର କିରଣ ଭାବରେ ଠିଆ ହୋଇଛନ୍ତି ଯିଏ ସମ୍ବିଧାନର ରକ୍ଷକ ଭାବରେ କାର୍ଯ୍ୟ କରିବେ । କିନ୍ତୁ ଯେତେବେଳେ ସୁପ୍ରିମକୋର୍ଟର ନିଜସ୍ୱ କାର୍ଯ୍ୟପ୍ରଣାଳୀ, ରୋଷ୍ଟର ନିୟମର ଉଲ୍ଲଂଘନ ଏବଂ ସ୍ୱାର୍ଥର ସଂଘାତ ପ୍ରସଙ୍ଗ ସାମ୍ନାକୁ ଆସୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ । ଏହି ଘଟଣା ପ୍ରମାଣ କରୁଛି ଯେ ନ୍ୟାୟପାଳିକା ମଧ୍ୟରେ ଏକ ସୁଦୃଢ଼ ଏବଂ ସ୍ୱଚ୍ଛ ଉତ୍ତରଦାୟିତ୍ୱ ବ୍ୟବସ୍ଥାର ନିହାତି ଆବଶ୍ୟକତା ରହିଛି । ବିଚାରପତିମାନେ ନିଜର ଏବଂ ନିଜ ପରିବାର ସଦସ୍ୟଙ୍କ ବୃତ୍ତିଗତ ସମ୍ପୃକ୍ତି ସମ୍ପର୍କରେ ସ୍ପଷ୍ଟ ସୂଚନା ସାର୍ବଜନୀନ କରିବା ଉଚିତ । ଯଦି ନ୍ୟାୟାଳୟ ନିଜର ଆଭ୍ୟନ୍ତରୀଣ ତ୍ରୁଟିଗୁଡ଼ିକୁ ସୁଧାରିବାରେ ବିଫଳ ହୁଏ, ତେବେ ଏହା କେବଳ ନ୍ୟାୟିକ ବ୍ୟବସ୍ଥା ନୁହେଁ, ବରଂ ସମଗ୍ର ଗଣତାନ୍ତ୍ରିକ ଢାଞ୍ଚାକୁ ଦୁର୍ବଳ କରିଦେବ ।

ପରିଶେଷରେ, ଏହି ସମଗ୍ର ପ୍ରସଙ୍ଗ ଭାରତୀୟ ଗଣତନ୍ତ୍ରର ସ୍ୱାସ୍ଥ୍ୟ ପ୍ରତି ଏକ ଗମ୍ଭୀର ଚେତାବନୀ ସଦୃଶ । ନିର୍ବାଚନ କମିଶନ ଏବଂ ସୁପ୍ରିମକୋର୍ଟ ଭଳି ସର୍ବୋଚ୍ଚ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପରସ୍ପରର ପରିବାର ସଦସ୍ୟଙ୍କୁ ଅନୁଗ୍ରହ ପ୍ରଦାନ କରିବା ଏବଂ ସୁରକ୍ଷା ଦେବା ପରି କାର୍ଯ୍ୟରେ ଲିପ୍ତ ରହିବା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ । ଆଇନର ଶାସନ ଏବଂ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ନ୍ୟାୟପାଳିକାକୁ ସମସ୍ତ ପ୍ରକାର ସନ୍ଦେହରୁ ଊର୍ଦ୍ଧ୍ୱରେ ରହିବାକୁ ପଡ଼ିବ । ଜଷ୍ଟିସ ଶର୍ମାଙ୍କ ଘଟଣା ଏକ ବ୍ୟକ୍ତିଗତ ତ୍ରୁଟି ହୋଇପାରେ, କିନ୍ତୁ ଏହା ବ୍ୟବସ୍ଥାଗତ ଦୁର୍ବଳତାକୁ ପଦାରେ ପକାଇଛି । ସୁପ୍ରିମକୋର୍ଟ ନିଜର ଗାରିମା ବଜାୟ ରଖିବା ପାଇଁ ଏଭଳି ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ସହ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ଯେପରି ନହୁଏ, ସେଥିପାଇଁ ଦୃଢ଼ ନିୟମାବଳୀ ପ୍ରଣୟନ କରିବା ଉଚିତ । ବିଶେଷ କରି ମାମଲା ବଣ୍ଟନ ପ୍ରକ୍ରିୟା ଏବଂ ସ୍ୱାର୍ଥର ସଂଘାତ ସମ୍ପର୍କିତ ଘୋଷଣାନାମାକୁ ଅଧିକ ସ୍ୱଚ୍ଛ କରାଯିବା ଆବଶ୍ୟକ । ନଚେତ୍, ସାଧାରଣ ନାଗରିକଙ୍କ ମନରେ ନ୍ୟାୟ ବ୍ୟବସ୍ଥା ପ୍ରତି ଥିବା ଶେଷ ବିଶ୍ୱାସ ମଧ୍ୟ ଉଭେଇଯିବ । କାରଣ ନ୍ୟାୟପାଳିକା ଉପରୁ ଲୋକଙ୍କ ବିଶ୍ୱାସ ତୁଟିଗଲେ, ଗଣତନ୍ତ୍ରର ପତନ ଅବଶ୍ୟମ୍ଭାବୀ ଏବଂ ଏହାକୁ ରୋକିବା ପାଇଁ ନ୍ୟାୟାଳୟକୁ ନିଜର ନୈତିକ ମାନଦଣ୍ଡକୁ ସର୍ବୋଚ୍ଚ ସ୍ତରରେ ରଖିବାକୁ ହିଁ ପଡ଼ିବ ।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ: ଅବିଭକ୍ତ ଗଞ୍ଜାମ ଓ ମହାରାଜା କୃଷ୍ଣଚନ୍ଦ୍ରଗଜପତିଙ୍କ ନିର୍ଣ୍ଣାୟକ ଭୂମିକା



(ଇଂ) ବିଜୟ ମିଶ୍ର

୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ କଟକର ଇଦ୍‌ଗା ପଡ଼ିଆରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ଗଞ୍ଜାମ ନେତୃବୃନ୍ଦଙ୍କ ଯୋଗଦାନ ଫଳରେ ଏହା ସମଗ୍ର ଓଡ଼ିଶାର ଏକ ସାର୍ବଜନୀନ ମହାମଞ୍ଚରେ ପରିଣତ ହେଲା । ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡିର ଯୁଗଜନ୍ମା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏହି ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ମୋଡ଼ ଓ ଅନ୍ତର୍ଜାତୀୟ ସ୍ତରରେ ବିଜୟ ପ୍ରଦାନ କରିଥିଲେ ।

୧୯୩୬ ମସିହା ଏପ୍ରିଲ ୧ ତାରିଖ ଓଡ଼ିଶା ରାଜ୍ୟ ତଥା ଭାରତବର୍ଷର ଇତିହାସରେ ଏକ ଅବିସ୍ମରଣୀୟ ଦିବସ । ସେହିଦିନ ତତ୍କାଳୀନ ବ୍ରିଟିଶ ଭାରତରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଭାବେ ସ୍ୱତନ୍ତ୍ର ଓଡ଼ିଶା ଆତ୍ମପ୍ରକାଶ କରିଥିଲା । ଏହି ଐତିହାସିକ ଉପଲବ୍ଧି କୌଣସି ପ୍ରଶାସନିକ ସୁବିଧାବାଦର ପରିଣାମ ନଥିଲା; ବରଂ ଏହା ଥିଲା ବିଖଣ୍ଡିତ ଓଡ଼ିଆ ଜାତିର ସ୍ୱାଭିମାନ, ଭାଷା, ସଂସ୍କୃତି ଓ ରାଜନୈତିକ ପରିଚୟ ପୁନରୁଦ୍ଧାର ପାଇଁ ଚାଲିଥିବା ଅପ୍ରତିହତ ସଂଗ୍ରାମର ଫଳଶ୍ରୁତି । ଏହି ଐତିହାସିକ ବିଜୟକୁ କେବଳ କଟକ, ପୁରୀ ବା ଉପକୂଳବର୍ତ୍ତୀ ଉତ୍ତର ଓଡ଼ିଶାର ଆନ୍ଦୋଳନର ଫଳ ଭାବେ ଦେଖିଲେ ଏହାର ଐତିହାସିକ ଚିତ୍ର ଅସମ୍ପୂର୍ଣ୍ଣ ରହିଯିବ । ପ୍ରକୃତପକ୍ଷେ, ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଦୁଆ ପକାଇବାରେ ଏବଂ ଶେଷ ପର୍ଯ୍ୟାୟରେ କୂଟନୈତିକ ସ୍ତରରେ ଏହି ସ୍ୱପ୍ନକୁ ସାକାର କରିବାରେ ଅବିଭକ୍ତ ଗଞ୍ଜାମର ଭୂମିକା ଥିଲା ସର୍ବାଧିକ ନିର୍ଣ୍ଣାୟକ । ବ୍ରହ୍ମପୁର, ରମ୍ଭା, ଖଲ୍ଲିକୋଟ ଓ ପାରଳାଖେମୁଣ୍ଡିର ରାଜନ୍ୟବର୍ଗ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଏଥିରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ ।

୧୯୩୬ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଚାରୋଟି ଭିନ୍ନ ପ୍ରଶାସନିକ ପ୍ରଦେଶରେ ବିଖଣ୍ଡିତ ହୋଇ ରହିଥିଲା । କଟକ, ପୁରୀ ଓ ଉତ୍ତର ଓଡ଼ିଶା ବଙ୍ଗ ପ୍ରେସିଡେନ୍ସି (ପରବର୍ତ୍ତୀ ସମୟରେ ୧୯୧୨ରୁ ବିହାର-ଓଡ଼ିଶା) ଅଧୀନରେ ଥିବାବେଳେ, ପଶ୍ଚିମ ଓଡ଼ିଶାର ସମ୍ବଲପୁର ଅଞ୍ଚଳ କେନ୍ଦ୍ରୀୟ ପ୍ରଦେଶ ଅଧୀନରେ ଶାସିତ ହେଉଥିଲା (ଯାହା ୧୯୦୫ରେ ଓଡ଼ିଶା ଡିଭିଜନ ସହ ଯୋଡ଼ି ହେଲା) । ଅନ୍ୟପକ୍ଷରେ ଦକ୍ଷିଣ ଓଡ଼ିଶାର ଅବିଭକ୍ତ ଗଞ୍ଜାମ, କୋରାପୁଟ ଓ ଜୟପୁର ମାନ୍ଦ୍ରାଜ ପ୍ରେସିଡେନ୍ସି ଅଧୀନରେ ରହିଥିଲା । ସେତେବେଳେ ପାରଳାଖେମୁଣ୍ଡି ଜମିଦାରୀ ଗଞ୍ଜାମ ଜିଲ୍ଲାର ଏକ ଅଂଶ ଭାବେ ରହିଥିଲା ।

ଭିନ୍ନ ଭିନ୍ନ ପ୍ରଶାସନିକ ପ୍ରଦେଶରେ ବିଖଣ୍ଡିତ ହୋଇ ନିଜ ମାଟିରେ ହିଁ ଓଡ଼ିଆମାନେ ଭାଷାଗତ ସଂଖ୍ୟାଲଘୁ ପାଲଟି ଯାଇଥିଲେ । ସରକାରୀ ଦପ୍ତର, ଅଦାଲତ ଓ ବିଦ୍ୟାଳୟରେ ଅଣ-ଓଡ଼ିଆ କର୍ମଚାରୀଙ୍କ ଏକଚାଟିଆ ପ୍ରଭାବ ଯୋଗୁଁ ଓଡ଼ିଆ ଭାଷା ଚରମ ଅବହେଳାର ଶିକାର ହୋଇଥିଲା । ଏହି ତୀବ୍ର ପ୍ରଶାସନିକ ଶୋଷଣ, ଓଡ଼ିଆ ଭାଷା ପ୍ରତି ବୈମାତୃକ ଭାବ ଓ ସାଂସ୍କୃତିକ ଆଘାତ ହିଁ ଦକ୍ଷିଣ ଓଡ଼ିଶାର ଜନମାନସରେ ବିଦ୍ରୋହର ଦିବ୍ୟଚେତନା ଏବଂ ସମଗ୍ର ଓଡ଼ିଆ ଭୂଖଣ୍ଡର ଏକତ୍ରୀକରଣ ପାଇଁ ତୀବ୍ର ଆକାଂକ୍ଷା ଜନ୍ମ ଦେଇଥିଲା ।

ଏହି ଆନ୍ଦୋଳନର ପ୍ରାରମ୍ଭିକ ପର୍ବରେ ୧୯୦୨ ମସିହାରେ ଗଞ୍ଜାମର ସ୍ୱାଭିମାନୀ ଓଡ଼ିଆମାନେ ଏକତ୍ରିତ ହୋଇ ଭାଇସରୟ ଲର୍ଡ଼ କର୍ଜନଙ୍କ ନିକଟକୁ ଏକ ଐତିହାସିକ ସ୍ମାରକପତ୍ର ପ୍ରେରଣ କରିଥିଲେ । ବହୁ ଜନସାଧାରଣଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ପତ୍ରରେ ମାନ୍ଦ୍ରାଜ ପ୍ରେସିଡେନ୍ସିର ଗଞ୍ଜାମ, କେନ୍ଦ୍ରୀୟ ପ୍ରଦେଶର ସମ୍ବଲପୁର ଏବଂ ବଙ୍ଗ ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନକୁ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଶାସନିକ ପ୍ରଦେଶ ଗଠନ ତଥା ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା । ଏହା ଥିଲା ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ଦିଗରେ ପ୍ରଥମ ସୁସଂଗଠିତ ରାଜନୈତିକ ପଦକ୍ଷେପ ।

ଓଡ଼ିଆ ଏକତାର ଏହି ଚିନ୍ତନକୁ ବ୍ୟବସ୍ଥିତ ସାଙ୍ଗଠନିକ ରୂପ ଦେଇଥିଲେ ଖଲ୍ଲିକୋଟର ତେଜସ୍ୱୀ ରାଜା ହରିହର ମର୍ଦ୍ଦରାଜ ଦେବ । ତାଙ୍କ ଆନୁକୂଲ୍ୟରେ ୧୯୦୩ ମସିହା ପ୍ରାରମ୍ଭରେ ଚିଲିକା କୂଳସ୍ଥ ରମ୍ଭା ରାଜପ୍ରାସାଦରେ ଏକ ଯୁଗାନ୍ତକାରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ବାବୁ ନରସିଂହ ଦାସ, ଶ୍ୟାମସୁନ୍ଦର ରାଜଗୁରୁ ଓ ହରିହର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହାର ପରିଣାମ ସ୍ୱରୂପ ଜନ୍ମ ନେଇଥିଲା 'ଗଞ୍ଜାମ ଜାତୀୟ ସମିତି' । ୧୯୦୩ ଏପ୍ରିଲରେ ବ୍ରହ୍ମପୁରଠାରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଭାପତିତ୍ୱରେ ଏହାର ପ୍ରଥମ ବିରାଟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁରରୁ ଅନେକ ପ୍ରତିନିଧି ଯୋଗଦେଇ ଓଡ଼ିଆ ଭ୍ରାତୃତ୍ୱ ଓ ଐକ୍ୟର ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ଏହି ସଫଳତା ହିଁ ୧୯୦୩ ଡିସେମ୍ବରରେ କଟକଠାରେ ମଧୁବାବୁଙ୍କ ନେତୃତ୍ୱରେ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠାର ଭିତ୍ତିଭୂମି ସାଜିଥିଲା ।

ଭାଷା ଆନ୍ଦୋଳନକୁ ବୌଦ୍ଧିକ ରୂପ ଦେବାରେ ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଥିଲା ଅତୁଳନୀୟ । ସେ 'ସମ୍ବଲପୁର ହିତୈଷିଣୀ' ମାଧ୍ୟମରେ ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏବଂ ପରେ ଗଞ୍ଜାମରୁ 'ପ୍ରଜାବନ୍ଧୁ' ପତ୍ରିକା ସମ୍ପାଦନା କରି ବିଚ୍ଛିନ୍ନାଞ୍ଚଳର ମୁଖପତ୍ର ସାଜିଥିଲେ । ପଣ୍ଡିତ ବିଦ୍ୟାରତ୍ନ ମଧୁବାବୁ ଓ ଦକ୍ଷିଣ ଓଡ଼ିଶାର ରାଜନ୍ୟବର୍ଗଙ୍କ ମଧ୍ୟରେ ସେତୁ ସଦୃଶ ଥିଲେ । ସେହିପରି ରସୁଲକୋଣ୍ଡାର ସବ୍-ରେଜିଷ୍ଟ୍ରାର ବାବୁ ନରସିଂହ ଦାସ ସରକାରୀ ଚାକିରିରେ ଥାଇ ମଧ୍ୟ ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କ ସହ ଗାଁ ଗାଁ ବୁଲି ଜନସଚେତନତା ସୃଷ୍ଟି କରିଥିଲେ ଏବଂ ବହୁ ସଂଖ୍ୟାରେ ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱାକ୍ଷର ସଂଗ୍ରହ କରି ଭାଇସରୟଙ୍କ ନିକଟକୁ ପଠାଇଥିଲେ ।

୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ କଟକର ଇଦ୍‌ଗା ପଡ଼ିଆରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ଗଞ୍ଜାମ ନେତୃବୃନ୍ଦଙ୍କ ଯୋଗଦାନ ଫଳରେ ଏହା ସମଗ୍ର ଓଡ଼ିଶାର ଏକ ସାର୍ବଜନୀନ ମହାମଞ୍ଚରେ ପରିଣତ ହେଲା । ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡିର ଯୁଗଜନ୍ମା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏହି ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ମୋଡ଼ ଓ ଅନ୍ତର୍ଜାତୀୟ ସ୍ତରରେ ବିଜୟ ପ୍ରଦାନ କରିଥିଲେ । ୧୯୧୩ରେ ରାଜଗାଦି ସମ୍ଭାଳିବା ପରେ, ୧୯୧୪ ଡିସେମ୍ବର ୨୬ ଓ ୨୭ ତାରିଖରେ ସେ ପାରଳାଖେମୁଣ୍ଡି ଠାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଆୟୋଜନ କରି ଆନ୍ଦୋଳନର ସକ୍ରିୟ ନେତୃତ୍ୱ ଗ୍ରହଣ କରିଥିଲେ । ତାଙ୍କର ଅସାଧାରଣ ରାଜନୈତିକ ପ୍ରଜ୍ଞା, ଆର୍ଥିକ ସହାୟତା ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏହି ଆନ୍ଦୋଳନକୁ ନୂତନ ଶକ୍ତି ଯୋଗାଇଥିଲା । ୧୯୨୮ ମସିହାରେ ଯେତେବେଳେ ସାଇମନ କମିଶନ ଭାରତ ପରିଦର୍ଶନରେ ଆସିଥିଲା, ସେତେବେଳେ ଜାତୀୟ କଂଗ୍ରେସ କଳାପତାକା ପ୍ରଦର୍ଶନ କରି ଦେଶବ୍ୟାପୀ ବହିଷ୍କାର ଘୋଷଣା କରିଥିଲା । ମାତ୍ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକ ଅତ୍ୟନ୍ତ ବାସ୍ତବବାଦୀ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ସାଇମନ କମିଶନ ଆଗରେ ସମସ୍ତ ତଥ୍ୟ ଓ ନକ୍ସା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦୃଢ଼ ଦାବି ରଖିଥିଲେ । ଏହି ପ୍ରୟାସର ଶୀର୍ଷ ଫଳ ଦେଖିବାକୁ ମିଳିଥିଲା ୧୯୩୦-୩୧ରେ ଲଣ୍ଡନଠାରେ ଆୟୋଜିତ ପ୍ରଥମ ଗୋଲଟେବୁଲ ବୈଠକରେ । ସେଠାରେ ୧୯୩୧ ଜାନୁଆରୀ ୧୬ରେ ଏକ ଐତିହାସିକ ଭାଷଣ ଦେଇ ସେ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ । ଏହାର ପ୍ରଭାବରେ ବ୍ରିଟିଶ ସରକାର ସାର୍ ସାମୁଏଲ୍ ଓ'ଡୋନେଲ୍‌ଙ୍କ ଅଧ୍ୟକ୍ଷତାରେ 'ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟି' ଗଠନ କରିବାକୁ ବାଧ୍ୟ ହୋଇଥିଲେ ।ତେବେ ଲଢ଼େଇ ଏତିକିରେ ଶେଷ ହୋଇନଥିଲା । ସାମୁଏଲ ଓ'ଡୋନେଲ୍ କମିଟିର ସୁପାରିସ ଏବଂ ୧୯୩୩ର ବ୍ରିଟିଶ 'ଶ୍ୱେତପତ୍ର'ରେ ପ୍ରସ୍ତାବିତ ଓଡ଼ିଶାରୁ ପାରଳାଖେମୁଣ୍ଡି ଓ ଜୟପୁର ବାଦ୍ ପଡ଼ିଥିଲା, ଯାହା ସମଗ୍ର ଓଡ଼ିଶାରେ ତୀବ୍ର ନିରାଶା ଓ ଆକ୍ରୋଶ ସୃଷ୍ଟି କରିଥିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମହାରାଜା ପୁନର୍ବାର ସ୍ୱଖର୍ଚ୍ଚରେ ଲଣ୍ଡନ ଯାଇ ସେଠାରେ ସେ ଲର୍ଡ ଲିନଲିଥଗୋଙ୍କ ଅଧ୍ୟକ୍ଷତାରେ ଗଠିତ 'ଯୁଗ୍ମ ସଂସଦୀୟ କମିଟି' ନିକଟରେ ଦୃଢ଼ ଦାବି ଉପସ୍ଥାପନ କଲେ । ତେଲୁଗୁ ନେତାମାନଙ୍କ ବିରୋଧ ପ୍ରଶମିତ କରିବାକୁ ସେ ନିଜ ପ୍ରାଚୀନ ଜମିଦାରୀ ପାରଳାଖେମୁଣ୍ଡିର କିଛି ଦକ୍ଷିଣାଞ୍ଚଳ ମାନ୍ଦ୍ରାଜ ପ୍ରେସିଡେନ୍ସିରେ ଛାଡ଼ି ରାଜଧାନୀ ସହର ପାରଳାଖେମୁଣ୍ଡି ସମେତ ଉତ୍ତରାଞ୍ଚଳକୁ ସଫଳତାର ସହ ଓଡ଼ିଶାରେ ସାମିଲ କରାଇଲେ । ତାଙ୍କରି ଏହି କୂଟନୈତିକ ବିଜୟ ଫଳରେ ୧୯୩୬ ଏପ୍ରିଲ ୧ରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ— ଏହି ଛଅଟି ଜିଲ୍ଲାକୁ ନେଇ ନୂତନ ଓଡ଼ିଶା ପ୍ରଦେଶ ଜନ୍ମ ନେଲା ।

ଭାରତ ଶାସନ ଆଇନ, ୧୯୩୫ ଅନୁସାରେ ୧୯୩୭ ଏପ୍ରିଲ ୧ରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ (ପ୍ରିମିୟର) ଭାବେ ଶାସନ ଭାର ଗ୍ରହଣ କଲେ । ସେ ଦୁଇଥର (୧୯୩୭ ଏବଂ ୧୯୪୧-୪୪) ଏହି ଦାୟିତ୍ୱ ତୁଲାଇ ନୂତନ ରାଜ୍ୟର ପ୍ରଶାସନିକ, ଶିକ୍ଷା ଓ ଗବେଷଣା ଭିତ୍ତିଭୂମି ସୁଦୃଢ଼ କରିଥିଲେ । ତାଙ୍କରି ପ୍ରତ୍ୟକ୍ଷ ଉଦ୍ୟମରେ ୧୯୪୩ରେ 'ଉତ୍କଳ ବିଶ୍ୱବିଦ୍ୟାଳୟ' ପ୍ରତିଷ୍ଠା ହେଲା ଷ କଟକ ମେଡିକାଲ ସ୍କୁଲକୁ ଏକ ପୂର୍ଣ୍ଣାଙ୍ଗ ଡିଗ୍ରୀ ମେଡିକାଲ କଲେଜ (ପରବର୍ତ୍ତୀ ସମୟରେ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ)ରେ ଉନ୍ନୀତ କରାଗଲା । ଏଥିସହ ଓଡ଼ିଶାରେ ଏକ ସ୍ୱତନ୍ତ୍ର ହାଇକୋର୍ଟ ସ୍ଥାପନର ପ୍ରକ୍ରିୟା ଏବଂ କଟକର ବିଦ୍ୟାଧରପୁରଠାରେ 'କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ' ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ଯୋଗାଇଦେବା ସହ ପ୍ରାରମ୍ଭିକ ପଦକ୍ଷେପ ତାଙ୍କରି ଶାସନ କାଳରେ ଗ୍ରହଣ କରାଯାଇଥିଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କେବଳ ସୀମା ନିର୍ଦ୍ଧାରଣ ନଥିଲା; ଏହା ଥିଲା ଏକ ବିଖଣ୍ଡିତ ଜାତିର ପୁନର୍ଜନ୍ମ, ସ୍ୱାଭିମାନ ଓ ସଂଗ୍ରାମର ମହାଗାଥା । ରମ୍ଭାରେ ରାଜା ହରିହର ମର୍ଦ୍ଦରାଜ ଓ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ପ୍ରଜ୍ୱଳିତ ଚେତନା, ବାବୁ ନରସିଂହ ଦାସଙ୍କ ସଂଗଠନ, ମଧୁବାବୁଙ୍କ ଜାତୀୟ ଦିଗ୍‌ଦର୍ଶନ ଏବଂ ପରିଶେଷରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅତୁଳନୀୟ ତ୍ୟାଗ, ନିରବଚ୍ଛିନ୍ନ ସଂଗ୍ରାମ ଓ କୂଟନୈତିକ ପ୍ରୟାସ ହିଁ ଆଧୁନିକ ଓଡ଼ିଶା ଇତିହାସର ମୂଳଦୁଆ । ନିଃସନ୍ଦେହରେ, ଅବିଭକ୍ତ ଗଞ୍ଜାମର ଅତୁଳନୀୟ ଅବଦାନ ବିନା ସ୍ୱତନ୍ତ୍ର ଓଡ଼ିଶାର ପରିକଳ୍ପନା କଦାପି ସମ୍ଭବ ହୋଇପାରିନଥାନ୍ତା ।

+ଫ୍ଲାଟ ନମ୍ବର - ୩୦୫
ନନ୍ଦିଘୋଷ ଆପାର୍ଟମେଣ୍ଟ,
କମାପଲ୍ଲୀ-ଗୋଇଲୁଣ୍ଡି ରୋଡ଼
ପୋଷ୍ଟ : ବ୍ରହ୍ମପୁର
ଗଞ୍ଜାମ, (ଓଡ଼ିଶା)
ପିନ - ୭୬୦୦୦୪
ମୋ: ୯୪୩୯୯୭୯୯୬୬

# ଆମ ଜିଲ୍ଲାରେ (ବାଲେଶ୍ୱର) ୬୩୬ଜଣ ଡାକ୍ତର ରହିବା କଥା କିନ୍ତୁ ଅଛନ୍ତି ୨୯୦



ସୁବ୍ରତ କର

ଗତଥର ଆମ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଅବସ୍ଥା ଆପଣମାନଙ୍କୁ ଅବଗତ କରାଇଥିଲି ଏଥର ଆସନ୍ତୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଲ୍ଲାର ଅବସ୍ଥା କଣ? ଆମ ଜିଲ୍ଲାରେ ସର୍ବମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୬୩୬ ଜଣ କିନ୍ତୁ ଦୁଃଖର କଥା ଏବେ ଅଛନ୍ତି ୨୯୦ ଜଣ । ସମ୍ଭବ ହେବ କି ୨୫ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା? ଏପଟେ ସରକାର ପ୍ରତିବର୍ଷ ଗୋଟାଏ ପରେ ଗୋଟାଏ ମେଡିକାଲ କଲେଜ ଖୋଲି ଚାଲିଛନ୍ତି । ସରକାର ହୁଅନ୍ତୁ ବା ସ୍ୱାସ୍ଥ୍ୟମନ୍ତ୍ରୀ ମହୋଦୟ କହିବେ କି ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ କେତେ ବର୍ଷ ଭିତରେ ପୂରଣ କରି ପାରିବେ? ଏହା ପାଇଁ ଉତ୍ତର କାହାରି ପାଖରେ ନାହିଁ । ଏବେ ଆସିବା ଏହାର ତଳ ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ଅତି ଜରୁରୀ ପଡୁଥିବା ନର୍ସିଂ ଅଫିସରଙ୍କ ଅବସ୍ଥା କଣ? ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୧୪୦ଟି ମଞ୍ଜୁରୀ ପ୍ରାପ୍ତ ନର୍ସିଂ ଅଧିକାରୀଙ୍କ ପଦବୀ ଅଛି କିନ୍ତୁ ସେଥିରୁ ୯୨ ଜଣ ସେବିକା କାର୍ଯ୍ୟରତ । ପୁଣି ଏହି ୯୨ ଜଣଙ୍କ ମଧ୍ୟରୁ ପ୍ରାୟ ୧୮ ଜଣ ସେବିକା ଅସ୍ଥାୟୀ ଠିକା ନିଯୁକ୍ତିରେ ଅଛନ୍ତି । ସେହିପରି ନିରାମୟ ଔଷଧ ବିତରଣ କେନ୍ଦ୍ରରେ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀମାନେ ଔଷଧ ଦେଉଚନ୍ତି । ୧୬ଟି ମଞ୍ଜୁରୀପ୍ରାପ୍ତ ଫାର୍ମାସିଷ୍ଟ ପଦ ଥିବା ବେଳେ ଅଛନ୍ତି ୯ଜଣ । ଅନ୍ୟପକ୍ଷରେ ୩୮ ଜଣ ପରୀକ୍ଷାଗାର ଟେକ୍ନୋସିଆନ ପଦ ଥିବା ବେଳେ ୩୫ ଜଣ କାର୍ଯ୍ୟରତ ଅଛନ୍ତି । ୧୧୭ ଜଣ ଫାର୍ମାସିଷ୍ଟ ମଞ୍ଜୁରୀପ୍ରାପ୍ତ ପଦ ଥିବା ବେଳେ ୫୨ଜଣ ଫାର୍ମାସିଷ୍ଟ କାର୍ଯ୍ୟରତ ଅଛନ୍ତି । ସେହିପରି ଏକ୍ସରେ, ଏମଆଇଆର ସିଟି ସ୍କାନ୍ କରିବା ପାଇଁ ମଧ୍ୟ ଲୋକ ବଳର ଅଭାବ । ସେହିପରି ସାରା ଜିଲ୍ଲାରେ ୯୮୩ ଜଣ ସେବିକା ଆବଶ୍ୟକ ଥିବା ବେଳେ ମାତ୍ର ୫୦୩ ଜଣ କାର୍ଯ୍ୟରତ । ଏହା ସହିତ ୨୫୯ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ୨୬୯ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦ ଖାଲି ପଡ଼ିଛି । ଏହାଛଡ଼ା ୯୫ ଜଣ ସହାୟକ ପଦ ଖାଲି ପଡ଼ିଛି । ଏହା ଏବେ ଆମ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ଅବସ୍ଥା । ଆପଣମାନେ ଚିନ୍ତା କରନ୍ତୁ ଏତେ ବଡ଼ ଜିଲ୍ଲାରେ ଯଦି ଏହି ଅବସ୍ଥା ଅନ୍ୟ ଜିଲ୍ଲା ମାନଙ୍କରେ ମଧ୍ୟ ଏହି ଭଳି ହୋଇଥିବ । ଏମିତି ସ୍ୱାସ୍ଥ୍ୟ ସେବାକୁ ସାଙ୍ଗରେ ଧରି ରାଜ୍ୟର ପ୍ରାୟ ସାଢ଼େ ଚାରି କୋଟି ଲୋକ ଅସହାୟ ହୋଇ ବଞ୍ଚି ରହିଛନ୍ତି । ସତରେ କଣ ଏତେ ଶୀଘ୍ର ଆମ ସରକାର ଅସହାୟ ନା କିଛି କାର୍ଯ୍ୟ ଇଚ୍ଛା ସତ୍ତ୍ୱେ ହୋଇପାରୁ ନାହିଁ । ଏହା ସରକାରଙ୍କୁ ଜଣା ।




## ଏଇ ଭୋଦୁଅରେ

### ଜଗଦୀଶ ସାହୁ



ସରଗ ତରା
ଚିକିମିକି ମାରେ ଭୋଦୁଅ ଖରା
ଖରା ଖାଇ ହସେ ଧରା
ଏଇ ଭୋଦୁଅରେ
କୃଷ୍ଣ ଜନ୍ମାଷ୍ଟମୀ
ପରବ ପଡଇ ପରା
ଫୁଲ ଫୁଟି ମହୀ ବାସେ
ଏଇ ଭୋଦୁଅରେ ଗଣେଶ ଚତୁର୍ଥୀ
ଗାଆଁ ବିଦ୍ୟାଳୟ ହସେ
ଜୀବ ଜୀବନ
ଏଇ ଭୋଦୁଅରେ ନୂଆଖାଇ ପର୍ବ
ସମଲେଇ ପୀଠେ ହୁଏ ନବାନ୍ନ
ମାଆ ବୁଝେ ସିନା ଭକତ ମନ
ଏଇ ଭୋଦୁଅରେ ଶିଳ୍ପନଗରୀରେ
ବିଶ୍ୱକର୍ମା ପୂଜା ହୁଏ ସମ୍ପନ୍ନ
ଶ୍ରମିକ ମନରେ ଖୁସି ଅସରା
ସରଗ ତରା
ଏଇ ଭୋଦୁଅରେ ଖୁଦୁରୁକୁଣୀ
ଭାଇ ପାଇଁ ବ୍ରତ ପାଳେ ଭଉଣୀ
ମାଆ ମଙ୍ଗଳା
ଉଦ୍ଧାର କରନ୍ତି ବୁଡିବା ଭେଳା
ହସ ପସରା ମୋ
ସରଗ ତରା
ଏଇ ଭୋଦୁଅରେ ଗ୍ରାମଶିରୀ ପୀଢ଼
ପୂଜାରେ ଲାଗନ୍ତି ଗାଆଁଟା ସାରା
ନ ଥାଏ ବର୍ଷାର ମୂଷଳ ଧାରା
ସବୁଜ ଶାଢୀରେ ସୁନ୍ଦର ଧରା
କାଚକେନ୍ଦୁ ପରି ପାଣି
ଏଇ ଭୋଦୁଅରେ ପ୍ରକୃତି ସୁଷମା
ଜନ ମନ ନିଏ କିଣି ।

+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## ମାର୍ଗ

### ଡ. ଦୀପକ କୁମାର ମିଶ୍ର

ମୋର ପାଦ ନାହିଁ ତଥାପି ଚାଲୁଛି,
ମାର୍ଗ ନାହିଁ ତଥାପି ନିରୁଦ୍ୱିଗ୍ନ ହୃଦୟରେ
ଦୂରତା ମାପୁଛି ।

ଯେଉଁ ମାର୍ଗରେ ସମସ୍ତେ ଚାଲନ୍ତି
ସେଇଟା କଦାପି ମୋର ମାର୍ଗ ନୁହେଁ
ଯେଉଁ ମାର୍ଗ ଲକ୍ଷ୍ୟରେ ପହଞ୍ଚାଇବାକୁ
ମୂଲଟିଏ ମାଗେ
ସିଏ ବି ମୋର ମାର୍ଗ ନୁହେଁ
ମୋ ମାର୍ଗ କେଉଁଠୁ ଆରମ୍ଭ,
କେଉଁଠି ଶେଷ
ମତେ ବି ଅଜଣା
ଦୁଇ ଶୂନ୍ୟବିନ୍ଦୁରେ ଝୁଲୁଥିବା
ମାଟିମୋହଶୂନ୍ୟ ଅମାର୍ଗ ହିଁ
ବୋଧେ ମୋ ପାଇଁ ସ୍ଥିର ମାର୍ଗଟିଏ ।
ମୋ ମାର୍ଗରେ ମୁଁ ଏକୁଟିଆ ଚାଲେ
ଘୋ ଘୋ ପଥଶ୍ରାନ୍ତ ଏକୁଟିଆ ଯୁଝେ
ଏ ମାର୍ଗରେ କେହି ଜଣେ ହେଲେ
ସହପଥିକ ନଥାନ୍ତି
ନଥାଏ ମଧ୍ୟ କେଉଁ କ୍ଳାନ୍ତ ପାନ୍ଥଶାଳା
ଦିଗନ୍ତ ବିସ୍ତାରି ଅସୀମତାରେ
ଜୁଟେନି ତିଳେ ବି ସ୍ନିଗ୍ଧ ସରଳତା ।

ମାର୍ଗ ତ ନିଜ ପାଇଁ ପଥିକଟିଏ ବାଛେ
ଦୁଇପାର୍ଶ୍ୱରେ ଥାଏ ଯୋଜନ ଯୋଜନ
ଶାନ୍ତ ନିର୍ଜନତା
ଡାକ ପକେଇଲେ
ନିରବ ଗୁଞ୍ଜନର ପ୍ରତ୍ୟୋତ୍ତରରେ
ସମାନ ସ୍ୱରର ଅଚିହ୍ନା ପ୍ରଶ୍ନବାଚୀ ଡାକଟିଏ
ହିଁ ଶୁଭେ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

ଡକ୍ଟର ଲକ୍ଷ୍ମଣ ସାହୁ



# ପ୍ରଥମ ପ୍ରେମର ପ୍ରଥମ ଅକ୍ଷର

ସେହି ପୁରୁଣା ବରଗଛର ଡାଳ ଦେଇ ଝରକା ଭିତରକୁ ସୂର୍ଯ୍ୟକିରଣ ପ୍ରବେଶ କରୁଥିଲା। ସେଆଡକୁ ରଶ୍ମିତାର ଆଖି ବାରମ୍ବାର ବୁଲୁଥିଲା । ଅଜୟ ସାର୍ ବୋର୍ଡରେ ଗଣିତ ସୂତ୍ର ଲେଖିବା ସମୟରେ ତାଙ୍କର ନଜର ରଶ୍ମିତା ଉପରେ ପଡ଼ିଲା । ସାମାନ୍ୟ ବିରକ୍ତ ଭାବ ପ୍ରକାଶ କରି ସେ ତାଙ୍କ ହାତରେ ଥିବା ଛୋଟ ଚକ୍‌ଟିକୁ ରଶ୍ମିତା ଆଡ଼କୁ ଫୋପାଡ଼ି ଦେଇ କହିଲେ, 'ରଶ୍ମି, ତୁମର ପଢ଼ିବା ପ୍ରତି ଏକାଗ୍ରତା କି ଧ୍ୟାନ କାହିଁକି ନାହିଁ ? ଯଦି ତୁମର ପଢ଼ିବାକୁ ଇଚ୍ଛା ହେଉନାହିଁ, ତେବେ ବାହାରେ ଯାଇ ବସ। କ୍ଲାସ ଏଠାରେ ଚାଲିଛି, ସେହି ଝରକାରେ ନୁହେଁ ।' ସମଗ୍ର କ୍ଲାସର ନଜର ରଶ୍ମିତା ଆଡକୁ ଫେରିଗଲା, ତା'ପରେ ରଶ୍ମିତା ଲଜ୍ଜିତ ସ୍ୱରରେ କହିଲା, 'କ୍ଷମା କରିବେ ସାର, ସେଠାରୁ ସୂର୍ଯ୍ୟକିରଣ ମୋ ଆଖିରେ ପଡୁଥିଲା, ତେଣୁ ମୁଁ ଦୃଷ୍ଟି ହରାଇଥିଲି ।'

ଅଜୟ ସାର୍ ଆଉ କିଛି କହିଲେ ନାହିଁ, କେବଳ ପାଠପଢ଼ାରେ ବ୍ୟସ୍ତ ରହିଲେ । ରଶ୍ମିତା ମୁହଁ ବୁଲାଇ ଧୀରେ ବୋର୍ଡକୁ ଚାହିଁଲା। ସାଧାରଣତଃ ରଶ୍ମିତା ପାଠପଢ଼ାରେ ବହୁତ ଭଲ ଛାତ୍ରୀ ଥିଲା । କିନ୍ତୁ ଆଜି କାହିଁକି କେଜାଣି ସେ ପ୍ରକୃତରେ କ୍ଲାସରେ ଆଗ୍ରହୀ ନଥିଲା । ସ୍କୁଲ କୋଠା ସମାନ ଥିଲା, କରିଡର ସମାନ ଥିଲା, ପ୍ରାର୍ଥନା ପରେ ଖେଳ ପଡ଼ିଆରେ ଯେଉଁ ରେଖା ସୃଷ୍ଟି ହେଉଥିଲା ତାହା ସମାନ ଥିଲା, କିନ୍ତୁ ରଶ୍ମିତାକୁ ଲାଗୁଥିଲା ଯେପରି ଆଜିକାଲି ସବୁକିଛି ହଠାତ୍ ବଦଳି ବଦଳି ଯାଇଛି । ହୁଏତ କାରଣ ଭିତରେ ଏବେ ସେ ସ୍କୁଲର ସବୁ କିଛିରେ ଗୋଟିଏ ମୁହଁ ଦେଖିପାରୁଥିଲା । ସେହି ମୁହଁ ଥିଲା ରାଜୁର।

ରାଜୁ ଏକାଦଶ ଶ୍ରେଣୀରେ ତା' ସହିତ ସମାନ ଶ୍ରେଣୀରେ ପଢୁଥିଲା । ସେ ସ୍ୱଭାବରେ ଶାନ୍ତ ଥିଲା, ବହୁତ କଥାବାର୍ତ୍ତା କରୁନଥିଲା କିମ୍ବା ବହୁତ ଗମ୍ଭୀର ମଧ ନଥିଲା। ପ୍ରାୟତଃ ସେ ଶେଷ ବେଞ୍ଚରେ ବସି ତା' ବହିର ପଛପଟେ ଛୋଟ ଛୋଟ କବିତା ଲେଖି ରହୁଥିଲା । ରଶ୍ମିତା ତା' ସହିତ କେବେ ଠିକ୍ ଭାବରେ କଥା ହୋଇନଥିଲା। ତଥାପି ସେ କେମିତି କେମିତି ଅନୁଭବ କରୁଥିଲା ଯେ ସେ ତାକୁ ଅଧିକ ଜାଣଛି। ସେ ଜାଣିଥିଲା ଯେ ରାଜୁ ବର୍ଷାକୁ ଭଲ ପାଏ । ସେ ଏହା ମଧ ଜାଣିଥିଲା ଯେ ସେ ତାଙ୍କ ଗଣିତ ନୋଟବୁକର ଶେଷ ପୃଷ୍ଠାରେ କବିତା ଲେଖୁଥିଲା । ସ୍କୁଲ ପରେ ପ୍ରତି ଶୁକ୍ରବାର, ସେ ସ୍କୁଲରେ ସେହି ପୁରୁଣା ବରଗଛର ଛାଇ ତଳେ କିଛି ସମୟ ପାଇଁ ଠିଆ ହେଉଥିଲା । ରଶ୍ମିତା ଜାଣି ନଥିଲା ଯେ ସେ ରାଜୁ ବିଷୟରେ ଏତେ ଜାଣିଛି କିପରି । ହୁଏତ ଏପରି ଟିକିଏ ଟିକିଏ ପ୍ରେମ ଆରମ୍ଭ ହୁଏ । କୌଣସି ଘୋଷଣା ବିନା ପ୍ରକାଶ ନକରି ଯେ ଆପଣ କାହାକୁ ଟିକିଏ ପସନ୍ଦ କରିବା ଆରମ୍ଭ କରିଛନ୍ତି ।

ଦିନେ ମଧ୍ୟାହ୍ନ ଭୋଜନ ସମୟରେ, ରଶ୍ମିତାର ବନ୍ଧୁ ଜୟଶ୍ରୀ ତା' କପି ଛଡ଼ାଇ ନେଇ ପଛ ପୃଷ୍ଠା ଓଲଟାଇ କହିଲା, ଆରେ 'ତୁମେ ଏଥିରେ ପଢୁଛ ନା ରାଜୁକୁ ଦେଖୁଛୁ ?'

ରଶ୍ମିତାର ମୁହଁ ଲାଲ ହୋଇଗଲା । ସେ ଶୀଘ୍ର କହିଲା, 'ତୁ ପାଗଳ କି ?'

ଜୟଶ୍ରୀ ହସିବାକୁ ଲାଗିଲା, ସେ ଶେଷ ପୃଷ୍ଠାର ଏକ କୋଣରେ ଲେଖାଥିବା 'ଜ' ଅକ୍ଷର ଉପରେ ତା'ର ଆଙ୍ଗୁଠି ରଖି ପଚାରିଲା, ତେବେ ସେହି 'ଜ କିଏ , ଯାହା ପାଖରେ ତୁ ଏତେ ସୁନ୍ଦର କରି ହୃଦୟ ଆଙ୍କିଛୁ ?'

ରଶ୍ମିତା ଶୀଘ୍ର ତା ନୋଟବୁକ୍ ଛଡାଇ ଧରିନେଲା। ସେ ପ୍ରକୃତରେ ପାଠ ପଢୁଥିଲା । କିନ୍ତୁ ସେ ଅଜାଣତରେ ପୃଷ୍ଠାର କୋଣରେ ଏକ ଛୋଟ 'ଜ' ଲେଖି ସେହି ଛୋଟ ହୃଦୟଗୁଡ଼ିକୁ ଆଙ୍କି ଦେଇଥିଲା । ସେଦିନ ଘରକୁ ଫେରିବା ବାଟରେ, ସେ ପ୍ରଥମ ଥର ପାଇଁ ନିଜକୁ ହସିଥିଲା। ସେ ପ୍ରେମର ଅର୍ଥ କିଛି ଜାଣି ନଥିଲା। ସେ କେବଳ ଏତିକି ଜାଣିଥିଲା ଯେ ରାଜୁ ଆସିବା ପରେ ତା ହୃଦୟ ଟିକେ ଦ୍ରୁତ ଗତିରେ ବଢିବଢି ଯାଉଛି । ଆଉ ଯଦି ସେ ଗୋଟିଏ ଦିନ ପାଇଁ ସ୍କୁଲକୁ ନ ଆସେ, ତେବେ ସାରା ଦିନଟି ଅସମ୍ପୂର୍ଣ୍ଣ ଅସମ୍ପୂର୍ଣ୍ଣ ଲାଗେ । ଆଜି ରାଜୁର ଅନୁପସ୍ଥିତିରେ ସେହି ସମାନ ଅସମ୍ପୂର୍ଣ୍ଣ ଦିନ ଭଳି ଲାଗିଥାଏ ।

ଯେଉଁ ଦିନ ରାଜୁ ସ୍କୁଲ ଆସୁ ନଥିଲା ସେଦିନ ରଶ୍ମିତା କୌଣସି ଶ୍ରେଣୀରେ ଧ୍ୟାନ ଦେଇପାରୁ ନଥିଲା, ତା ଆଖି ସ୍ୱୟଂଚାଳିତ ଭାବରେ ରାଜୁକୁ ଖୋଜିବା ପାଇଁ ସେହି ବରଗଛ ଆଡକୁ ଚାଲିଯାଉଥିଲା, ଯେଉଁଠାରେ ସେ ପ୍ରାୟତଃ ରାଜୁ ଠିଆ ହୋଇଥିବାର ଦେଖିଥିଲା।

କିଛି ସପ୍ତାହ ପରେ, ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଲା । ରଶ୍ମିତା ତାମଞ୍ଚ ପଛରେ ଠିଆ ହୋଇଥିଲେ, ହାତରେ ଏକ କବିତା ସ୍ଲିପ୍ ଧରି,



ଯେତେବେଳେ ରାଜୁ ତାଲ ପାଖକୁ ଆସି ପଚାରିଲେ, 'ତୁମେ ଏକ କବିତା ପଢୁଛ ?'

ରଶ୍ମିତା ସହମତିରେ ମୁଣ୍ଡ ହଲାଇଲା, ତା'ପରେ ସେ ପୁଣି ପଚାରିଲା, 'ତୁମେ ଭୟଭୀତ ହେଉଛ କି ?'

'ନା।'

ରାଜୁ ହସି କହିଲା, 'ତୁମେ ଭଲ ପଢ଼ । ଭୟ କରିବାର କୌଣସି ଆବଶ୍ୟକତା ନାହିଁ ।'

ଏତିକି ଥିଲା । କିନ୍ତୁ ସେହି ରାତିରେ ରଶ୍ମିତା ତା ଡାଏରୀରେ ସେହି ଗୋଟିଏ ବାକ୍ୟ ତିନି ଥର ଲେଖିଲେ: 'ତୁମେ ଭଲ ପଢ଼। ଭୟ କରିବାର କୌଣସି ଆବଶ୍ୟକତା ନାହିଁ ।' ତାକୁ ଲାଗିଲା ଯେପରି ରାଜୁ ତା' ଭିତରେ କିଛି ଭୟକୁ ଚିହ୍ନି ପାରିଛି । କାର୍ଯ୍ୟକ୍ରମ ଶେଷରେ, ସେମାନେ ଛୋଟ ଛୋଟ କଥାବାର୍ତ୍ତା ଆରମ୍ଭ କଲେ । କେତେବେଳେ ପୁସ୍ତକ ବିଷୟରେ, କେତେବେଳେ ବର୍ଷା ବିଷୟରେ, କେତେବେଳେ ପରୀକ୍ଷା ବିଷୟରେ, ଆଉ କେତେବେଳେ ବିନା କାରଣରେ । ଦୁହିଁଙ୍କ ବନ୍ଧୁତାର କୌଣସି ନାମ ନଥିଲା । କିନ୍ତୁ ସ୍କୁଲରେ ପହଞ୍ଚିବା ପରେ ପ୍ରତିଦିନ ସକାଳେ ତାଙ୍କୁ ଖୋଜୁଥିବା ରଶ୍ମିତା ପ୍ରଥମ ବ୍ୟକ୍ତି ଥିଲା ରାଜୁ । ଦିନେ ରାଜୁ ପଚାରିଲା, 'ଯଦି ସ୍କୁଲ ପରେ ତୁମକୁ ଦୂର କୌଣସି ସ୍ଥାନକୁ ଯିବାକୁ ପଡ଼େ, ତେବେ ତୁମେ କେଉଁଠିକୁ ଯିବ ?'

ରଶ୍ମିତା କିଛି ନ ଭାବି କହିଲା, 'ପାହାଡ଼କୁ।'

'କାହିଁକି ?'

'ହୁଏତ ସେଠାରେ କେହି ମୋତେ ସହଜରେ ଚିହ୍ନିପାରିବେ ନାହିଁ ।'

ରାଜୁ କିଛି ସମୟ ପାଇଁ ନୀରବ ରହିଲା, ତା'ପରେ କହିଲା, 'ମୁଁ ମଧ ତମ ପରି କରିବି।' ରଶ୍ମିତା ହସିଦେଲା।

'କିଏ ତୁମକୁ ଡାକିଲା ?'

'ତୁମର ଅଛି ।'

'ମୁଁ କଣ କଲି ?'

'ବର୍ତ୍ତମାନ।'

କେତେଟା ଅବାନ୍ତର କଥା । ଦୁହେଁ ଦୁହିଁଙ୍କୁ କଣ କହୁଛନ୍ତି ଯେମିତି ଭୁଲି ଯାଇଥିଲେ ।

ସେଦିନ ଦୁହେଁ ଦୁହିଁଙ୍କ କଥାରେ ବହୁତ ସମୟ ପର୍ଯ୍ୟନ୍ତ ହସିଲେ । ଦୁହେଁ ଜାଣି ନଥିଲେ ଯେ କିଛି ବାକ୍ୟ ଜୀବନସାରା ସ୍ମୃତିରେ ରହିଥାଏ। ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହେଲା। ତା'ପରେ ଫଳାଫଳ ଆସିଲା । ତା'ପରେ ସ୍କୁଲରୁ ବିଦାୟ ନେଲେ । ସମସ୍ତଙ୍କୁ ନିଜ ନିଜର ନୂତନ ଗନ୍ତବ୍ୟସ୍ଥଳକୁ ଯିବାକୁ ପଡିଲା। ରାଜୁକୁ ଅଧିକ ପାଠପଢ଼ା ପାଇଁ କଟକ ଯିବାକୁ ପଡିଲା। ରଶ୍ମିତାକୁ ଗାଁ ପାଖ କଲେଜରେ ପଢ଼ିବାକୁ ହେଲା । ବିଦାୟ ଦିନ, ଦୁହେଁ ସ୍କୁଲର ସମାନ ବରଗଛ ତଳେ ଠିଆ ହେଲେ । ରାଜୁ ତା' ପକେଟରୁ ଗୋଟିଏ ଛୋଟ ଲଫାପା ବାହାର କରି ରଶ୍ମିତାକୁ ଦେଇ କହିଲା, 'ତୁମ ପାଇଁ ।'

ରଶ୍ମିତା ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ଏହା କ'ଣ ?'

'ଘରକୁ ଯାଇ ପଢ଼ିବ।'

'ବର୍ତ୍ତମାନ କାହିଁକି ନୁହେଁ ?'

'କାରଣ କିଛି କଥା ତମ ସାମ୍ନାରେ କହିବାକୁ ମୋର ସାହସ ନାହିଁ।'

ରଶ୍ମିତା ଲଫାଫାଟି ରଖିଲା । ବସ୍ ଷ୍ଟପ୍ ଯିବା ବାଟରେ, ସେ ଏହାକୁ ଖୋଲିବାକୁ ଚେଷ୍ଟା କରି ଚାଲିଲା, କିନ୍ତୁ ସେ ଖୋଲିଲା ନାହିଁ । ଘରେ ପହଞ୍ଚି ସେ କବାଟ ବନ୍ଦ କରି ଥରି ଥରି ଆଙ୍ଗୁଠିରେ ଖୋଲିଲା । ଭିତରେ ଗୋଟିଏ ପୃଷ୍ଠା ଥିଲା, ଯେଉଁଥିରେ ଲେଖାଥିଲା, 'ରଶ୍ମି, ମୁଁ ଜାଣିନାହିଁ ଏହା ପ୍ରେମ ନା ତୁମ ସହିତ ବିତାଇଥିବା ଦିନଗୁଡ଼ିକର ଏକ ସୁନ୍ଦର ଅଭ୍ୟାସଗତ ମଧୁର ସ୍ମୃତି । ହୁଏତ ଆମେ ଦୁହେଁ ଏତେ ଛୋଟ ଯେ ଏହି ଭାବନାଗୁଡ଼ିକୁ ନାମ ଦେବା ମଧ ଉପଯୁକ୍ତ ହେବ ନାହିଁ । କିନ୍ତୁ, ଏତେ ବର୍ଷ ପରେ, ଯଦି ତୁମେ ବର୍ଷାରେ ଏହି ବଟଗଛକୁ ମନେ ପକାଉଛ, ତେବେ ବୁଝିଯାଅ ଯେ ମୁଁ ତୁମକୁ ଭୁଲି ନାହିଁ । କିନ୍ତୁ ଯଦି ତୁମେ ଭୁଲିଛ, ତେବେ କୌଣସି ଅଭିଯୋଗ ନାହିଁ, କାରଣ କିଛି ଲୋକ ଆମ ଜୀବନରେ ସବୁଦିନ ପାଇଁ ରହିବା ପାଇଁ ଆସନ୍ତି ନାହିଁ । କିଛି ଲୋକ କେବଳ ଆମକୁ ଶିଖାଇବାକୁ ଆସନ୍ତି ଯେ ହୃଦୟ ପ୍ରଥମ ଥର ପାଇଁ କାହା ପାଇଁ ଏହା କେତେ କଷ୍ଟକର ଓ ଯନ୍ତ୍ରଣା ଦେଇଥାଏ । ରାଜୁ।' ରଶ୍ମି ବହୁତ ସମୟ ପର୍ଯ୍ୟନ୍ତ ଚିଠିଟିକୁ ଚାହିଁ ରହିଲା । ସେ କୌଣସି ଉତ୍ତର ଦେଲା ନାହିଁ ।

ସେ କିଛି ଲେଖି ନଥିଲା । ହୁଏତ ତା' ପାଖରେ କହିବାକୁ ବହୁତ କିଛି ଥିଲା, କିମ୍ବା ହୁଏତ ସେହି ବୟସରେ, ପ୍ରେମ ଶବ୍ଦ ଅପେକ୍ଷା ଅଧିକ ଅନୁଭୂତ ହୁଏ ।

ସମୟ ତା'ର ଗତିରେ ଚାଲିବାକୁ ଲାଗିଲା। ସ୍କୁଲ କଲେଜକୁ ସ୍ଥାନ ଦେଲା, ତା'ପରେ ଚାକିରି, ନୂଆ ବନ୍ଧୁ ଓ ଦାୟିତ୍ୱ, ଏସବୁ କୌଣସି କାରଣ ବିନା ଜୀବନର ଏକ ଅଂଶ ହୋଇଗଲା। କିନ୍ତୁ ଏସବୁ ମଧ୍ୟରେ, ରଶ୍ମିତା ଅମର ରାଜୁକୁ ମନେ ପକାଇଲା, ପ୍ରାୟତଃ ଯେତେବେଳେ ବର୍ଷା ହେଉଥିଲା । ଗୋଟିଏ ଦିନ, ପ୍ରାୟ ଦଶ ବର୍ଷ ପରେ, ରଶ୍ମିତା ତାଙ୍କ ସ୍କୁଲକୁ ଫେରିଲା । କୋଠାଟି ସମ୍ପୂର୍ଣ୍ଣ ବଦଳି ଯାଇଥିଲା, କିନ୍ତୁ ବଟଗଛଟି ଏବେ ବି କ୍ଷେତ ମଝିରେ ତାର ଡେର ବିସ୍ତାର କରି ଠିଆ ହୋଇଥିଲା । ରଶ୍ମିତା ଯାଇ ତା' ପାଖରେ ଠିଆ ହେଲା, ସ୍କୁଲ ଦିନଗୁଡ଼ିକ ତା' ଆଖିରେ ଚଳଚ୍ଚିତ୍ର ପରି ଖେଳିବାକୁ ଲାଗିଲା। ତା'ପରେ ପଛରୁ କେହି ଜଣେ କହିଲା, 'ତୁମେ କ'ଣ ଏବେ ବି ବର୍ଷା ପସନ୍ଦ କରୁଛ ?'

ରଶ୍ମିତା ପଛକୁ ବୁଲି ଦେଖିଲା ଯେ ରାଜୁ ତାଙ୍କ ସାମ୍ନାରେ ଠିଆ ହୋଇଛନ୍ତି । ସେ ସମ୍ପୂର୍ଣ୍ଣ ପରିବର୍ତ୍ତିତ ଓ ପରିପକ୍ୱ ଦେଖାଯାଉଥିଲେ । ତାଙ୍କ ମୁହଁରେ ସେହି ଶାନ୍ତ ହସ ଥିଲା । ରଶ୍ମିତା କିଛି ପଚାରିଲେ ନାହିଁ । ରାଜୁ ହସି ହସି କହିଲେ, 'ମୁଁ ଭାବିଥିଲି ତୁମେ ମୋତେ ଚିହ୍ନିପାରିବ ନାହିଁ।'

ରଶ୍ମିତାର ଆଖି ଜକେଇ ଉଠିଲା । ସେ କହିଲା, 'କିଛି ଲୋକ ସବୁଦିନ ପାଇଁ ତୁମ ସହିତ ରହିଥାନ୍ତି, କେବଳ ସ୍ମୃତି ଭାବରେ ନୁହେଁ, ବରଂ ଜୀବନ ଭାବରେ। ତୁମେ ଏଠାରେ କଣ କରୁଛ ?'

ରାଜୁ ହସି କହିଲେ, 'ମୁଁ ଏବେ ଆମ ସ୍କୁଲର ପ୍ରିନ୍ସିପାଲ୍ । ମୋତେ ଗୋଟିଏ କଥା କୁହ, ତୁମେ ମୋର ଚିଠିକୁ ସୁରକ୍ଷିତ ଭାବରେ ରଖିଥିଲ ?'

ରଶ୍ମିତା ହସିଲେ ।

'ନା।'

ରାଜୁର ମୁହଁ ଟିକେ କଳାବାଦଲେ ଛାଇ ହୋଇଗଲା । ରଶ୍ମିତା ତାଙ୍କ ବ୍ୟାଗରୁ ଏକ ପୁରୁଣା, ହଳଦିଆ ଲଫାଫା କାଢ଼ି ରାଜୁଙ୍କୁ ଦେଖାଇଲା । ଦୁହେଁ ହସିଲେ । କିଛି ସମୟ ପରେ, ରାଜୁ ଧୀରେ ପଚାରିଲା, 'ତୁମେ କେବେ ଭାବିଥିଲ କି ଏହା ପ୍ରେମ ?'

ବଟପତ୍ର ଦେଇ ପଡୁଥିବା ସୂର୍ଯ୍ୟକିରଣକୁ ଚାହିଁ ରଶ୍ମିତା କହିଲା,

ମୁଁ ସେତେବେଳେ ଏତେଟା ବୁଝିପାରି ନଥିଲି।'

'ଏବଂ ବର୍ତ୍ତମାନ ?'

ରଶ୍ମିତା ହସି ହସି କହିଲା,

'ଏବେ ଲାଗୁଛି... ତାହା ପ୍ରେମ ନଥିଲା।'

ରାଜୁ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲା, ତା'ପରେ ରଶ୍ମିତାକୁ ଚାହିଁ କହିଲା, 'ସେହି ପ୍ରେମର ପ୍ରଥମ ଭାଷା ଥିଲା ।'

ଠିକ୍ ଟିକିଏ ସେ ସମୟରେ ପବନ ବହିଲା। ବଟ ଗଛର କିଛି ଡାଳ ପଡ଼ିଗଲା। ରଶ୍ମିତା ପୁରୁଣା ଚିଠିଟିକୁ ପୁଣି ଥରେ ମୋଡ଼ି ତା ବ୍ୟାଗରେ ରଖିଲା। ଠିକ୍ ସେତିକିବେଳେ, ରାଜୁ ତା ଆଡ଼କୁ ହାତ ବଢ଼ାଇ କହିଲା, 'ତେବେ, ଏବେ ଆମେ ଏହି ଭାଷା ଶିଖି ସାରିଛେ, ଏଥର ଆମେ ଏହି କାହାଣୀକୁ ଅପୂର୍ଣ୍ଣ ରଖିବାର ଭୁଲ କରିବା ଉଚିତ୍ ନୁହେଁ କି ?'

ରଶ୍ମିତାର ଆଖି ଲୁହରେ ଭରିଗଲା । ସେ ଦୋହଲୁଥିବା ବରଗଛକୁ ଟିକିଏ ଉପରକୁ ଚାହିଁଲା, ତା'ପରେ ରାଜୁକୁ ହାତ ବଢାଇଲା । ଲାଜେଇ ଯାଇ ଭାବୁଥିଲା ଆଜିଯାଏଁ ରାଜୁକୁ ଥରେ ମୁଁ ତମକୁ ଭଲପାଏ କହିବାକୁ ସାହସ ନଥିଲା କେମିତି। ସତରେ ଯେମିତିକି ରଶ୍ମିର ପ୍ରେମ ପୁଣି ଥରେ ଏପରି ଗୋଟିଏ ସ୍ଥାନରେ ପୂରଣ ହେଲା । ଯେଉଁଠାରେ ଏକପ୍ରକାର ନିର୍ଦ୍ଦିଷ୍ଟ ବୟସ ସମାନ ରହିଥାଏ । ଯେଉଁଠାରେ ବର୍ଷାରେ ମଧ୍ୟ ସ୍କୁଲ ଘଣ୍ଟି ଶୁଭିଥାଏ । ଯେଉଁଠି କାହାର ନାମ ଶୁଣି ପ୍ରଥମ ଥର ପାଇଁ ହୃଦୟ ସ୍ପନ୍ଦିତ ହୁଏ। ଏବଂ ଯେଉଁଠି ପ୍ରେମ... ଏପର୍ଯ୍ୟନ୍ତ ପ୍ରେମ ବୋଲି କହିବା ଶିଖିନାହିଁ... ! ! !

ତାରା ନିଳୟ, ପ୍ଲଟ: ୮୫୪/ଏ ,
ଲକ୍ଷ୍ମୀନାରାୟଣ ବିହାର ,
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫ ,
ମୋ: ୯୦୪୦୧୫୧୪୭୫

ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)

# ଚୋରା-ଚଇତାଳି





ଏଇ କେତେବର୍ଷ ହେବ ସେ ଏକ ପ୍ରକାର ଲୁଚି ଲୁଚି ବୁଲୁଥିଲା। ଏକ ଅକ୍ଷମଣୀୟ ଅଭାବବୋଧେ ତା କାନ୍ଧ ଉପରେ ଭୂତ ଭଳି ସବାର ହେଇରହିଛି। ସେଇ ଭୂତକୁ ନେଇ କେବେ କାଳେ ତାର ସେଇ ଶ୍ରାବଣ ଭିଜା ପୁଷ୍ପିତ ଅତୀତ ସହ ମୁହାଁମୁହିଁ ହବାର ଭୟରେ ସେ ସଦା ସତର୍କ ରହୁଥିଲା। ବିଶେଷ କରି ଏଇ ଓଡ଼ିଶାକୁ ଆସିବା ପରେ ହିଁ ବେଶି ସାବଧାନତା... ! ଅରୁଣିମା ଆଜି ଆସିଥିଲା ଆନୁଆଲ୍ ହେଲଥ୍ ଚେକଅପ୍ କରିବାକୁ ଆପୋଲ ହସପିଟାଲ। ତାଙ୍କ କମ୍ପାନୀର ସବୁ ଏମ୍ପ୍ଲୟିଙ୍କର ପ୍ରତିବର୍ଷ ମେ, ଜୁନ୍ ବେଳକୁ ହିଁ ଏଇଠି ଚେକ୍‌ଅପ୍ ହୁଏ। ହେଲେ ସେ କେମିତି ଜାଣିବ ଯେ ଯାହାକୁ ଡ଼ରି ସେ ଏମିତି ଲୁଚି ଲୁଚି ବୁଲୁଛି, ତା ସହ ଏଇଠି ହିଁ ଭେଟାଭେଟି ହେଇଯିବ... ? ସେ ପୁଣି ଏଭଳି ପରିସ୍ଥିତିରେ... ? ହସପିଟାଲକୁ ସେ ଠିକ୍ ପଶିଲା ବେଳକୁ ଷ୍ଟ୍ରେଚରରେ ସଜ୍ଞାହୀନ ଅନିମେଶ୍‌କୁ ଆଟେଣ୍ଡାଣ୍ଟମାନେ ନେଇଯାଉଥିଲେ, ଆଉ ତା ପଛରେ ତା ସ୍ତ୍ରୀ ଚନ୍ଦନା ବ୍ୟସ୍ତ ବିବ୍ରତ ଆଉ ବ୍ୟାକୁଳ ହେଇ ତରବରରେ ଧାଉଁଥିଲେ। ଯେମିତି ତାକୁ ଦେଖି ପକେଇଛନ୍ତି, ତାଙ୍କ ଉପରେ ଲୋଟିପଡ଼ି ଭେଁ ଭେଁ ରଡ଼ିକରି କାନ୍ଦ ଆରମ୍ଭ କରିଦେଲେ, ଆଉ ମୋ ଜୀବନ ରହିବନି, ମୁଁ ସରିଗଲି... ଆଦି କହି ହେଲେ। ହେଲେ ହେଇଛି କଣ..., କାହିଁକି ଏମିତି ହେଉଛନ୍ତି..., କଣ ହେଇଛି ମତେ କୁହନ୍ତୁ କହି ଅରୁଣିମା ତାଙ୍କୁ ଚାହିଁ ରହିଲେ। ଚାଲୁ ଚାଲୁ ଚନ୍ଦନା କହିଲେ ସବୁ ଠିକଠାକ୍ ଥିଲା, କହୁଥିଲେ ଦିନେ ନା ଦିନେ ଯେଉଁଠି ଥିଲେ ବି ଆପଣ ନିଶ୍ଚେ ତାକୁ ଦେଖା କରିବାକୁ ଆସିବେ। ସ୍କୁଲବେଳରୁ ସାଙ୍ଗ ହେଇ ପଢା ଆରମ୍ଭ କରିଥିଲେ ଯେ ୟୁନିଭର୍ସିଟି ଯାଏ ଏକାଠି ପଢିଛନ୍ତି।

ସତରେ... ଅନିମେଶ୍ ଏମିତି କହୁଥିଲା... ? ହେଲେ ତାକୁ ତ କେବେ ଏମିତି କହିନି...। ଅରୁଣିମା ଫେରିଗଲେ ଅନେକ ପଛକୁ... ସେଇ କଲେଜ ବେଳର ଦିନକୁ। କଲେଜରେ ପ୍ରଥମଦିନ ପ୍ରବେଶ କଲାବେଳକୁ ଲାଗୁଥିଲା ସେ କେଉଁ ଏକ ପୁଷ୍ପିତ ରଙ୍ଗିନ ଫୁଲବଗିଚାକୁ ପଶି ଆସିଛନ୍ତି। ଯେମିତି କେଉଁଠି ମୁଠାମୁଠା ମଲ୍ଲୀ ମହକରେ ଦିଗରୁ ଦିଗନ୍ତ ଚହଟୁଛି ତ କେଉଁଠି ଚନ୍ଦନ ବନରୁ ଚୋରା ଚଇତାଳି ବୋହି ଆଣୁଥିଲା ମଧୁର ମଦିରା ହାଲ୍କା ହାଲ୍କା ମିଠା ବାସ୍ନା। ଏଡ଼େ ବଡ଼ କଲେଜ୍, ଏତେ ସୁନ୍ଦର ବଗିଚା ସହ ଲନ୍, ପୁଣି ହଜାର ହଜାର ରଙ୍ଗ ବେରଙ୍ଗ ପୋଷାକ ପରିହିତା ପୁଅ ଝିଅଙ୍କୁ ଦେଖି ସେ ଗୁମ୍ ମାରି ଠିଅ ହେଇଯାଇଥିଲେ। କୁଆଡ଼େ ଯିବେ, କଣ କରିବେ କିଛି ଠିକ୍ କରି ପାରୁନଥିବାବେଳେ ହିଁ ତାଙ୍କ ଗାଁର ଅନିମେଶ୍ ପାଖକୁ ଆସିଥିଲା, ଆଉ କହିଲା ଏମିତି 'ହାଁ' କରି କୁଆଡ଼େ ଅନେଇଛୁ, କ୍ଲାସ୍‌କୁ ଚାଲ। ସେ ଚୁପଚାପ ତା ପଛରେ ଯାଇଥିଲେ। ସେଇଦିନଠୁ ସେମାନଙ୍କ ଭିତରେ ଧୀରେଧୀରେ କେବେ ଯେ ଏକ ନିବିଡ଼ ସମ୍ପର୍କ ସ୍ଥାପିତ ହେଇ ଚାଲିଥିଲା ସେମାନେ ଜାଣି ହିଁ ପାରିନଥିଲେ। ଋତୁ ଆସୁଥିଲା, ଋତୁ ବି ଯାଉଥିଲା ଆଉ ସେମାନେ ବି ନିକଟରୁ ନିକଟତର ହେଉଥିଲେ। ସେଣ୍ଟ୍ରାଲ କାଣ୍ଟିନର ଗ୍ଲାସ୍ ରୁମ୍‌ରେ ବସି ସେମାନେ ଘଣ୍ଟା ଘଣ୍ଟା ଗପୁଥିଲେ।

ଫିଜିକ୍ସର ଷ୍ଟୁଡେଣ୍ଟ ଥିଲେ ବି ବିଭୂତି ପଟ୍ଟନାୟକ ଏବଂ ପ୍ରତିଭା ରାୟଙ୍କଠୁ ଆରମ୍ଭ କରି ଆଶାପୂର୍ଣ୍ଣାଦେବୀ, ମୈତ୍ରେୟୀ ଦେବୀ, ଟଲଷ୍ଟୟ, ରବୀନ୍ଦ୍ରନାଥ ଟାଗୋର, କେତେ କେତେଙ୍କ ସାହିତ୍ୟ କୃତି ଉପରେ ସେମାନେ ଆଲୋଚନା କରୁଥିଲେ ତାର ଠିକଣା ନଥିଲା। କେବେକେବେ ବିଭୂତି ପଟ୍ଟନାୟକଙ୍କ ବୃଧିନିରୂପମା ତ କେବେ କେବେ ପ୍ରତିଭା ରାୟଙ୍କ ଯାଜ୍ଞସେନୀର ଲୋକପ୍ରିୟତା ନେଇ ସେମାନେ ଝଗଡ଼ା କରୁଥିଲେ। ଅନିମେଶ୍ ତା କଥା ନ ମାନିଲେ ସେ ରାଗିକି ଯଦି ମୁହଁଫୁଲାଏ, ତେବେ ଅନିମେଶ୍ ହସି ହସି କହେ, 'ଆରେ ବାପରେ, ଝିଅମାନେ ହସିଲେ ଲାବଣ୍ୟବତୀ ଆଉ ରାଗିଲେ କାଳୀ, କଲିକତି'।

ଏ ସବୁ ଶୁଣିଲେ ସେ ପୁଣି ଫିକ୍‌କିନା ହସିଦିଏ। ତାକୁ ଅନେଇ ରହି ଆନିମେଶ୍ କହେ 'କଥାଟେ କହିବି ?'। ସେ କହେ, 'ହଁ କୁହ', ପୁଣି ସେ କୁହେ ନା ଥାଉ, ପରେ ତମ ଜନ୍ମଦିନରେ କହିବି। ଜନ୍ମଦିନ ଆସିଲେ ସେ ଆସେ ସୂର୍ଯ୍ୟମୁଖୀ ଫୁଲର ବୁକେ ସହ ନିଜେ ଲେଖିଥିବା କବିତାଟେ ତାକୁ ଧରେଇ ଦେଇ କହେ ଭଲ କି ପଢିକି ବୁଝିବ। ହେଲେ ଅରୁଣିମା ଏସବୁ ବୁଝେନି ସେ ରାଗିକି କହେ ଭଲ ଗପ ବହିଟେ ହେଲେ ଦେଇଥାନ୍ତ, ସାଇତି କି ରଖିଥାନ୍ତି। ଯେତେବେଳେ ମନ ହେଉଥାନ୍ତା, ପଢିଥାନ୍ତି। ଅନିମେଶ୍ ହସି ଦେଇ କହେ, 'ତମେ ତମ ବାର୍ଥଡେରେ କେବେ କିଛି ଦେଇନ ହେଲେ ଏଇଥର ମୋ ପାଇଁ ବହି କିଣିଦେବ। ମୁଁ ସେଇଟା ତମକୁ ଦେଇଦେବି, ବୁଝିଲ।' ଅରୁଣିମା ରାଗିଥିଲା, ମୋରି ବହି ମତେ... ଯମା ନୁହେଁ। ହଉ ହଉ ଥାଉ ତେବେ ଏକଥା। ତେବେ ତୁ କହିଲୁ ତୁ କଣ ଦବୁ ମତେ ମୋ ବାର୍ଥଡେରେ। କେମିତି କହିବି, ସେ କହିଥିଲା ସବୁବେଳେ ତ ନୂଅ ନୂଆ ଡେଟ୍ ମନେ ରହିଲେ ସିନା କଣ କିଣିବ। ହେଲେ ମନେ ରଖିଥାଅ ତମକୁ ସବୁଠୁ ଭଲ ଜନ୍ମଦିନର ଉପହାର ମୁଁ ଦେବି। ଜୀବନସାରା ମନେ ରଖିଥିବ। ହଉ କହି ସେ ହସିଥିଲେ। ପଢା ସରିଯାଇଥିଲା।

ଅନିମେଶ୍ ସବୁବେଳେ କଥାଟେ କହିବି କହିବି ହେଇ ରହିଗଲେ। ଆଉ ସେ ମୁମ୍ବାଇରେ କେନ୍ଦ୍ର ସରକାରଙ୍କ 'ଡି.ଆର୍.ଡି.ଓ.' ସାଇନଟିଷ୍ଟର ଜବ୍ ପାଇ ଚାଲି ଆସିଥିଲେ। ବାପା, ମା ଚାଲିଗଲା ପରେ ତାଙ୍କର ଆଉ ଗାଁ ସହ କିଛି ସମ୍ପର୍କ ରହିଲାନି। ସମୟ ବି ନଥିଲା କାହାକୁ ମନେ ପକେଇବାକୁ। ଅନିମେଶ୍ ତାକୁ ଖୋଜିଲାନି ବା ମନେ ପକେଇଲାନି ଭାବି ସେ ବେଳେବେଳେ ବିଷର୍ଣ୍ଣ ହୁଏ। ହେଲେ ଭଲ ସେ ମନ ଦୁଃଖ କରିବାକୁ ବି ତାର ସମୟ ନ ଥିଲା। ମିଶାଇଲ ଲକ୍ଷ୍ୟ, ପୃଥ୍ୱୀ, ଆକାଶ, ଅଗ୍ନିକୁ ଛାଡ଼ି ଆହୁରି ନୂଆ ନୂଆ ମିଶାଇଲ୍ କିପରି ହେବ ସେଇ ରିସର୍ଚ୍ଚରେ ତ ସେ ସବୁବେଳେ ବ୍ୟସ୍ତ। ଏଇ ଦୁଇବର୍ଷ ହେବ ସେ ଚାନ୍ଦିପୁର, ବାଲେଶ୍ୱରକୁ ଟ୍ରାନ୍ସଫର୍ ହେଇ ଆସିଛି। ଭାବୁଥିଲା ଯିବ ଥରେ ଅନିମେଶ୍‌ର ଗାଁକୁ। ମାତ୍ର ଭାଗ୍ୟ ଏମିତି ଭେଟ କରେଇଦେଲା ତାକୁ ଅନିମେଶ୍ ସହ...।

ଚନ୍ଦନାକୁ କଣ ବୁଝେଇବ ସେ, ଠିକ୍ କରି ପାରୁନଥିଲା ଅରୁଣିମା। କଣ କହି ତାକୁ ସାନ୍ତ୍ୱନା ଦେବ... ? ଛୋଟ ପିଲା ଦୁଇଜଣଙ୍କୁ ପଡ଼ିଶା ଘରେ ଛାଡ଼ି କି ଆସିଛି। ଅଚାନକ ସକାଳେ ହଠାତ୍ ଛାତିରେ ଯନ୍ତ୍ରଣା ହଉଛି କହି ସେ ଯେତେବେଳେ ଅଚେତ୍ ହେଇ ପଡ଼ିଗଲା ଚନ୍ଦନା କେମିତି ଯେ ଆମ୍ବୁଲାନ୍ସ ଡ଼କେଇ ଆପୋଲକୁ ନେଇକି ଆସିଛି ସେ ଜାଣିଛି। କେବେ ମୁହାଁମୁହିଁ ଦେଖା ହୋଇନଥିଲେ ବି ଫଟୋ ଦେଖି ଯେ ଚନ୍ଦନା ତାକୁ ଚିହ୍ନି ପାରିଲା, ସେଇଆ ଭାବି ସେ ଆଶ୍ଚର୍ଯ୍ୟ ହଉଥିଲା। ଏହି ସମୟରେ ଚନ୍ଦନା କାନ୍ଦି କାନ୍ଦି ଡାକ୍ତରଙ୍କ ଚେମ୍ବରରୁ ଆସିଲା। କଣ ହେଇଛିର ଉତ୍ତରରେ ସେ କହିଲା ଯେ ଡାକ୍ତର କହିଲେ ହାର୍ଟର ନବେ ପରସେଣ୍ଟରୁ ବେଶି ଡିଫଙ୍କ୍ଟ ହେଇଯାଇଛି। ବାଇ-ପାସ୍ ସର୍ଜରୀ ବି କାମ କରିବନି। ଯଦି ନୂଆ ହାର୍ଟ ଗୋଟେ ମିଳିଯାଏ ତେବେ ସେଇଟା ଟ୍ରାନ୍ସପ୍ଲାଣ୍ଟ କରିଲେ ହିଁ ଠିକ୍ ହେବ। ସେମାନେ ହାର୍ଟ ଡୋନର ଖୋଜୁଛନ୍ତି। ମିଳିଲେ ଅପରେସନ୍ ହବ। ଅରୁଣିମାର ଚେକ୍‌ଅପ୍ ଟାଇମ୍ ହେଇଯାଇଥିଲା, ସେ ଉଠିଲା। ଗଲାବେଳେ ତାର କାର୍ଡ଼ ଦେଲା ଚନ୍ଦନାକୁ। ଭଲ ହେଲାପରେ ଅନିମେଶ୍ ସହ ତା ଘରକୁ ଆସିବାକୁ କହି ସେ ଡାକ୍ତରଙ୍କ ଚାମ୍ବରକୁ ଗଲା। ଅନିମେଶ୍ ସୁସ୍ଥ ହେଇ ଦଶଦିନ ହେବ ଘରକୁ ଆସିଲେଣି। ଯାହାହେଉ ଆଡ୍‌ମିଟ୍ ହବାଦିନ ହିଁ ଡୋନର ମିଳିଗଲେ। ତେଣୁ ବିଶେଷ ଖୋଜାଖୋଜି କରିବାକୁ ହେଲାନି। ଡାକ୍ତର ଅର୍.କେ. ମହାପାତ୍ରଙ୍କୁ ସେ ଡୋନରଙ୍କ ବିଷୟରେ ବହୁତ ପଚାରିଥିଲେ ମଧ ଡାକ୍ତର ଚୁପ୍ ରହିଲେ। କିଛି କହିଲେନି। ସମୟ ଆସିଲେ ଆପଣ ଜାଣିଯିବେ, କେବଳ ଏତିକି କହିଲେ। ଘରେ ଚନ୍ଦନାର ଯତ୍ନ, ପ୍ରତ୍ୟକ୍ଷତତ୍ତ୍ୱାବଧାନରେ କେତେବେଳେ ଯେ ଏଭଳି ଛଅମାସ କଟିଗଲାଣି ଜଣା ପଡ଼ିଲାନି। ଥରେ କଥା ହଉ ହଉ ଚନ୍ଦନା ହଠାତ୍ କହି ଉଠିଲେ, ଆରେ ହେ ତମକୁ କହିବାକୁ ଭୁଲିଯାଇଛି ଗୋଟେକଥା। କଣ ? ସେ ପଚାରିଲେ। ତମେ ଯେଉଁଦିନ ହସ୍‌ପିଟାଲରେ ଏଡ୍‌ମିଟ୍ ହେଲ, ସେଇଦିନ ସେଠି ମୋର ଅରୁଣିମା ସହ ଭେଟ ହେଇଥିଲା। ସେ ତାଙ୍କ ଠିକଣା ଲେଖା କାର୍ଡ଼ ଦେଇଯାଇଛନ୍ତି। ଯିବାକୁ ବି କହିଛନ୍ତି। ଶୁଣିଦେଇ ଅନିମେଶ୍‌ର ଦୃଢ ସ୍ପନ୍ଦନ ବଢିଗଲା। ଅରୁଣିମା ଆସିଥିଲା... ହେଲେ ତା ଦେହଖରାପ ଜାଣି ବି ଫୋନ୍ ଏ ପର୍ଯ୍ୟନ୍ତ ଥରେ ବି କରିନିତ। କାହିଁକି ? ଯେତେ ବଡ଼ ଶତ୍ରୁ ହେଲେ ବି ରୋଗ ସମୟରେ ହସ୍‌ପିଟାଲ ରେ ଥିଲାବେଳେ ସେ ସବୁ ଭୁଲିଯାଆନ୍ତି। ଆଉ ଏ ତ ତା ଆପଣାର ଅତି ନିଜର ପ୍ରିୟ ବାନ୍ଧବୀ। କଣ ହେଇଥିବ... ? ଭାବି ହଉ ହଉ ହଠାତ୍ ଚନ୍ଦନାକୁ କହିଲା ଚାଲ ଅରୁଣିମାର ଘରକୁ। ତିନିଘଣ୍ଟାର ରାସ୍ତା କେମିତି ଯେ କଟିଗଲା ଜଣାପଡ଼ିଲାନି। ତା ପ୍ରଦତ୍ତ ଠିକଣାରେ ପହଞ୍ଚି ଦେଖିଲାବେଳକୁ କବାଟରେ ତାଲା ପଡ଼ିଛି। ଏପଟ ସେପଟକୁ ଦେଖୁଥିଲା ବେଳେ ସାମନା ଘରୁ ଜଣେ ଭଦ୍ରମହିଳା ବାହାରିଲେ। ସେମାନେ ଅରୁଣିମାକୁ ଖୋଜୁଛନ୍ତି ଜାଣି ପଚାରିଲେ 'ଆପଣ ଅନିମେଶ୍ ବାବୁ କି ?' ସେ ହଁ କହିବାରୁ ତାଙ୍କୁ ଘରର ଚାବିକାଠି ସହ ଗୋଟେ ଲଫାପା ବଢେଇ ଦେଲେ। କହିଲେ ଅରୁଣିମା କହିଥିଲା ଯେବେ ଅନିମେଶ୍ ଆସିବେ ତାଙ୍କୁ ଏ ଚିଠି ଦେଇଦବ। ହେଲେ ଅରୁଣିମା କୁଆଡ଼େ ଗଲା, ସେ ପଚାରିଥିଲେ ସେ ମାଉସୀଙ୍କୁ। ସେ ଲୁହ ଛଳଛଳ ଆଖିରେ ଉପରକୁ ଅନେଇ କହିଲେ ଚିଠି ପଢିଦିଅ, ଲେଖିଥିବେ ବୋଧେ। ଅଗଣାରେ ପଡ଼ିଥିବା ବେତ ଚେୟାରରେ ବସିକି ଚିଠି ଖୋଲିଥିଲେ ଅନିମେଶ୍। ଅରୁଣିମା ଲେଖିଥିଲା ,'ମୁଁ ଫୋନ୍ କରୁନି ଜାଣି ତମେ ରାଗିବା ସହ ମନଦୁଃଖ ବି କରୁଥିବ। ହେଲେ କଣ କରିବି କୁହ, ତମେ ତ ଜାଣିଛ ମୁଁ ବୋକୀଟେ ବୋଲି ସବୁବେଳେ ମତେ ବୋକୀ ବୋଲି ତ କହୁଥିଲ। ସତରେ ମୁଁ ବୋକୀ। ସବୁବେଳେ ତମେ ତମ ଜନ୍ମ ଦିନରେ କଣ ଉପହାର ଦେବି ପଚାର, ମୁଁ କିଛି କୁହେନି। ତମେ ଦେଇଥିବା କବିତା ତ ମୁଁ ଜମା ପଢେନି। ବୁଝିପାରେନି କଣ ସବୁ ଲେଖିକି ଦଉଥିଲ, ହେଲେ 'ହୃଦୟେଶ୍ୱରୀ' କବିତା ପଢିଲାବେଳକୁ ବହୁତ ଡେରି ହେଇଗଲା। ତମେ ସବୁବେଳେ ତ କହିବ କଥାଟେ କହିବି, ତା ପର ମୁହୂର୍ତ୍ତରେ କହିବ ନା ଥାଉ। ତେଣୁ ମୁଁ କିଛି ବୁଝି ପାରିଲିନି। ମତେ ଯେ ତମେ ହୃଦୟେଶ୍ୱରୀ କହୁଛ, ଏବେ ଜାଣିଲି। ଯେଣୁ ମୁଁ ହୃଦୟର ଈଶ୍ୱରୀ ତେଣୁ ମୋର ଯାହାକୁ ଇଚ୍ଛା ହେବ ମୋ ହୃଦୟ ଦେଇପାରିବି। ସେଥିପାଇଁ ମୋ ହୃଦୟ ତମକୁ ଦେଲି। ଯତ୍ନରେ ରଖିବ। କେବେ ତମ ଜନ୍ମ ଦିନରେ କିଛି ଗିଫ୍ଟ ଦେଇନି, ଭାବିବ ଏଇଟା ହିଁ ମୋର ତମକୁ ଗିଫ୍ଟ।' ଉହୁଁ...ଲୁହ ଯମା ଗଡ଼ାଅନି। ଦେଖ ଦକ୍ଷିଣ ଦିଗରୁ ଚୋରା ଚଇତାଳି ମଲ୍ଲୀ ମହକରେ ଅଗଣା ଭରି ଦେଲାଣି। ଉପରକୁ ଦେଖ, ବିନ୍ଦୁ ବିନ୍ଦୁ ବନଜ୍ୟୋତ୍ସ୍ନାରେ ଅଗଣା କେମିତି ହସୁଛି ! ! ! ଅନିମେଶ୍ ଲୁହଭର୍ତ୍ତି ଆଖିକୁ ରୁମାଲରେ ଚାପିଧରି ଉଠିଲେ... ଫେରିବାକୁ ତ ହବ ନା.. ?

+ଫକୀରମୋହନ ନଗର, ଆଇଟିଆଇ
ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

# ଝାରସୁଗୁଡ଼ାରେ ସମବାୟ ସଦସ୍ୟତା ମହାଅଭିଯାନ ସମ୍ବନ୍ଧର ଶୁଭାରମ୍ଭ

ଝାରସୁଗୁଡ଼ା,୨୭/୦୯ (ନି.ପ୍ର): ସମବାୟ ବ୍ୟବସ୍ଥାକୁ ଆହୁରି ସଶକ୍ତ ଓ ସୁଦୃଢ଼ କରିବା ସହ ଗ୍ରାମାଂଚଳର ପ୍ରତ୍ୟେକ ପରିବାରକୁ ସମବାୟ ଆନ୍ଦୋଳନ ସହ ଯୋଡ଼ିବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ 'ମେଗା ସଦସ୍ୟତା ମହାଅଭିଯାନ–ସମ୍ବନ୍ଧ'ର ଶୁଭାରମ୍ଭ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଡେପୁଟି କଲେକ୍ଟର ଅମ୍ରିତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ସଞ୍ଜୟ ସିଂହ, ମାନ୍ୟବର ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ରାଜେଶ ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭାଗ୍ୟଶ୍ରୀ ପାଢ଼ୀ, ଅଧୀକ୍ଷଣ ଯନ୍ତ୍ରୀ, ଆର୍ ଆଣ୍ଡ୍ ବି ଜିତେନ୍ଦ୍ର ମେହେର, ସମ୍ବଲପୁରୀ ଦୁଗ୍ଧ ସଂଘର ଜେନେରାଲ୍ ମ୍ୟାନେଜରଙ୍କ ପ୍ରତିନିଧି ସୁପ୍ରଭା ଦାସ ପ୍ରମୁଖ ଯୋଗଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲାରେ ସମବାୟ ବିଭାଗର ଉପନିବନ୍ଧକ ମମତା ରାଣୀ କୁଜୁରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ପୁଷ୍ପାଞ୍ଜଳି ସାହୁ ମଂଚ ପରିଚାଳନା କରିଥିଲେ। 'ସମ୍ବନ୍ଧ' ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଗ୍ରାମାଚଂଳର ପ୍ରତ୍ୟେକ ପରିବାରରୁ ଅତି କମରେ ଜଣେ ସଦସ୍ୟଙ୍କୁ ସମବାୟ ବ୍ୟବସ୍ଥା ସହ ଯୋଡ଼ିବା। ଏହା ମାଧ୍ୟମରେ ଗ୍ରାମୀଣ ପରିବାରଗୁଡ଼ିକୁ ସମବାୟର ବିଭିନ୍ନ ସେବା, ସୁବିଧା ଓ କାର୍ଯ୍ୟକଳାପ ସହ ଅଧିକ ସକ୍ରିୟ ଭାବେ ଯୋଡ଼ାଯିବ। କାର୍ଯ୍ୟକ୍ରମ ଅବସରରେ ଆଭାସୀ ମାଧ୍ୟମରେ ସମବାୟ ବିଭାଗର ବିଭିନ୍ନ ଯୋଜନା ଓ ଭିତିଭୂମି ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରାଯାଇଥିଲା। ଏଥିରେ ସମବାୟ ସଦସ୍ୟତା ମହାଅଭିଯାନ, ପାକ୍ସ ଧାନ କ୍ରୟ କେନ୍ଦ୍ରର ନୂତନ ଭିତିଭୂମି, ବୃହତ୍ ଶସ୍ୟ ଗୋଦାମ, ପାକ୍ସର ଗୋଦାମ ଓ କାର୍ଯ୍ୟାଳୟ ଗୃହ, ବହୁବିଧ ବ୍ୟବସାୟ କେନ୍ଦ୍ର ଆଦି ସାମିଲ ଥିଲା। ସମଗ୍ର ରାଜ୍ୟରେ ସମବାୟ କ୍ଷେତ୍ରର ଭିତିଭୂମି ଓ ସେବାକୁ ଆହୁରି ସୁଦୃଢ଼ କରିବା ସହ ଡିଜିଟାଲ୍ ମାଧ୍ୟମରେ ସଦସ୍ୟତା ପ୍ରକ୍ରିୟାକୁ ସହଜ ଓ ସ୍ୱଚ୍ଛ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଝାରସୁଗୁଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ପ୍ରସାରିତ ଏହି କାର୍ଯ୍ୟକ୍ରମ ସହ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓ ସଦସ୍ୟା ଯୋଡ଼ି ଏହାର ସିଧା ପ୍ରସାରଣ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୂର୍ବତନ ସମବାୟ ଅଧିକାରୀ ବନମାଳୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସହକାରୀ ନିବନ୍ଧକ, ଆରଏମସି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ସମବାୟ ସମିତିର ସଦସ୍ୟ, କୃଷକ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବର୍ଷା ଛାଡିଗଲା, ଦୁଃଖ ସରୁନି

ଗଞ୍ଜାମ,୨୭/୦୯ (ନି.ପ୍ର): ଲଗାଣ ବର୍ଷା ଛାଡିଗଲା। ତେବେ ଗଞ୍ଜାମ ଜନସାଧାରଣଙ୍କ ଦୁଃଖ ସରୁନି । ଏବେ ଖଲିକୋଟ ଅଂଚଳର କେତେକ ସ୍ଥାନରେ ରାସ୍ତା ଉପରେ ତିନିରୁ ଚାରିଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଛି ଓ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଗୋପାଳପୁର ଅଂଚଳରେ ବହୁଗରୀବ ଲୋକଙ୍କ ଘରଦ୍ୱାର ଭାଙ୍ଗି ଯାଇଛି। ଶହଶହ ହେକ୍ଟର ଧାନ ଫସଲ ବର୍ଷା ପାଣିରେ ବୁଡି ରହିଛି। ଶହଶହ ଏକର ଜମିରେ ଚାଷ କରାଯାଇଥିବା ଅର୍ଥକାରୀ ଫସଲ କୋବି, ଟମାଟୋ, ଲଙ୍କା, ବାଇଗଣ, କଦଳୀ, ଅମୃତ ଭଣ୍ଡା, ପୋଟଳ, କୁନ୍ଦୁରି, ଜହ୍ନି ପ୍ରଭୃତି ଗଛ ବର୍ଷାଜଳରେ ବୁଡି ପଚିସଢି ନଷ୍ଟ ହୋଇଥିବାରୁ ଛାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ଋଷିକୂଲ୍ୟା, ବଡନଦୀ, ଘୋଡାହାଡ, ବାଘୁଆନଦୀ ଓ ଧନେଇ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପାଣିଫୁଲି ରହିଛି।

# ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗିର,୨୭/୦୯ (ନି.ପ୍ର): ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ କମିଟିର ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସାଧାରଣ ସଂପାଦକ ମଧୁସୁଦନ ନାୟକ ଗତ ଅଧିବେଶନର ବିବରଣୀ ପାଠ କରିଥିଲେ । ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସଭାପତି ଡ.ମିଶ୍ର ନାଗରିକ କମିଟିର ରିନୁଓ୍ୱାଲ କାର୍ଯ୍ୟ ସଂପର୍କରେ ଦର୍ଶାଇବା ସହିତ ଏହା ଶେଷ ପର୍ଯ୍ୟାୟରେ ପହଂଚିଥିବା ସୂଚନା ପ୍ରଦାନ କରିଥିଲେ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରେ ଉତ୍ତମ ମାନର ଶିକ୍ଷାଦାନ, ସମସ୍ତ କର୍ମଚାରୀ ନିଯୁକ୍ତି ଓ ଜମି ରେକର୍ଡ ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରଫେସର ତରୁଣ କୁମାର ମିଶ୍ର ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ଭାଇସ ଚାନ୍ସିଲର ନିକଟକୁ ଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ନାଗରିକ କମିଟିର ଚାପରେ ସରକାର ବଲାଙ୍ଗିର ସ୍ଥିତ ଆୟୁର୍ବେଦିକ ଫାର୍ମାସିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୬୦ଲକ୍ଷ ଟଙ୍କା ଦେଇଛନ୍ତି । ଏହାକୁ ଆବଶ୍ୟକୀୟ ଅନୁଦାନ ଓ କର୍ମଚାରୀ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରିବା ପାଇଁ ଆୟୁର୍ବେଦ ଫାର୍ମାସିକୁ ଯାଇ ପୁଣି ଥରେ ଆଲୋଚନା କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ପ୍ରତିନିଧି ମଣ୍ଡଳି ସହିତ ଏ କାର୍ଯ୍ୟ ସଂପାଦନ କରିବାକୁ ଡ. ପ୍ରମୋଦ ମିଶ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ଜିଲ୍ଲା ସଦର ମହକୁମା ହସ୍ପିଟାଲ ଓ ଭୀମଭୋଇ ମେଡିକାଲ କଲେଜ କୁ ସଂଯୋଗ କରି ଟାଉନ ବସ ପ୍ରଚଳନ କରିବା ପାଇଁ ଟ୍ରାନ୍ସପୋର୍ଟ ବିଭାଗ ସହିତ ଆଲୋଚନା କରି ନାଗରିକ କମିଟି ପତ୍ର ପ୍ରେରଣ କରିଛି । ଏହା ଉପରେ ଟ୍ରାନ୍ସପୋର୍ଟ ବିଭାଗ କୌଣସି ପଦକ୍ଷେପ ଅଦ୍ୟାବଧି ଗ୍ରହଣ କରିନାହିଁ । ପୁଣି ଥରେ ବିଭାଗ ସହିତ ଆଲୋଚନା କରି ଏବଂ କାର୍ଯ୍ୟ ନ ହେଲେ ପ୍ରତି ସପ୍ତାହରେ ଥରେ ଲେଖାଏଁ ରିମାଇଣ୍ଡର ଦେବାକୁ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ସହରରେ ଡିଜେ ଜନିତ ଆତଙ୍କ ସୃଷ୍ଟି ହେଉଛି । ଡିଜେ ର ଉଚ୍ଚ ଶବ୍ଦ ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ ହେଉଥିବା ବେଳେ ଏହି ଶବ୍ଦ ମାଟିକୁ ଥରେଇ ଦେଉଥିବା କେତେକ ସଦସ୍ୟ ଅଭିଯୋଗ କରିଥିଲେ । ସୁତରାଂ ସାମାଜିକ ଉତ୍ସବ ଓ ଶୋଭାଯାତ୍ରା ମାନଙ୍କରେ ଡିଜେ ବନ୍ଦ କରିବା ପାଇଁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ସମସ୍ତ ଥାନାଧିକାରୀମାନଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଶେଷରେ ସଂପାଦକ ମଧୁସୁଦନ ନାୟକ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ: ସୁନାଗହଣା ଓ ନଗଦ ଟଙ୍କା ଲୁଟ୍

ଧର୍ମଶାଳା,୨୭/୦୯ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳରେ ଦୁର୍ବୃତଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି । ଦିନ ଦ୍ୱିପ୍ରହର ଓ ରାତିରେ ଘରେ କେହି ନଥିବାର ସୁଯୋଗ ନେଇ ଖୁଲମଖୁଲା ଭାବେ ଦୁର୍ବୃତମାନେ ଘର ତାଲା ଭାଙ୍ଗି ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଉଛନ୍ତି । ବାରମ୍ବାର ଅଭିଯୋଗ କଲେ ମଧ୍ୟ ପୁଲିସ ସେମାନଙ୍କ ଟେର୍ ପାଇ ପାରୁ ନାହିଁ । ଯାହାକି ସ୍ଥାନୀୟ ଅଂଚଳର ଲୋକେ ଭୟଭିତ ହୋଇ ପଡିଛନ୍ତି । ଧର୍ମଶାଳା ଥାନା ଅନ୍ତର୍ଗତ ପାଣ୍ଡୁଆ ମୌଜାରେ କେହି ଘରେ ନଥିବା ସୁଯୋଗ ନେଇ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ । ଏହି ମୌଜାର ଅଶୋକ କୁମାର ସାହୁଙ୍କ ଘରେ ଦୁର୍ବୃତମାନେ ପାଚେରୀ ଡେଇଁ ଘର ମୁଖ୍ୟ ଦ୍ୱାର ଗେଟ୍ ତାଲା ଭାଙ୍ଗି ୪ଟି ଘରୁ ୭ଟି ବାକ୍ସ ଓ ଗୋଟିଏ ଷ୍ଟିଲ ଆଲମିରାକୁ କାଟି ସୁନାଗହଣା ଓ ନଗଦ ଟଙ୍କା ନେଇ ଯାଇଥିବା ନେଇ ଅଶୋକ ଜାରକା ବିଟ୍ ହାଉସରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରି ଚୂପ ହୋଇ ବସିଛି । ଦୁଇ ଦିନ ତଳେ ତାଙ୍କ ପତ୍ନୀ ନୀଳାବତୀଙ୍କ ଦେହ ଅସୁସ୍ଥ ଥିବାରୁ ସେ ପୁନେ ଚାଲି ଯାଇଥିଲେ । ଆଶୋକ ଗୋଟିଏ ଦିନ ପାଇଁ ଗାଁକୁ ଚାଲି ଯାଇଥିଲେ । ତେବେ ପରଦିନ ଘର ତାଲା ଭଙ୍ଗା ଯାଇ ସବୁ ଲୁଟ କରି ନେଇଥିବା ଦେଖିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ସେ ଜାରକା ବିଟ୍ ହାଉସରେ ଅଭିଯୋଗ କରିଥିଲେ। ତେବେ ଜାରକା ଅଂଚଳରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ପୁଲିସ ସେପରି କିଛି ପଦକ୍ଷେପ ନେଇ ନ ପାରିବାରୁ ଚୋରି ବଢିବଢି ଚାଲିଛି । ଯାହାକି ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି ।

## କାଜୁ ବଣରେ ଫାଶି ଦେଇ ଯୁବକର ଆତ୍ମହତ୍ୟା: ସାଇଣ୍ଟିଫିକ୍ ଟିମ୍ ଓ ପୁଲିସର ତଦନ୍ତ

ଧର୍ମଶାଳା,୨୭/୦୯ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରପୁର ପଂଚାୟତ ସମ୍ମୁଖରେ ଥିବା ଏକ କାଜୁ ବଣରେ ଜଣେ ଯୁବକ ଗାମୁଛାରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ଆଜି ସକାଳେ ଏହି ପଂଚାୟତ ରାଉତରାପୁର ଗ୍ରାମର କିଛି ଯୁବକ କାଜୁବାଡି ଦେଇ ଯାଉଥିବା ବେଳେ କାଜୁ ଗଛରେ ଜଣେ ଯୁବକ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ରାଉତରାପୁର ନୂଆସାହି ଗ୍ରାମର ସ୍ୱର୍ଗତ କେଶବ ପୃଷ୍ଟିଙ୍କ ପୁଅ ମଦନ(୪୮) ବେକରେ ଏକ ଗାମୁଛା ଦ୍ୱାରା କାଜୁ ଗଛରେ ଫାଶି ଦେଇ ଦେଇଥିବା ଘଟଣାକୁ ନେଇ ପରିବାର ଓ ଗାଁ ଲୋକଙ୍କୁ ଜଣାଇ ଥିଲେ । ବ୍ରହ୍ମବରଦା ପୁଲିସକୁ ଖବର ଦିଆଯାଇଥିଲା । ଗୋଡ ତଳେ ଲାଗି ଥିବାରୁ ପୁଲିସ ସନ୍ଦେହ କରି ସାଇଁଟିଫିକ୍ ଟିମ୍ ର ସହାୟତା ନେଇଥିଲା । ତଦନ୍ତ କରାଯିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଥିବା ନେଇ ବ୍ରହ୍ମବରଦା ଥାନା ଏସ୍ଆଇ କୈଳାସ ଚନ୍ଦ୍ର ଭଦ୍ର ସୂଚନା ଦେଇଛନ୍ତି । ମଦନ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ହୋଇଥିବା ବେଳେ କିଛି ଦିନ ହେବ ବାତର ଶିକାର ହୋଇଥିଲେ । ସେବେଠାରୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ଘଟଣା ଘଟାଇ ଥିବା ଗ୍ରାମରେ ଆଲୋଚନା ହେଉଛି । ସେପେଟେ ହରିଶ୍ଚନ୍ଦ୍ର ଯୋଜନାରେ ରାଉତରପୁର ସରପଂଚ ସ୍ୱର୍ଣ୍ଣଲତା ସାହୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

## ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ଦୁଇ ସ୍ୱର୍ଣ୍ଣ ପଦକ, ଖେଳାଳିଙ୍କ ସଫଳତାରେ ଜିଲ୍ଲା ଗୌରବାନ୍ୱିତ

କେନ୍ଦ୍ରାପଡ଼ା,୨୭/୦୯ (ନି.ପ୍ର): ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଟାଇକୋଣ୍ଡୋ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜିଲ୍ଲାର ଖେଳାଳିମାନେ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। କେନ୍ଦୁଝର ଜିଲ୍ଲାର ଧରଣୀଧର ଇନ୍‌ଡୋର ଷ୍ଟାଡିୟମରେ ସେପ୍ଟେମ୍ବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ସ୍କୁଲ ଗେମ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍ଆଇ) ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୧୭ ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକା ବିଭାଗରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ୍ ବାଳିକା ବିଭାଗର ୪୮ କେଜିରୁ କମ୍ ଓଜନ ବର୍ଗରେ ଡେରାବିଶ ବ୍ଲକ ଦୋହଲିସ୍ଥିତ ବି.ବି. ମଡେଲ ହାଇସ୍କୁଲର ଛାତ୍ରୀ ସାଗରିକା ଭଦ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହି ବର୍ଗର ୬୮ କେଜିରୁ କମ୍ ଓଜନ ବିଭାଗରେ ପଟ୍ଟାମୁଣ୍ଡାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଶ୍ରୀୟା ମହାନ୍ତି ରୌପ୍ୟ ପଦକ ଜିତିଛନ୍ତି। ବାଳକ ବିଭାଗର ୧୭ ବର୍ଷରୁ କମ୍ ବର୍ଗରେ କେନ୍ଦ୍ରାପଡ଼ା ସହରସ୍ଥିତ ଭାରତୀ ବିଦ୍ୟାମନ୍ଦିରର ଛାତ୍ର ଶକ୍ତିପ୍ରସାଦ ସିଂ ୭୮ କେଜିରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ବର୍ଗର ୭୩ କେଜିରୁ କମ୍ ଓଜନ ବିଭାଗରେ ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ହାଇସ୍କୁଲର ଛାତ୍ର ଅମିତ କୁମାର ସାହୁ ମଧ୍ୟ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗର ୨୯ କେଜିରୁ କମ୍ ଓଜନ ବର୍ଗରେ ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଶିକ୍ଷା ପ୍ରିୟଦର୍ଶିନୀ ଜେନା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ କୃତୀ ଖେଳାଳିମାନଙ୍କ ସମେତ ସେମାନଙ୍କ କୋଚ୍‌ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସମ୍ବଲପୁରରେ ହେବ 'ଓଏମସି ପୁରୀ ଉପକୂଳ ମାରାଥନ - ଓଡ଼ିଶା ପ୍ରୋମୋ ରନ୍'

ସମ୍ବଲପୁର,୨୭/୦୯ (ନି.ପ୍ର): ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସଂସ୍କୃତି ତଥା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ସହରରେ ସ୍ୱତନ୍ତ୍ର ଦୌଡ଼ର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୭ ତାରିଖ ରବିବାର ଦିନ ସମ୍ବଲପୁର ଠାରେ 'ଓଏମସି ପୁରୀ ଉପକୂଳ ମାରାଥନ - ଓଡ଼ିଶା ପ୍ରୋମୋ ରନ୍' ଅନୁଷ୍ଠିତ ହେବ। ପର୍ଯ୍ୟଟନ ସଚେତନତା ଓ ଉତମ ସ୍ୱାସ୍ଥ୍ୟ ବାର୍ତା ନେଇ ଆୟୋଜିତ ଏହି ୫ କିଲୋମିଟର ବିଶିଷ୍ଟ ଦୌଡ଼ ସମ୍ବଲପୁରର ପ୍ରସିଦ୍ଧ ମା' ସମଲେଶ୍ୱରୀ ମନ୍ଦିର ନିକଟସ୍ଥ 'ରିଭର-ଭ୍ୟୁ' ପଏଂଟରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଅଂଶଗ୍ରହଣକାରୀ ମାନଙ୍କୁ ରବିବାର ଭୋର ୫ଟା୧୫ ସୁଦ୍ଧା ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ପଡ଼ିବ, ସକାଳ ୬ଟା ୩୦ ରେ ଦୌଡ଼ର ଶୁଭାରମ୍ଭ କରାଯିବ। ପ୍ରତିଯୋଗୀମାନଙ୍କ ପାଇଁ ଏଥିରେ ଅଂଶଗ୍ରହଣ ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ବେଳେ ପ୍ରଥମ ଆସିବା ଆଧାରରେ ପଞ୍ଜୀକୃତ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ରେସ୍-ଟି'ସାର୍ଟ ପ୍ରଦାନ କରାଯିବ। ଏହା ସହିତ ଦୌଡ଼ ସମୟରେ ପାନୀୟ ଜଳ ସୁବିଧା (ହାଇଡ୍ରେସନ୍), ଦୌଡ଼ ପରେ ସ୍ୱାସ୍ଥ୍ୟପ୍ରଦ ଜଳଖିଆ ଏବଂ ସ୍ମୃତି ରକ୍ଷା ପାଇଁ ଫଟୋଗ୍ରାଫିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରୋମୋ ରନ୍ ରେ ସିଟ୍ ସଂଖ୍ୟା ସୀମିତ ଥିବାରୁ ଇଚ୍ଛୁକ ନାଗରିକ ତଥା କ୍ରୀଡ଼ାପ୍ରେମୀମାନେ ଅନଲାଇନ୍ ଲିଙ୍କ୍ ମାଧ୍ୟମରେ ଯଥାଶୀଘ୍ର ନିଜର ନାମ ପଞ୍ଜୀକରଣ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଓଡ଼ିଶାର ପର୍ଯ୍ୟଟନ ବିକାଶ ତଥା ସୁସ୍ଥ ଜୀବନଶୈଳୀ ଗଠନର ଏହି ମହତ୍ ପ୍ରୟାସରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସର୍ବସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରାଯାଉଛି।

# ଡିଏଭିରେ 'ବିହନ ଗୋଲା ପ୍ରସ୍ତୁତି' ନେଇ କ୍ଷମତା ବିକାଶ କର୍ମଶାଳା

ଝାରସୁଗୁଡ଼ା ,୨୭/୦୯ (ନି.ପ୍ର): ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ପରିବେଶ ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ତଥା ସବୁଜ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ପରିବେଶ ଶିକ୍ଷାଧର୍ମୀ କାର୍ଯ୍ୟକ୍ରମ 'ବିହନ ଗୋଲା ପ୍ରସ୍ତୁତି' ବିଷୟକ ଏକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅଭିନବ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରକୃତି ସହ ନିବିଡ଼ତା ରଖିବା ସହିତ ତାର ଯତ୍ନ ନେବା ପାଇଁ ଶିକ୍ଷକ ପ୍ରଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ କରିଥିବା ବେଳେ ଝାରସୁଗୁଡ଼ା ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସଦାକର କୁମ୍ଭାର ସମ୍ମାନିତ ଅତିଥି ଭାବରେ ଯୋଗଦାନପୂର୍ବକ ଅଧିକରୁ ଅଧିକ ଚାରା ରୋପଣ କରିବା ସାଙ୍ଗକୁ ସେଗୁଡ଼ିକର ତଥା ପରିବେଶର ଯତ୍ନ ନେବା ନିତାନ୍ତ ଜରୁରୀ ବୋଲି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୫୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଏନ.ସି.ଏନ.ଏଫ.ରୁ ରାଜ୍ୟ ସମନ୍ୱୟକ ମହମ୍ମଦ ଇମ୍ରାନ ଅଲୀ ମୁଖ୍ୟ ପ୍ରଶିକ୍ଷକ ଯୋଗ ଦେଇ କର୍ମଶାଳାରେ ପରିବେଶ ସୁରକ୍ଷା, ସ୍ୱଚ୍ଛତା, ଜଳ ସଂରକ୍ଷଣ, ଜୈବ ବିବିଧତା, ବୀଜ ଗୋଳା ପ୍ରସ୍ତୁତି ଓ କ୍ରିୟାନ୍ୱୟନ ସନ୍ଦର୍ଭରେ ଆଲୋକପାତ କରିଥିଲେ। ଅଭିଜ୍ଞ ଶିକ୍ଷୟିତ୍ରୀ ନୀଳିମା ପଟେଲ ଓ ଆହ୍ଲାଦ ନାଏକ କର୍ମଶାଳାର ସଂଯୋଜନା କରିବା ସହିତ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ପରବର୍ତ୍ତୀ କ୍ରିୟାକଳାପ ଓ କ୍ରିୟାନ୍ୱୟନ ସାଙ୍ଗକୁ ନିଜ ନିଜ ବିଦ୍ୟାଳୟର ଇକୋ କ୍ଲବର କାର୍ଯ୍ୟକାରିତା ସମ୍ପର୍କରେ ଦଳଗତ ଆଲୋଚନା କରିଥିଲେ । ଉଦଯାପନୀ ଅବସରରେ ଝାରସୁଗୁଡ଼ା ବନ ମଣ୍ଡଳର ସହକାରୀ ବନ ସଂରକ୍ଷକ ଜ୍ଞାନେନ୍ଦ୍ର ଲିମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୀଜ ଗୋଲା ପ୍ରସ୍ତୁତି ମାଧ୍ୟମରେ ସ୍ଥାନୀୟ ଉଦ୍ଭିଦ ପ୍ରଜାତିର ବୀଜ ସଂରକ୍ଷଣ, ବୃକ୍ଷରୋପଣକୁ ପ୍ରୋତ୍ସାହନ, ଜୈବ ବିବିଧତାର ବିକାଶ, ଅକସିଜେନ ପରିମାଣ ବୃଦ୍ଧି ଲାଗି ପଦକ୍ଷେପ ଆଦି ବିଷୟବିନ୍ଦୁ ଉପରେ ଭାବବ୍ୟକ୍ତ କରିଥିଲେ ଓ ଲାଇକେରା ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ।

# ସଂଭାବ୍ୟ ଚନ୍ଦ୍ରଭାଗୋତ୍ସବ ମଂଚରେ ଖ୍ୟାତନାମା ଗାଳ୍ପିକ ରାଧାବିନୋଦ ନାୟକଙ୍କ ତିନୋଟି ନାଟକ 'ରକ୍ତନଦୀ-କାଦମ୍ବରୀ-ଅରଣ୍ୟର ସ୍ୱର' ପାଠକାର୍ପିତ



ବାଲେଶ୍ୱର,୨୭/୦୯ (ନି.ପ୍ର): ଚନ୍ଦ୍ରଭାଗୋତ୍ସବ ପ୍ରସ୍ତୁତି ଆନୁକୂଲ୍ୟରେ ସ୍ଥାନୀୟ 'ଆତିଥ୍ୟ'ଭବନ ସମ୍ମିଳନୀ କକ୍ଷରେ ପ୍ରତିଷ୍ଠାତା କବି ଶ୍ରୀଦେବ ଓ ସାଥୀମାନଙ୍କ ମିଳିତ ଉଦ୍ୟମରେ ସଂଯୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ପୂର୍ବମାସ ପରି ଏହି ସେପ୍ଟେମ୍ବର ମାସରେ ଓଡ଼ିଶାର ଖ୍ୟାତନାମା କଥାକାର ରାଧାବିନୋଦ ନାୟକଙ୍କ ରଚିତ ତିନୋଟି ନାଟକ (ରକ୍ତନଦୀ-କାଦମ୍ବରୀ-ଅରଣ୍ୟର ସ୍ୱର) ପାଠକମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟିତ ହୋଇଯାଇଛି । କବି-କଥାକାର ତଥା ନାଟ୍ୟକାର ପ୍ରଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ପ୍ରୋକ୍ତ ସାନ୍ଧ୍ୟ ଲୋକାର୍ପଣ କାର୍ଯ୍ୟକ୍ରମରେ ତିନୋଟି ନାଟକର ସ୍ରଷ୍ଟା ରାଧାବିନୋଦ ମୁଖ୍ୟ ଅତିଥି ଏକାଡେମୀ ପୁରସ୍କୃତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଏକାଡେମୀର ପୁରସ୍କାର ପ୍ରାପ୍ତ ସଂଳାପ ଲେଖକ ବିଜୟ ଦାସ, 'ପକ୍ଷୀଘର' ପବ୍ଲିକେଶନର ମୁଖ୍ୟ ପ୍ରକାଶକ ବନୋଜ ତ୍ରିପାଠୀ ପୁସ୍ତକ ଉଦ୍‌ଘାଟନୀ ଅବସରରେ ମିଳିତ ଭାବେ ସାହିତ୍ୟ ସୃଷ୍ଟିର କବିତା, ଗଳ୍ପ, ନାଟକକୁ ତ୍ରିଭୁଜ ସଦୃଶ ଆଖ୍ୟା ଦେବା ସଂଗେ ସଂଗେ ଏହି ତିନୋଟି ବିଭାଗ ଭିତରୁ କାହାକୁ ବାଦ୍ ଦେଲେ ସାହିତ୍ୟ ସଫଳ ହୁଏନି ବୋଲି ମତପୋଷଣ କରିଥିଲେ। କବିତାରେ ପ୍ରାୟତଃ ନିର୍ଦ୍ଦିଷ୍ଟ ପ୍ରସଙ୍ଗମାନଙ୍କୁ ସଂକ୍ଷିପ୍ତରେ ସ୍ଥାନ ଦିଆଯାଉଥିବାବେଳେ ନାଟକରେ ଉପନ୍ୟାସରେ ତୁଳନାତ୍ମକ ଭାବରେ ବିସ୍ତୃତ କରାଯାଇଥାଏ ବୋଲି ସୂଚନା ଦେଇଥିଲେ। ତେବେ ସାମାଜିକ ସମସ୍ୟା ବିହୀନ 'ନାଟକ' ପାଠକଙ୍କୁ ଆକର୍ଷିତ କରିପାରେନା ବୋଲି ଅତିଥିମାନେ ମତବ୍ୟକ୍ତ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ କଥାକାର-ନାଟ୍ୟକାର ରାଧାବିନୋଦଙ୍କ ସୁକନ୍ୟା ଇଂରାଜୀ ଲେଖିକା ଡ. ଲିପିପୁଷ୍ପା ନାୟକ ନିଜ ପିତାଙ୍କର ଗଳ୍ପ ତଥା ନବଉନ୍ମେଷକାରୀ ତିନୋଟି ନାଟକ ରଚନାର ସୂକ୍ଷ୍ମଚେତନା ଉପରେ ଆଲୋକପାତ କରିଥିବା ସ୍ଥଳେ ପ୍ରାକ୍‌କଥନରେ କବି-କଥାକାର ଗଂଗାଧର ବିଶ୍ୱାଳ ଉପସ୍ଥିତ ଅତିଥିମାନଙ୍କର ବିସ୍ତୃତ ପ୍ରତିଭା ପରିଚିତି ରଖିଥିଲେ। ଆଇନ୍‌ଜୀବୀ ପର୍ଶୁରାମ ପ୍ରଧାନ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କର ଉଦ୍‌ଘାଟନୀ ପ୍ରଣାମୀ ଅବସରରେ ଶ୍ଳୋକପାଠ କରିବା ସହ ଅନ୍ତିମପର୍ଯ୍ୟାୟରେ ଉପସ୍ଥିତ ଅତିଥି ତଥା ପ୍ରତିକୂଳ ପାଣିପାଗ ସତ୍ତ୍ୱେ ବହୁ କଳାସାହିତ୍ୟ ବୁଦ୍ଧିଜୀବୀମାନଙ୍କୁ ଭୂୟସୀ ଶ୍ରଦ୍ଧା-ଅନୁକମ୍ପା ପ୍ରଦାନ କରିଥିଲେ। ଏହି ସନ୍ଧ୍ୟାରେ ସର୍ବଶ୍ରୀ ଡ. ସୁବାସ ଚନ୍ଦ୍ର ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ଉତ୍ପଳ ମହାନ୍ତି, ଅବନୀ ଜେନା, ରାଜେନ୍ଦ୍ର ରାଉତ, ସିତାଂଶୁ ଲେଂକା, ଦେବେନ୍ଦ୍ରନାଥ ପୃଷ୍ଟି, ଆଲୋକ ବାରିକ, କମଳାକାଂତ ଆଚାର୍ଯ୍ୟ, ପ୍ରଭାତି ପଣ୍ଡା, ପୁଷ୍ପଲତା ଚକ୍ରବର୍ତ୍ତୀ, କଲ୍ୟାଣୀ ନନ୍ଦ, ଲକ୍ଷ୍ମଣ ବିଶ୍ୱାଳ, କମଳାକାନ୍ତ ନାୟକ, ଲକ୍ଷ୍ମୀକାନ୍ତ ବେହେରା, ବିଦ୍ୟାଧର ସାହୁ, ଅଶ୍ୱିନୀ ଶତପଥୀ, ବ୍ରହ୍ମାନନ୍ଦ ସ୍ୱାଇଁ, ଅରୁଣା ରାୟ, ମିତା ପଟ୍ଟନାୟକ, ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ତୁଷାରକାନ୍ତି ମହାପାତ୍ର, ପ୍ରଭାତ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଆଶିଷ ଚକ୍ରବର୍ତ୍ତୀ, ମାଧବଚନ୍ଦ୍ର ପରିଡ଼ା, ଚନ୍ଦ୍ରାଂଶୁ ବାନାର୍ଜୀ, ରାଜୀବ ବେହେରା, ଦିଲ୍ଲୀପ ଚକ୍ରବର୍ତ୍ତୀ, ବସନ୍ତ ପ୍ରଧାନ, ଡ. ଦିଲ୍ଲୀପ ରଥ, ହିମାଂଶୁ ଦାସ, ଇପ୍‌ସିତ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସହଭାଗିତା ପ୍ରକାଶ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ କେନ୍ଦ୍ରର ପ୍ରତ୍ୟାଖ୍ୟାନ

ବଲାଙ୍ଗିର ,୨୭/୦୯ (ନି.ପ୍ର): ଗତ ୨ ବର୍ଷ ତଳେ ତଥା ୨୦୨୪ ମସିହା ସେପ୍ଟେମ୍ବର ୮ ଦିନ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ । ସମଗ୍ର ଓଡିଶାରେ ଏହାକୁ ନେଇ ଆନନ୍ଦ ପ୍ରକାଶ ପାଇଥିଲା । ଦୀର୍ଘ ୨ ବର୍ଷ ପରେ ଏହାର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତିକୁ ନେଇ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାରୀ କର୍ମୀ ହେମନ୍ତ କୁମାର ପଣ୍ଡା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସବିଶେଷ ତଥ୍ୟ ମାଗିଥିଲେ । ରାଜ୍ୟ ସରକାରଙ୍କ ବିଭାଗୀୟ ଜନ ସୂଚନା ଅଧିକାରୀ ତଥା ସରକାରଙ୍କ ଉପସଚିବ ଗତ ୨୫ ସେପ୍ଟେମ୍ବର ଦିନ ଶ୍ରୀ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପତ୍ରର ନକଲ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରର ନକଲ ଶ୍ରୀ ପଣ୍ଡାଙ୍କ ହସ୍ତଗତ ହୋଇଛି । ତଥ୍ୟରୁ ଜଣାପଡିଛି ଯେ, ୨୦୨୪ ମସିହା ଅଗଷ୍ଟ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସାରର ସାୟନ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ପତ୍ର ମାଧ୍ୟମରେ ରାଜ୍ୟର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ପ୍ରତିଷ୍ଠା କରିବା ପାଇଁ ନିବେଦନ କରିଥିଲେ । ପତ୍ରରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜ୍ୟର ଜନସଂଖ୍ୟା ୪.୬ କୋଟି ଥିଲେ ମଧ୍ୟ ରାଜ୍ୟରେ ଏକମାତ୍ର ଏମ୍ସ ଭୁବନେଶ୍ୱର ରହିଛି । ଏହି ପମୁଖ ସ୍ୱାସ୍ଥ୍ୟ ସଂସ୍ଥାନକୁ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ କାର୍ଯ୍ୟକ୍ଷମ କରାଯାଇଥିଲା । ଏଠରେ ଓଡିଶା ସମେତ ପଡୋଶୀ ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଉଛନ୍ତି । ତେଣୁ ଆଉ ଏକ ଏମ୍ସର ଆବଶ୍ୟକତା ଓଡିଶାର ସମ୍ବଲପୁରରେ ରହିଛି । ଏହାଦ୍ୱାରା ପଶ୍ଚିମ ଓଡିଶା ସମେତ ଛତିଶଗଡ ଓ ଝାରଖଣ୍ଡର ଲୋକେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇ ପାରିବେ । କିନ୍ତୁ ୨୦୨୪ ଅକ୍ଟୋବର ୨୩ରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଜେ. ପି. ନଡ୍ଡା ମୁଖ୍ୟମନ୍ତ୍ର ମାାଝିଙ୍କୁ ଉତ୍ତର ଦେଇଥିଲେ ଯେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଓଡିଶାର ଭୁବନେଶ୍ୱର ଠାରେ ଏକ ଏମ୍ସ ନିର୍ମାଣ କରାଯାଇଛି ଏବଂ ବାଲେଶ୍ୱର ଠାରେ ଏହାର ଏକ ସାଟେଲାଇଟ ସେଂଟର ମଧ୍ୟ ସ୍ଥାପନ କରାଯାଇଛି । ରାଜ୍ୟର ତିନୋଟି ମେଡିକାଲ କଲେଜ ଯଥା- ବ୍ରହ୍ମପୁର, କଟକ ଓ ବୁର୍ଲାରେ ସୁପର ସ୍ପେଶାଲିଟି ବ୍ଲକ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର କରାଯାଇଛି । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳମାନଙ୍କର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ କାର୍ଯ୍ୟ କରାଯାଉଛି । ଯଦି ରାଜ୍ୟ ସରକାର ଏସମ୍ପର୍କରେ କିଛି ପ୍ରସ୍ତାବ ଦେବେ ତାହେଲେ ଆନନ୍ଦର ସହ କେନ୍ଦ୍ର ସହାୟତା ଯୋଗାଇ ଦେବ ବୋଲି ଉଲ୍ଲେଖ କରାଯାଇଛି ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ପତ୍ରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିବା ସମ୍ବଲପୁର ଏମ୍ସ ସମ୍ପର୍କରେ ପଦଟିଏ ମଧ୍ୟ ଉଲ୍ଲେଖ କରି ନଥିବା ଶ୍ରୀ ପଣ୍ଡା କହିଛନ୍ତି ।

# ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଓ ସ୍ମୃତି ଚାରଣ ସଭା

ଭଦ୍ରକ , ୨୭/୯ (ନି.ପ୍ର): ଭଦ୍ରକ ବାଇପାସ୍ ଛକ ଠାରେ ପୂର୍ବାହ୍ନ ଘ ୯.୦୦ ମି. ସମୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଓ ସ୍ମୃତି ଚାରଣ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଅଛି। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ , ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଶ୍ରୀମାନ ସୂର୍ଯ୍ୟବଂଶୀ ସୂରଜ, ସାଂସଦ, ଭଦ୍ରକ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଅଧକ୍ଷ, ଜିଲ୍ଲା ଯୋଜନା ବୋର୍ଡ, ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର ସମେତ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସରୋଜ କୁମାର ଦତ୍ତ,ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭଦ୍ରକ ଶୁଭେନ୍ଦ୍ର ସାମଲ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିବୃନ୍ଦ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଅଛି।

# ନୀଳଗିରିରେ ଭାଲୁ ଆତଙ୍କ: ଅଳ୍ପକେ ବର୍ତ୍ତିଲେ ଯୁବକ

ନୀଳଗିରି , ୨୭/୯ (ନି.ପ୍ର): ଆଜି ସକାଳୁ ସକାଳୁ ନୀଳଗିରି ସହରରେ ଦେଖିବାକୁ ମିଳିଛି ଭାଲୁ ଆତଙ୍କ। ନୀଳଗିରିର ରେଡ୍ ରୋଜ ବେକେରୀ ଦୋକାନ ଗଳିରେ ଏକ ବିରାଟ ଭାଲୁ ବାହାରି ଆସିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ଅନୁସାରେ, ଆଜି ସକାଳ ସମୟରେ ଭାଲୁଟି ରାସ୍ତାରେ ବାହାରୁଥିବା ବେଳେ ସାମ୍ନାରୁ ଜଣେ ଯୁବକ ହଠାତ୍ ତା'ର ହାବୁଡ଼ରେ ପଡ଼ି ଯାଇଥିଲେ। ଯୁବକଙ୍କୁ ଦେଖି ଭାଲୁଟି ଆକ୍ରମଣ ଉଦ୍ୟମ କରିଥିବା ଦେଖାଯାଇଛି। ତେବେ ଯୁବକଙ୍କ ଭାଗ୍ୟ ଭଲ ଥିବାରୁ ବଡ଼ ଅଘଟଣ ଘଟିନଥିଲା। ଭାଲୁଟି ହଠାତ୍ ରାସ୍ତା ପାର ହୋଇ ସେଠାରୁ ପଳାଇ ଯାଇଥିଲା। ଫଳରେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ଯୁବକ। ସବୁଠାରୁ ରୋମାଞ୍ଚକର କଥା ହେଉଛି, ଭାଲୁ ଓ ଯୁବକଙ୍କ ମଧ୍ୟରେ ଘଟିଥିବା ଏହି ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଭିଡିଓରେ ଭାଲୁଟି ରାସ୍ତାରେ ଆସିବା ଏବଂ ଯୁବକଙ୍କ ନିକଟରେ ପହଞ୍ଚିବା ପରେ ଆକ୍ରମଣ ଉଦ୍ୟମ କରିବାର ଦୃଶ୍ୟ ଦେଖିବାକୁ ମିଳିଛି।ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭାଲୁକୁ ନେଇ ଭୟ ଓ ଆତଙ୍କ ବଢ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହାନଦୀରେ ଆସୁଛି ...

ଚାଷଜମିରେ ପାଣି ପଶିଥିବା ଦୃଶ୍ୟ ମଧ ଦେଖାଯାଉଛି। ଏପଟେ କେବଳ ମହାନଦୀ ନୁହେଁ, ଉତ୍ତର ଓଡ଼ିଶାରେ ମଧ ବନ୍ୟା ସ୍ଥିତି ଚିନ୍ତା ବଢ଼ାଇଛି। ସୁବର୍ଣ୍ଣରେଖା, ଜଳକା, ବୈତରଣୀ ଓ ସାଳନ୍ଦୀ ଭଳି ନଦୀରେ ଜଳସ୍ତର ବଢ଼ିବା ପରେ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝରର ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ସୁବର୍ଣ୍ଣରେଖା ବନ୍ୟାରେ ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଜଳସ୍ତର କମିବା ଆରମ୍ଭ ହୋଇଥିଲେ ମଧ ଅନେକ ଗାଁ ଏବେ ବି ପାଣିଘେରରେ ରହିଛି। ସେହିପରି ଜଳକା ନଦୀରେ ଜଳସ୍ତର ବଢ଼ିବାରୁ ବସ୍ତା, ବାଲେଶ୍ୱର ସଦର ଏବଂ ମୟୂରଭଞ୍ଜର ରାସଗୋବିନ୍ଦପୁର, ମୋରଡ଼ା ଓ ଶୂଳିଆପଦା ଅଞ୍ଚଳ ପ୍ରଭାବିତ ହୋଇଛି। ବୁଢ଼ାବଳଙ୍ଗ ନଦୀର ପାଣି ମଧ ବାଲେଶ୍ୱର ସଦର ଓ ରେମୁଣାର କିଛି ଅଞ୍ଚଳରେ ପ୍ରବେଶ କରିଥିବା ରିପୋର୍ଟ ରହିଛି। ବୈତରଣୀରେ ମଧ ବନ୍ୟାଜଳ ବଢ଼ିବାରୁ କେନ୍ଦୁଝରର ତେଲକୋଇ ଓ ପାଟଣା, ଯାଜପୁରର ଦଶରଥପୁର, ବିଞ୍ଝାରପୁର, ମଙ୍ଗଳପୁର ଓ ବରୀ ଏବଂ ଭଦ୍ରକର ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି ଓ ଚାନ୍ଦବାଲିର ବିଭିନ୍ନ ଗାଁ ପ୍ରଭାବିତ ହୋଇଛି। ଭଦ୍ରକ ବ୍ଲକ୍ ଓ ପୌରାଞ୍ଚଳରେ ସାଳନ୍ଦୀ ନଦୀର ଜଳ ମଧ ସମସ୍ୟା ବଢ଼ାଇଛି। ଦକ୍ଷିଣ ଓଡ଼ିଶାରେ ବର୍ଷା କମିବା ପରେ କେତେକ ସ୍ଥାନରେ ଜଳସ୍ତର ହ୍ରାସ ପାଉଥିଲେ ମଧ କୋରାପୁଟ, ନବରଙ୍ଗପୁର ଓ ଅନ୍ୟ କିଛି ଜିଲ୍ଲାର ତଳିଆ ଅଞ୍ଚଳରେ ଏବେ ବି ଜଳବନ୍ଦୀ ସ୍ଥିତି ରହିଛି। ମୋଟ ଉପରେ ମହାନଦୀ ସମେତ ରାଜ୍ୟର ଏକାଧିକ ନଦୀରେ ବଢୁଥିବା ଜଳସ୍ତର ଯୋଗୁଁ ବନ୍ୟା ଆଶଙ୍କା ଜାରି ରହିଛି। ପ୍ରଶାସନ ତଳିଆ ଅଞ୍ଚଳରେ ନଜର ରଖିବା ସହ ଆବଶ୍ୟକ ସ୍ଥାନରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଓ ରିଲିଫ୍ ବ୍ୟବସ୍ଥା ପାଇଁ ପ୍ରସ୍ତୁତ ରହିଛି।

### ଉତ୍ତରପ୍ରଦେଶ: ପ୍ରବଳ ବର୍ଷା...

ଏହି ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଖରିଫ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ଏହାସହିତ ଚାଷଜମି ଗୁଡ଼ିକରେ ଜଳ ଜମି ରହିଥିବାରୁ ଆଗାମୀ ରବି ଋତୁ ପାଇଁ ବିହନ ବୁଣା ପ୍ରକ୍ରିୟାରେ ବଡ଼ ଧରଣର ବିଳମ୍ବ ହେବ ବୋଲି ସରକାରୀ ଅଧିକାରୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ଜମିରୁ ପାଣି ଶୁଖିବା ପାଇଁ ଅଧିକ ସମୟ ଲାଗିବାକୁ ଥିବାରୁ ଏହା ଚାଷ କାର୍ଯ୍ୟକୁ ବେଶ୍ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଉତ୍ତର ପ୍ରଦେଶର ପ୍ରବଳ ବର୍ଷା ଯୋଗୁଁ ଉନ୍ନାଓ ସ୍ଥିତ ବଶିରତଗଞ୍ଜ ଟୋଲ୍ ପ୍ଲାଜା ନିକଟରେ ଗଙ୍ଗା ଏକ୍ସପ୍ରେସୱେ ପ୍ରକଳ୍ପ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଏହାଫଳରେ ଏହି ମାର୍ଗରେ ଯାତାୟାତ ବାଧାପ୍ରାପ୍ତହୋଇଛି।

### ଆକାଶରୁ ଦେଖିଲେ: ବୋଟ୍‌ରେ ...

କାଦୁଅ ପଚପଚ ଗୋଡ଼ରେ ଲୋକଙ୍କ ଗହଣରେ ବସି, ଲୋକଙ୍କ ଦୁଃଖ ଶୁଣିଥିଲେ ଲୋକଙ୍କ ମୁଖ୍ୟମନ୍ତ୍ରୀ । ଚାନ୍ଦିଲି ହାଇସ୍କୁଲରେ ଆଶ୍ରୟ ନେଇଥିବା ଲୋକଙ୍କ ସହ କଥା ହେବା ପରେ, ରିଲିଫ କେନ୍ଦ୍ରରେ ପ୍ରସ୍ତୁତ ଖାଦ୍ୟର ମାନ ପରଖିଥିଲେ । ଏହି ସମୟରେ ରନ୍ଧାଯାଇଥିବା ଡାଲମାର ସ୍ୱାଦ ମଧ ଚାଖିଥିଲେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ । ଚାନ୍ଦିଲିରୁ ଫେରିବା ପରେ ଜୟପୁର ବିମାନବନ୍ଦରରେ ହୋଇଥିଲା ମୁଖ୍ୟମନ୍ତ୍ରୀଙ୍କ ବନ୍ୟାସ୍ଥିତି ସମୀକ୍ଷା ବୈଠକ । ରାଜସ୍ୱ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ କମିସନରଙ୍କ ସହ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାପାଳ ବୈଠକରେ ସାମିଲ ହୋଇଥିଲେ । ଏହି ବୈଠକରେ ରିଲିଫ୍ ଓ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସିଏମ୍ । ଉଦ୍ଧାର କାର୍ଯ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଥିବା ସୂଚନା ଦିଆଯାଇଛି। ପ୍ରଭାବିତଙ୍କ ନିକଟରେ ପ୍ରାଥମିକତା ଭିତ୍ତିରେ ସହାୟତା ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । କୋରାପୁଟରୁ ହେଲିକପ୍ଟରରେ ଯାଇ ନବରଙ୍ଗପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ।

# ବାରିପଦାରେ ଜିଲ୍ଲାସ୍ତରୀୟ ହିନ୍ଦୀ ପକ୍ଷ କାର୍ଯ୍ୟକ୍ରମ

## ହିନ୍ଦୀ ଭାଷାର ପ୍ରଚାର ପ୍ରସାର ସହ ପରିବେଶ ସୁରକ୍ଷାର ବାର୍ତ୍ତା




ବାରିପଦା, ୨୭/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ହିନ୍ଦୀ ପକ୍ଷ କାର୍ଯ୍ୟକ୍ରମ ବାରିପଦାସ୍ଥିତ ଏମ୍.ପି.କେ. ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ହିନ୍ଦୀ ଭାଷାର ମହତ୍ତ୍ୱ, ଆବଶ୍ୟକତା ଏବଂ ଏହାର ପ୍ରଚାର ପ୍ରସାର ଉପରେ ଆଲୋଚନା ସହିତ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା।୧୯୪୯ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଭାବେ ହିନ୍ଦୀ ପକ୍ଷ ପାଳନ କରାଯାଉଥିବା ବେଳେ ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବାରିପଦା ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏମ୍.ପି.କେ. ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟକୁ କାର୍ଯ୍ୟକ୍ରମ ସ୍ଥଳ ଭାବେ ଚୟନ କରାଯାଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ କୁମାର ପାତ୍ର ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଡା. ଶଶୀଧର ବିଶ୍ୱାଳ ଏବଂ ସଞ୍ଜୟ କୁମାର କଲିଆ ଉପସ୍ଥିତ ଥିଲେ। ସଭାପତି ତଥା ମଞ୍ଚ ପରିଚାଳନା ଦାୟିତ୍ୱ ଡା. ଅସୀମ କୁମାର ଚକ୍ରବର୍ତ୍ତୀ ତୁଲାଇଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରାରୁ ଆସିଥିବା ଡା. ଭରତ ସିଂ ପରମାର ଯୋଗଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ପୁରୁଷୋତ୍ତମ କମିଳା ଉପସ୍ଥିତ ଥିଲେ।ପ୍ରାରମ୍ଭରେ ଅତିଥିମାନଙ୍କୁ ଉତ୍ତରୀୟ, ମାନପତ୍ର ଏବଂ ଚାରା ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ମହାପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀମାନେ ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।ଏହି ଅବସରରେ ବକ୍ତାମାନେ ହିନ୍ଦୀ ଭାଷାର ଗୁରୁତ୍ୱ, ଏହାର ଆବଶ୍ୟକତା ଏବଂ ଦେଶରେ ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ସମ୍ପର୍କରେ ଶିକ୍ଷଣୀୟ ମତାମତ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ଓ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକମାନଙ୍କୁ ମଧ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ସହ 'ମା' ପାଇଁ ଗଛଟିଏ' ବାର୍ତ୍ତା ନେଇ ପୁଷ୍ପ ଓ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା। ଏହା ମାଧ୍ୟମରେ ଭାଷା ସୁରକ୍ଷା ସହ ପରିବେଶ ସୁରକ୍ଷାର ବାର୍ତ୍ତା ମଧ ଦିଆଯାଇଥିଲା।କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲେ। ଶିକ୍ଷକ ସଞ୍ଜୀବ ଦଳେଇ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିକ୍ଷୟିତ୍ରୀ ନିତୁବାଳା କବିତା ଆବୃତ୍ତି କରିଥିଲେ। ଏହାସହ ଶିକ୍ଷୟିତ୍ରୀ ତାପସୀ ଦାସ ଓ ଶିକ୍ଷକ ସୁପ୍ରିତ ସୁବ୍ରମଣ୍ୟମଙ୍କ ଜନ୍ମଦିନ ଅବସରରେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଭାତ କୁମାର ଜେନା ପ୍ରଦାନ କରିଥିବା ବେଳେ ଦେବାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଶିକ୍ଷକ ରଜତ କୁମାର ମହାନ୍ତ, ତାରିଣୀ ପ୍ରସନ୍ନ ବେହେରା, ବିଶ୍ୱଜିତ ପାତ୍ର, ସୁପ୍ରିତ ସୁବ୍ରମଣ୍ୟମ, ସୁରେଶ ମହାନ୍ତ, ସଞ୍ଜୀବ ଦଳେଇ, ଅବନୀ କମିଳା, ଅଭିନନ୍ଦନ ମହୁରୀଙ୍କ ସମେତ ଶିକ୍ଷୟିତ୍ରୀ ତାପସୀ ଦାସ, ନିତୁବାଳା, ସଙ୍ଗୀତା ପାତ୍ର, ଗାର୍ଗୀ ବାରିକ, ଲଳିତା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।ସମଗ୍ର କାର୍ଯ୍ୟକ୍ରମ ଶିକ୍ଷା, ସଂସ୍କୃତି, ଭାଷା ଓ ପରିବେଶର ସମନ୍ୱୟରେ ରୁଚିକର ଓ ମନୋହର ହୋଇଥିବା ବେଳେ ଉପସ୍ଥିତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।

# ଭଦ୍ରକ ଜିଲ୍ଲା ବନ୍ୟା ସ୍ଥିତି ରିପୋର୍ଟ: ବନ୍ୟା ପ୍ରଭାବରୁ ୧.୮୪ ଲକ୍ଷ ଲୋକ ପ୍ରଭାବିତ



ଭଦ୍ରକ, ୨୭/୯ (ନି.ପ୍ର): ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ଆଜି ପୂର୍ବାହ୍ନ ୧୧.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାର ଝ୦୬ଟି ବ୍ଲକ୍ (ଭଣ୍ଡାରୀପୋଖରୀ, ଧାମନଗର, ତିହିଡ଼ି, ବାସୁଦେବପୁର, ଭଦ୍ରକ, ବନ୍ତ) ଏବଂ ୦୨ଟି ପୌରାଞ୍ଚଳର ୭୪ଟି ପଞ୍ଚାୟତ, ୧୯ଟି ୱାର୍ଡ, ୧୯୧ଟି ଗାଁଞ୍ଚ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ମୋଟ ଞ୍ଚ୧,୮୪,୨୬୦ ଜଣଞ୍ଚ ପ୍ରଭାବିତ ହୋଇଥିବା ବେଳେ ୫୨,୮୫୧ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ସମସ୍ତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ:ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ୬୬ଟି ମାଗଣା ରୋଷେଇ ଘର ଖୋଲାଯାଇଛି। ଏଥି ସହିତ ୧୨୦୦ ବୋତଲ ପାନୀୟ ଜଳ, ୧୦,୦୦୦ ୱାଟର ପାଉଚ୍, ୧୩ଟି ୱାଟର ଟ୍ୟାଙ୍କର ନିୟୋଜିତ ହୋଇଛି। ୧୭୭୫ଟି ନଳକୂପ ପ୍ରଭାବିତଞ୍ଚ ହୋଇଛି। ଆଜି ସୁଦ୍ଧା ଞ୍ଚ୧୩୮.୩୨ କ୍ୱିଣ୍ଟାଲ ଚୁଡ଼ା (ସର୍ବମୋଟ ୨୫୬.୨୮ କ୍ୱିଣ୍ଟାଲ) ଓ ୧୫.୧୬ କ୍ୱିଣ୍ଟାଲ ଗୁଡ଼ (ସର୍ବମୋଟ ୪୨.୭ କ୍ୱିଣ୍ଟାଲ) ବଣ୍ଟନ କରାଯାଇଛି। ପଶୁ ସମ୍ପଦ:୧,୧୬,୮୩୮ ଗୃହପାଳିତ ପଶୁ ବଡ଼-୮୧,୧୬୨, ଛୋଟ-୩୫,୬୭୬) ପ୍ରଭାବିତ ହୋଇଛନ୍ତି। ୬୦୦ ପଶୁଙ୍କ ଟୀକାକରଣ ଓ ୩୨୨ ପଶୁଙ୍କ ଚିକିତ୍ସା କରାଯାଇଛି। ସ୍ୱାସ୍ଥ୍ୟ ଓ ପାନୀୟ ଜଳ: ୧୮ଟି ମେଡିକାଲ ଟିମ୍ ଓ ୦୬ଟି ଭେଟେରିନାରୀ ଟିମ୍ ନିୟୋଜିତ ଅଛନ୍ତି। ୦୨ଟି ମୋବାଇଲ ୱାଟର ଟ୍ରିଟମେଣ୍ଟ ୟୁନିଟ୍ କାର୍ଯ୍ୟ କରୁଛି। ୧୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। କୌଣସି ମହାମାରୀ ନାହିଁ ଉଦ୍ଧାର: ଭଣ୍ଡାରୀପୋଖରୀ ବ୍ଲକରେ ୦୧ଟି ଙଡଜଇର ଟିମ୍ଞ୍ଚ ନିୟୋଜିତ ହୋଇଛି।ଜିଲ୍ଲା ପ୍ରଶାସନ ବନ୍ୟା ପରିସ୍ଥିତି ଉପରେ ନଜର ରଖିଛି ।

# ଜୟକୃଷ୍ଣ କୃପାସିନ୍ଧୁ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ବୈଠକ

ବାସୁଦେବପୁର,୨୭/୯,(ନି.ପ୍ର.) ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ସ୍ଥିତ ପଦ୍ମପୁର ଜୟକୃଷ୍ଣ କୃପାସିନ୍ଧୁ ହାଇସ୍କୁଲ ପରିସରରେ ପୁରାତନ ଛାତ୍ରଛାତ୍ରୀ ସଂସଦର ଉତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ନିତ୍ୟାନନ୍ଦ ଦାଶ, ନନ୍ଦକିଶୋର ନାୟକ, ରମେଶ ଚନ୍ଦ୍ର ବଳ, ମନୋରଞ୍ଜନ ନାୟକ ଓ ପ୍ରଧାନ ଶିକ୍ଷକ କାର୍ତ୍ତିକଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଇତିହାସ, ଗୌରବମୟ ପରମ୍ପରା ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ଆଗାମୀ ଉତ୍ସବ ପାଳନ ନିମନ୍ତେ ନିଜନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଦିବଂଗତ ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବ ବୈଠକର ବିବରଣୀପାଠ କରାଯାଇ ସର୍ବସମ୍ମତିକ୍ରମେ ତାହା ଅନୁମୋଦନ ଲାଭ କରିଥିଲା। ଉପସ୍ଥିତ ସଦସ୍ୟମାନେ ସୂଚନା ଦେଇଥିଲେ ଯେ, ସଂଗଠନର ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୪୦୭ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଡ଼ି ହୋଇସାରିଛନ୍ତି ଓ ଆଗାମୀ ଦିନରେ ଅନ୍ୟ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ପଦକ୍ଷେପ ନିଆଯିବ। ବିଶେଷ କରି ଆଗାମୀ ଜୁବିଲି ଉତ୍ସବକୁ ଧୂମଧାମରେ ପାଳନ କରିବା ବାବଦରେ ଅଧାପକ ତପନ କୁମାର ନାୟକ, ଶିକ୍ଷକ ମାଧବାନନ୍ଦ ଓଝା, ପୃଥ୍ୱିରାଜ ବିଶ୍ୱାଳ, ମନୋରଞ୍ଜନ ସାହୁ, ସୁଧାଂଶୁ ଶେଖର ନାୟକ, ଅଧାପକ କୁସୁମ କୁମାର ନାୟକ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ମାନସମନ୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପ୍ରସ୍ତାବିତ କାର୍ଯ୍ୟକାରୀ କମିଟି ଗଠନ ହେବା ଯାଏ ପ୍ରଧାନ ଶିକ୍ଷକ ଶ୍ରୀ ପତି ଏହାର ତତ୍ତ୍ୱାବଧାନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା ଓ ଏହାର ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଆସନ୍ତା ଶୁକ୍ରବାର, ତା- ୨୩.୧୦.୨୬ ପୂର୍ବାହ୍ନ ୧୦ ଘଟିକା ସମୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଆଜିର ବୈଠକରେ ମୋଟ ୪୧ ଜଣ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଭଦ୍ରକ ଜିଲ୍ଲାର ୬ଟି ବ୍ଲକ୍‌ର ୩୪୧ଟି ବିଦ୍ୟାଳୟ ଆସନ୍ତାକାଲି ବନ୍ଦ

ଭଦ୍ରକ, ୨୭/୯ (ନି.ପ୍ର): ଜଶଲ୍ଲାରେ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲାର ୬ଟି ବ୍ଲକ୍‌ର (ଧାମନଗର, ଭଦ୍ରକ, ଭଣ୍ଡାରିପୋଖରୀ, ତିହିଡ଼ି, ବାସୁଦେବପୁର, ଚାନ୍ଦବାଲି ) ୩୪୧ଟି ପ୍ରଭାବିତ ବିଦ୍ୟାଳୟରେ ଆସନ୍ତା ୨୮ ସେପ୍ଟେମ୍ବର ୨୦୨୬ (ସୋମବାର ) ଶିକ୍ଷାଗତ ଓ ଅଣଶିକ୍ଷାଗତ କାର୍ଯ୍ୟକଳାପ ବନ୍ଦ ରହିବ।

# ଖଇରାରେ ଅର୍ଣ୍ଣବ ବାତ୍ୟାର ପ୍ରଭାବ: ୨୮ ପଞ୍ଚାୟତର ୧୧୪ ଗାଁର ୧୭ ହଜାର ୧୧୬ଲୋକ ପ୍ରଭାବିତ



ଖଇରା , ୨୭/୯ (ନି.ପ୍ର): ଅର୍ଣ୍ଣବ ବାତ୍ୟା ଯୋଗୁଁ ବାଲେଶ୍ୱର ଜିଲା ଖଇରା କୁ ବ୍ୟାପକ ପ୍ରଭାବିତ ହୋଇଛି। ବ୍ଲକ ପ୍ରଶାସନ ତରଫରୁ ପ୍ରସ୍ତୁତ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଅନୁଯାୟୀ ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ୨୮ପଞ୍ଚାୟତ ଅଧିନ ୧୧୪ ଗ୍ରାମର ୧୭ହଜାର୧୧୬ ଲୋକ ପ୍ରଭାବିତ ହୋଇଛନ୍ତି । ବିଭିନ୍ନ ନଦୀ କୂଳିଆ ଅଞ୍ଚଳରୁ ୨ହଜାର୫୩୦ ଲୋକଙ୍କୁ ଉଦ୍ଧାର କରାଯାଇ ଶନିବାର ୭ଟି ଓ ରବିବାର ୫ଟି ଆଶ୍ରୟସ୍ଥଳୀରେ ରଖାଯାଇଛି । ସେହିଭଳି ୫ଟି ଆଶ୍ରୟସ୍ଥଳୀରେ ରହୁଥିବା ୩ହଜାର ୭୮୧ ହିତାଧିକାରୀଙ୍କ ପାଇଁ ମାଗଣା ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ଜଳବନ୍ଦୀରେ ରହୁଥିବା ବିପନ୍ନ ଙ୍କ ନିକଟରେ ଖାଦ୍ୟ ପହଞ୍ଚାଇବା ପାଇଁ ଗୋଟିଏ ଓଡ୍ରାଫ ଟିମ ଓ ଖଇରା ଅଗ୍ନିଶମ ବାହିନୀକୁ ମୃତୟନ କରାଯାଇଛି । ସେହିଭଳି ରବିବାର ଅପରାହ୍ନ ସୁଦ୍ଧା ପାଣିଘେରରେ ଥିବା ପରିବାର ନିକଟକୁ ୧୫୦ କୁଇଣ୍ଟାଲ ଚୁଡା ଓ୧୫ କୁଇଣ୍ଟାଲ ଗୁଡ ପଠାଯାଇଥିବା ଜଣାଯାଇଛି । ରବିବାର ବାଲେଶ୍ୱର ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀଣୀ ଡ ମଧୁସ୍ମିତା ସାମନ୍ତରାୟ,ଖଇରା ବିଡିଓ ନାରାୟଣ ସାହୁ ଝିଙ୍କିରିଆ ଓ ସାରଡାଙ୍ଗ ପଞ୍ଚାୟତ ଗସ୍ତକରି ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ପିଡିତଙ୍କୁ ଭେଟିଛନ୍ତି । ରାତି ସୁଦ୍ଧା ଗୃହପାଳିତ ପଶୁଙ୍କ ପାଇଁ ୨୫୦ କୁଇଣ୍ଟାଲ ଗୋଖାଦ୍ୟ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ବ୍ଲକ ପ୍ରାଣିଚିକିତ୍ସାଧିକାରୀ ଡା ଶୁଭାଶିଷ ମହାପାତ୍ର କହିଛନ୍ତି । ସେହିଭଳି ଅନ୍ତରା, କୁପାରୀ ଓ ପଳସା ରେ ଜଳବନ୍ଦିରେ ଥିବା ପାଖାପାଖି ୯୦ ପରିବାରକୁ ପଲିଥିନ ବଣ୍ଟାଯାଇଥିବା ତହସିଲଦାର ଅନୁପ କୁମାର ବେହେରା ପ୍ରକାଶ କରିଛନ୍ତି । ସବୁ ଅଞ୍ଚଳରୁ ନଷ୍ଟ ହୋଇଥିବା ରାସ୍ତାଘାଟ ଓ ବିଦ୍ୟାଳୟ ଗୃହର ରିପୋର୍ଟ ପହଞ୍ଚିବା ପରେ ସବିଶେଷ କ୍ଷୟକ୍ଷତି ଜଣାପଡିବ ବୋଲି ବ୍ଲକ ବିଡିଓ ନାରାୟଣ ସାହୁ କହିଛନ୍ତି ।

# ବନ୍ୟାରେ ବୁଡ଼ିଲା ପାଟସାହି ପ୍ରାଥମିକ ବିଦ୍ୟାଳୟ

ଉଦଳା , ୨୭/୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ଶିମିଳିପାଳରୁ ବାହାରିଥିବା ବିଭିନ୍ନ ନଦୀ ମାନଙ୍କରେ ବନ୍ୟା ଆସିଛି । ଫଳରେ ନଦୀ କୂଳିଆ ଗ୍ରାମ ଗୁଡ଼ିକରେ ବସବାସ କରୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହିପରି ଉଦଳା ବ୍ଲକର ଭିମତାଳି ପଂଚାୟତ ଅନ୍ତର୍ଗତ ମଦନାପାଳ ଗ୍ରାମ ବନ୍ୟା ଜଳରେ ବୁଡ଼ି ଯାଇଛି । ଏହି ଗ୍ରାମରେ ଥିବା ପାଟସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବନ୍ୟାଜଳ ପସିଯିବା ଯୋଗୁଁ ମଧ୍ୟାହ୍ନ ଭୋଜନ ପାଇଁ ଥିବା ଚାଉଳ,ପିଲାଙ୍କ ଶିକ୍ଷଣୀୟ ସାମଗ୍ରି, କାର୍ଯ୍ୟାଳୟର ଦରକାରୀ କାଗଜପତ୍ର ଇତ୍ୟାଦି ଭାସିଯାଇଥିବାର ଜଣାଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଧାନ ଶିକ୍ଷୟିତ୍ରି ସୁଭଦ୍ରା ରାଉତ ଅନୁରୋଧ ଜଣାଇଛନ୍ତି । ଶୋନନଦୀରେ ବନ୍ୟା ଆସିବା ଯୋଗୁଁ ଉଦଳା ବ୍ଲକ ଅଂଚଳ ମଧ୍ୟରେ ଅନେକ ଗୁଡ଼ିଏ ବିଦ୍ୟାଳୟରେ ସମାନପ୍ରକାର ଦୃଶ୍ୟ ଦେଖିବାକୁ ମିଳିଛି ବୋଲି ଏଠାରେ କାର୍ଯ୍ୟରତ ଲୋକସଂଗଠନ ଜନଜାଗୃତି ମଂଚର ଉର୍ମି ଲିଡ଼ର ମୋନାଲି ଓ ସସ୍ମିତା ଗଣମାଧ୍ୟମକୁ ଜଣାଇଛନ୍ତି ।

# ଲଘୁଚାପ ଜନିତ ବର୍ଷାରେ ବେହାଲ ବୈଶିଙ୍ଗା ଅଞ୍ଚଳ

ବୈଶିଙ୍ଗା , ୨୭/୯ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ଏବେବି ଜନଜୀବନ ଅସ୍ତବ୍ୟସ୍ତ। ଅବିଶ୍ରାନ୍ତ ଦିନରାତି ବର୍ଷା ଯୋଗୁଁ ଦୁର୍ବଳ ଘର ପ୍ରତି ବିପଦ ବଢ଼ିବାରେ ଲାଗିଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧିନ ବୈଶିଙ୍ଗା ପଞ୍ଚାୟତର ରଙ୍ଗାମାଟିଆ ଡାହିବାଡି ଗ୍ରାମରେ।ଲଗାଣ ବର୍ଷାରେ ଏହି ଗ୍ରାମର କାହ୍ନୁ ମୁର୍ମୁଙ୍କ ଆଜବେଷ୍ଟ ଘରର କାନ୍ଥ ଭୁଷୁଡି ପଡିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତେବେ ଏହି ସମୟରେ ପ୍ରବଳ ବର୍ଷା ହେଉଥିବାରୁ ପରିବାର ଲୋକମାନେ ସମସ୍ତେ ଘରେ ଥିଲେ।ଘରର କାନ୍ଥ ଭୁଷୁଡିବା ପୂର୍ବରୁ କେମିତି ଜାଣିପାରି ପଡିଶା ଘରକୁ ଦୌଡି ପଳାଇଥିଲେ ଫଳରେ ଏକ ବଡ ଅଘଟଣରୁ ବର୍ତ୍ତି ଯାଇଥିଲେ।ଏବେ ପଡିଶା ଘରେ ଆଶ୍ରୟ ନେଉଛନ୍ତି ପରିବାରବର୍ଗ। ସେହିପରି ଏହି ଗ୍ରାମର ସ୍ୱର୍ଗତ ନିମାଇଁ ମାଝିଙ୍କ ପୁଅ ଶିବାନ ମାଝିଙ୍କ ଆଜବେଷ୍ଟ ଘରର ପଛପଟ କାନ୍ଥ ମଧ୍ଯ କିଛି ଅଂଶ ଭୁଷୁଡି ପଡିଥିବା ବେଳେ ସାମ୍ନା ବାରଣ୍ଡାରେ ବିପଦ ସଙ୍କୁଳ ଅବସ୍ଥାରେ ଆଶ୍ରୟ ନେଉଛନ୍ତି ପରିବାରବର୍ଗ। ଏପଟେ ସରକାର ତୁରନ୍ତ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ଶୀତଳା ମାତା ଯାତ୍ରା କମିଟି ପକ୍ଷରୁ ରକ୍ତଦାନ ଶିବିର



ଜଳେଶ୍ୱର, ୨୭/୯ (ନି.ପ୍ର): ଜଳେଶ୍ୱର ବ୍ଲକ୍ ପଶ୍ଚିମବାଡ଼ ପଞ୍ଚାୟତ ରେଳାରେ ଶୀତଳା ମାତା ଯାତ୍ରା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରକ୍ତଦାତା ସଂଘ ଓ ସମ୍ବାଦ-ଆମ ଓଡ଼ିଶା ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିତ୍ୟାନନ୍ଦ ଜେନା, ରାମଶଙ୍କର ଆଚାର୍ଯ୍ୟ, ବିଜୟ ଜେନା, ଦିଲ୍ଲୀପ ଦାସ ଅଧିକାରୀ, କାଳୀଚରଣ ରାଉଳ, ସନ୍ତୋଷ ଦାସଅଧିକାରୀ, ରମେଶ ଆଚାର୍ଯ୍ୟ, ବଂଶୀଧର ପୃଷ୍ଟି, ପ୍ରଭାତ ଜେନା, ଚରଣ ପୃଷ୍ଟି, ରବୀନ୍ଦ୍ର ଚାନ୍ଦ, ମୃତ୍ୟୁଞ୍ଜୟ ଚାନ୍ଦ, ହରିଶ୍ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଜେନାଙ୍କ ନେତୃତ୍ୱରେ ଶିବିରରୁ ୧୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉତ୍ତର ବାଲେଶ୍ୱର ସମ୍ବାଦ ପ୍ରତିନିଧି ସତ୍ୟବ୍ରତ ପ୍ରଧାନ ଓ ଲକ୍ଷ୍ମୀଧର ବାରିକଙ୍କ ସମେତ କମିଟିର ସମସ୍ତ ସଭ୍ୟ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ୧୨ତମ ରେମୁଣା ନବମାତୃକା ପୂଜା ପାଇଁ ପ୍ରସ୍ତୁତି ବୈଠକ

ରେମୁଣା , ୨୭/୯ (ନି.ପ୍ର): ବିଗତ ବର୍ଷ ପରି ଚଳିତ ବର୍ଷ ୧୨ତମ ରେମୁଣା ନବମାତୃକା ପୂଜା ପାଇଁ କମିଟି ତରଫରୁ ସଭାପତି ଡ ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ମନ୍ଦିର ଛକ କ୍ଷୀରଚୋରା ପବ୍ଲିକ ସ୍କୁଲ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଶାରଦୀୟ ମହୋତ୍ସବର ମହାନବମୀ ୧୯ ତାରିଖ ପୂର୍ବାହ୍ନରେ ୩୬ ନ. ଜୋନର ୭ଟି ପଞ୍ଚାୟତର ମହିୟସୀ ଓ ଗରିୟସୀ ନଅଜଣ ମାଆଙ୍କୁ ଅନୁଷ୍ଠାନର ବିଧିମତେ ପୂଜାର୍ଚ୍ଚନା କରାଯିବ ବୋଲି ସ୍ଥିର କରାଯାଇଛି । ନଅ ଜଣ ମାଆଙ୍କୁ ଚୟନ କରିବା ପାଇଁ ଏକ ଚୟନ କମିଟି ଗଠନ କରାଗଲା। କମିଟିର କୋଷାଧ୍ୟକ୍ଷ ଗତ ବର୍ଷର ଆୟବ୍ୟୟର ବିବରଣୀ ଦେଇଥିବା ବେଳେ ସର୍ବସମ୍ମତି କ୍ରମେ ଗୃହୀତ ହୋଇ ଚଳିତ ବର୍ଷର ଆୟବ୍ୟୟ ଅଟକଳ ଆଲୋଚନା କରାଯାଇଛି । ମାତୃପୂଜନ ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣ ପାଇଁ ବୃନ୍ଦାବନ ବେହେରା, ହରେକୃଷ୍ଣ ଗିରି, ହୀରାଲାଲ ପାକଳ, ଅସିତ୍ ମଙ୍ଗରାଜଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ବୈଠକରେ ଉପସଭାପତି କମଳାକାନ୍ତ ଦାସ, ସମ୍ପାଦକ ଓ ଆବାହକ ଶିଳ୍ପୀ କେଶୁ ଦାସ, ପ୍ରଭାକର ସାହୁ, ପ୍ରଦୀପ କୁମାର ମିଶ୍ର, ଷ୍ଟାଲିନ ମିଶ୍ର, ରମେଶ




ଚନ୍ଦ୍ର ମହାରଣା, ମାନସୀ ରାଣୀ ବେହେରା, ଅଜିତ୍ କୁମାର ପଣ୍ଡା, ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ କମିଟିର ସକ୍ରିୟ ସଦସ୍ୟା ସୁନାମଣି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସଦସ୍ୟତା ମହା ଅଭିଯାନ 'ସମ୍ୱନ୍ଧ' ଯୋଜନାର ଜିଲ୍ଲାରେ ଶୁଭାରମ୍ଭ

ଖୋର୍ଦ୍ଧା, ୨୭/୯ (ନି.ପ୍ର): ଆଜି ପୂର୍ବାହ୍ନରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଖୋରଧା ତଥା ଜିଲ୍ଲା ସମବାୟ ବିଭାଗ ମିଳିତ ଆନୁକୁଲ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ସମବାୟ ସଦସ୍ୟତା ମହା ଅଭିଯାନ 'ସମ୍ୱନ୍ଧ' ଯୋଜନାର ଜିଲ୍ଲାରେ ଶୁଭାରମ୍ଭ ହୋଇଯାଇଅଛି । ରାଜ୍ୟ ସ୍ତରରେ ଓଡ଼ିଶାର ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ରାଜ୍ୟ ସମବାୟ ବିଭାଗ ଆନୁକୁଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ, ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ବିଭାଗୀୟ ଶାସନ ସଚିବ ଏବଂ ଅନ୍ୟ ଶାସନ ସଚିବଙ୍କ ଗହଣରେ ରିମୋଟ ବଟମ ଦବାଇ ସମଗ୍ର ରାଜ୍ୟ ପାଇଁ ଯୋଜନାର ଲୋକାର୍ପଣ କରିଥିଲେ। ଖୋରଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ,ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ସମବାୟ ସମିତିର ସହେ ବର୍ଷର ଇତିହାସ ରହିଅଛି । ବର୍ତ୍ତମାନ ସମବାୟ ଆମ ସମାଜର ଜୀବନରେଖା ପାଲଟି ଯାଇଛି, ତୃଣମୂଳ ସ୍ତରରେ ପ୍ରତ୍ୟେକ



ପରିବାରରୁ 'ସମ୍ୱନ୍ଧ'ରେ ଜଣକୁ ସାମିଲ କରି ସମବାୟ ସେବା ଯୋଗାଇଦେବା ରାଜ୍ୟ ସରକାରଙ୍କ ଏକ ମହତକାଙ୍କ୍ଷୀ ଯୋଜନା ଯାହା ବିକଶିତ ଓଡ଼ିଶା ଅ୨୦୩୬ ଏବଂ ବିକଶିତ ଭାରତଅ୨୦୪୭ ସଫଳ ହେବାରେ ମେରୁଦଣ୍ଡ ସାଜିବ । ସେ ଆହୁରି କହିଥିଲେ 'ସମ୍ୱନ୍ଧ ' କୃଷକ ମାନଙ୍କୁ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଜିଲ୍ଲା ପରିଷଦ ଉପସଭାପତି ଶ୍ରୀ ଗୋପୀନାଥ ମହାରଣା ଯୋଗଦେଇ କହିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଯେଉଁ ଯୋଜନା'ସମ୍ୱନ୍ଧ' ଲୋକାର୍ପଣ ହେଲା ତାହା ଖୁବ୍ ଉଚ୍ଚକୋଟୀର ଅଟେ। ଛାତ୍ର/ଗୁରୁଙ୍କ ସମ୍ପର୍କ, ଅଧିକାରୀ ଓ କର୍ମଚାରୀ ମାନଙ୍କ ସମ୍ପର୍କ, ଶାସକ ଓ ପ୍ରଶାସକଙ୍କ ମଧ୍ୟରେ ସମ୍ପର୍କ ସମାଜ ଓ ରାଷ୍ଟ୍ର ପାଇଁ ଉନ୍ନତିର ପଥ ଦେଖାଇଥାଏ, ସେହିପରି'ସମ୍ୱନ୍ଧ ' ଯୋଜନା ସମବାୟ ସମିତି, ବ୍ୟାଙ୍କ୍ ଏବଂ ସଦସ୍ୟ/ସଦସ୍ୟା ମାନଙ୍କ ସହ ସମନ୍ୱୟ ରଖି ତୃଣ ମୂଳ ସ୍ତରରେ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ସମବାୟ ସଦସ୍ୟ ଅଭିଯାନ'ସମ୍ୱନ୍ଧ ' ପ୍ରତ୍ୟେକ ପରିବାରରୁ ଏକ ଜଣ ସଦସ୍ୟ ରହି ସରକାରୀ ଯୋଜନାରେ ସାମିଲ ହୋଇ ଆର୍ଥିକ ସ୍ଥିତି ମଜବୁତ୍ କରିବାକୁ କହିଥିଲେ । ଉପଜିଲ୍ଲାପାଳ, ଖୋରଧା,ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ଯୋଗଦେଇ କହିଲେ 'ସମ୍ୱନ୍ଧ'ଯୋଜନା ସଦସ୍ୟ/ ସଦସ୍ୟା ମାନଙ୍କୁ ବହୁମୁଖୀ ଦକ୍ଷତା ଯୋଗାଇ ସମବାୟ ସଶକ୍ତି କରଣ କୁ ଅଧିକରୁ ଅଧିକ ମଜବୁତ୍ କରିବ ବୋଲି କହିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଖୋରଧା, ଶ୍ରୀ ମନୋରଞ୍ଜନ ମିଶ୍ର ଯୋଗଦେଇ କହିଲେ ଗ୍ରାମୀଣ ବିକାଶ ଧାରାରେ, ବନ୍ଧୁତ୍ୱ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ସମସ୍ୟା ଗୁଡ଼ିକୁ ସମାଧାନ ଦିଗରେ ସମବାୟ ସମିତି ଅଗ୍ରଣୀ ଭୂମିକା ନିର୍ବାହ କରିବ । ଉପ ନିବନ୍ଧକ, ସମବାୟ ସମିତି, ଖୋରଧା, ଶ୍ରୀମତୀ ଅଳକାନନ୍ଦା ଜେନା ଯୋଗଦେଇ ସମବାୟ ସମିତି ଓ ନାଫେଡ ବଜାର ଯୋଜନାର ସୁଫଳ ଉପରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲାରେ ୧୧୦ଗୋଟି ସମବାୟ ସମିତି କାର୍ଯ୍ୟକ୍ଷମ ଅଛି ବୋଲି ସୂଚନା ଦେଇଥିଲେ । ସହକାରୀ ନିବନ୍ଧକ, ସମବାୟ ସମିତି ଭାଗବତ ମାରାଣ୍ଡି ଯୋଗଦେଇ କହିଲେ ଜିଲ୍ଲାରେ ୭୦ ହଜାର ମେମ୍ବର ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି ଏବଂ ସରକାରଙ୍କ ପକ୍ଷରୁ ଦୁଇମାସ ସମୟ ଦିଆଯାଇଛି । ସମବାୟ ସମିତି ସଭାପତି/ ସମ୍ପାଦକ ତାଙ୍କର ମୋବାଇଲ ଆପରେ କାର୍ଯ୍ୟ ସରକାରଙ୍କ ନୀୟମାନୁସାରେ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ କାର୍ଯ୍ୟ ନିର୍ବାହୀ, କେନ୍ଦ୍ର ସମବାୟ ବ୍ୟାଙ୍କ ଶ୍ରୀ ସାରଥୀ ଶତପଥୀ ସମବାୟ ସମିତି ପ୍ରଗତି ପଥେ ଆଗେଇ ଚାଲିଛି ବୋଲି ଉତ୍ଥାପନ କରି ବିଭିନ୍ନ ସେବା ଦିଗରେ ଆଲୋକ ପାତ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ସହକାରୀ ନିବନ୍ଧକ, ସମବାୟ ସମିତି, ଭୁବନେଶ୍ୱର, ମିହିକା ଦାସ ପ୍ରଦାନ କରିଥିଲେ । ସେହିପରି ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ସହକାରୀ ଅଡିଟର ଜେନେରାଲ ସମବାୟ ସମିତି,ଶ୍ରୀ ଭବାନୀ ଶଙ୍କର ପୁଷ୍ପାଳକ ଯୋଗଦେଇ 'ସମ୍ୱନ୍ଧ' ଯୋଜନା ଉପରେ ମତ ରଖିଥିଲେ । ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଚାରା କୁଣ୍ଡ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଦିବସରେ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ସମବାୟ ସମିତି ସଭାପତି, ସମ୍ପାଦକ, ସଦସ୍ୟ ସଦସ୍ୟା, ବ୍ୟାଙ୍କ୍ କର୍ମଚାରୀ, ତ୍ରିସ୍ତରୀୟ ପଞ୍ଚାୟତ ରାଜ ଅନୁଷ୍ଠାନ ପ୍ରତିନିଧି ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବାରିପଦାରେ ୫ କି.ମି. ପ୍ରମୋ ରନ୍, ୨୦୦ ଧାବକଙ୍କ ଅଂଶଗ୍ରହଣ



ବାରିପଦା, ୨୭/୯ (ନି.ପ୍ର): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀର ପ୍ରଚାର-ପ୍ରସାର, ପର୍ଯ୍ୟଟନ ପ୍ରତି ଜନସଚେତନତା ଏବଂ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରସାର ଉଦ୍ଦେଶ୍ୟରେ ବାରିପଦାରେ ପାଞ୍ଚ କିଲୋମିଟର 'ଓଡ଼ିଶା ପ୍ରମୋ ରନ୍' ଅନୁଷ୍ଠିତ ହୋଇଛି । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୁବିଲି ଲାଇବ୍ରେରୀଠାରେ ପତାକା ଦେଖାଇ ଏହି ଦୌଡର ଶୁଭାରମ୍ଭ କରିଥିଲେ । ପ୍ରାୟ ୨୦୦ ଜଣ ଧାବକ ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୟ୍ କହିଥିଲେ ଯେ, ମୟୂରଭଞ୍ଜ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ଐତିହ୍ୟ ଓ ସାଂସ୍କୃତିକ ବିଶେଷତାରେ ସମୃଦ୍ଧ । ଏଭଳି ଆୟୋଜନ ମାଧ୍ୟମରେ ଜିଲ୍ଲା ତଥା ଓଡ଼ିଶାର ପର୍ଯ୍ୟଟନ ସମ୍ପଦକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଫିଟନେସ୍ ଓ ସୁସ୍ଥ ଜୀବନଶୈଳୀ ପ୍ରତି ଜନସଚେତନତା ବୃଦ୍ଧି କରାଯାଇପାରିବ । ପର୍ଯ୍ୟଟନସ୍ଥଳୀଗୁଡ଼ିକର ପ୍ରଚାର-ପ୍ରସାର ସହ ସେଗୁଡ଼ିକର ପରିବେଶ ଓ ଐତିହ୍ୟର ସୁରକ୍ଷା ପ୍ରତି ମଧ୍ୟ ସମସ୍ତଙ୍କ ସଚେତନତା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ପର୍ଯ୍ୟଟନକୁ ଅଧିକ ଲୋକାଭିମୁଖୀ କରିବାର ବାର୍ତ୍ତାକୁ ନେଇ ଆୟୋଜିତ ଏହି ପ୍ରମୋ ରନ୍ ଜୁବିଲି ଲାଇବ୍ରେରୀଠାରୁ ଆରମ୍ଭ ହୋଇ ବାଲେଶ୍ୱର ଗୋଲେଇ, ଜଗନ୍ନାଥ ମନ୍ଦିର, ବଡ଼ବଜାର, ମା' ଅମ୍ବିକା ମନ୍ଦିର, ବିଜୁ ପଟ୍ଟନାୟକ ଛକ ଓ ବାଣ୍ଟିଆ ଜଗନ୍ନାଥ ମନ୍ଦିର ଦେଇ ପୁନର୍ବାର ଜୁବିଲି ଲାଇବ୍ରେରୀଠାରେ ଶେଷ ହୋଇଥିଲା । ଜିଲ୍ଲା କ୍ରୀଡ଼ାଧିକାରୀ ଡ଼ଃ ଶୁଭାଶିଷ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରମୋ ରନ୍ ଆୟୋଜିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା ଯୋଗଦେଇଥିଲେ । କାର୍ଯ୍ୟକ୍ରମର ସୁଚାରୁ ଆୟୋଜନ ପାଇଁ ଜିଲ୍ଲା କ୍ରୀଡ଼ା ବିଭାଗ ଓ ପର୍ଯ୍ୟଟନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସମନ୍ୱିତ ଭାବେ କାର୍ଯ୍ୟ କରିଥିଲେ ।

# ଧୀରେ ଧୀରେ କମୁଛି ସୁବର୍ଣ୍ଣରେଖା



ବସ୍ତା ୨୭/୯(ନିପ୍ର): ଧିରେ ଧିରେ କମୁଛି ସୁବର୍ଣ୍ଣରେଖା ନଦୀର ଜଳସ୍ତର,୫ ଘଣ୍ଟା ୧୧.୬୮ ମିଟରରେ ସ୍ଥିର ରହି ୧୧ ଠାରୁ କମିବା ଆରମ୍ଭ କରିଛି,ନଦୀର ରାଜଘାଟ ଠାରେ ବିପଦ ସଙ୍କେତ ୧୦.୩୬ ମିଟର ରହିଥିବା ବେଳେ ଦିନ ୪ଟା ସୁଦ୍ଧା ଜଳସ୍ତର ରହିଛି ୧୧.୪୩ମିଟର ସୁବର୍ଣ୍ଣରେଖା ନଦୀର ବନ୍ୟା ଆସି ବାଲିଆପାଳ ବ୍ଲକ କୁଦମାନସିଂ, ବିଷ୍ଣୁପୁର, ଚୌଧୁରୀକୁଦ ,ଜାମକୁଣ୍ଡା ଚଟାଣ ଉପରେ ୪ ରୁ ୫ ଫୁଟ ଉପରେ ପାଣି ପ୍ରବାହିତ ହେଉଛି, ଲୋକଙ୍କ ସହାୟତା ସରକାରୀ ବୋଟ ବ୍ୟାବସ୍ଥା କରା ଯାଇଛି, କିନ୍ତୁ ଲୋକଙ୍କ ପାଖରେ କୈାଣସି ସହାୟତା ପହଁଞ୍ଚୁ ନଥିବା ଅଭିଯୋଗ ଆଣି ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି, ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀର ୪ ଥର ବନ୍ୟା ଆସି ଚାଷ ବାସ ଉଜାଡ଼ି ଦେବା ପରେ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି ଲୋକେ, ସୁବର୍ଣ୍ଣରେଖା ନଦୀର ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା ସହିତ ନିଶ୍ଚିରା ପଞ୍ଚାୟତ ପାଳପଡା ଠାରୁ ଚଉମୁଖ ପର୍ଯ୍ୟନ୍ତ ନଦୀ ବନ୍ଧ ନିର୍ମାଣ ହେଲେ ବାଲିଆପାଳରୁ ବନ୍ୟା ଦୁରେଇ ଯିବ ବୋଲି କହିଛ।




# ଉଦ୍‌ଯାପିତ ହେଲା ଭାଗବତ ସପ୍ତାହର ପାରାୟଣ ପର୍ବ

ଉଦଳା , ୨୭/୯ (ନି.ପ୍ର): ଉଦଳା ସହରରେ ଗଢ଼ି ଉଠିଥିବା ବରିଷ୍ଠ ନାଗରିକ ସଂଘର ନେତୃତ୍ୱରେ ୱାର୍ଡ଼ ନଂ- ୧ସ୍ଥିତ ଭାଗବତ ଟୁଙ୍ଗି ପରିସରରେ ଚାଲିଥିବା ଭାଗବତ ସପ୍ତାହର ପାରାୟଣ ପର୍ବ ଚଳିତ ସେପ୍ଟେମ୍ବର ୨୬ ତାରିଖ ଶନିବାର ଇନ୍ଦ ପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୋଇ ଯାଇଛି । ଏହି ଅବସରରେ ଦିବସବ୍ୟାପି ଭଜନ, କିର୍ତ୍ତନ, ହୋମ, ଯଜ୍ଞ, ଭାଗବତ ପାଠ ସହିତ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ଣ୍ଣଚନ୍ଦ୍ର ସାହୁ, ଉପେନ୍ଦ୍ରନାଥ ପୁହାଣ, ନରେନ୍ଦ୍ର ମୋହନ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେବା ସହିତ ଭାଗବତ ପୂର୍ଣ୍ଣିମା ଓଡ଼ିଆ ଜାତିର ସାଂସ୍କୃତିକ ଓ ଆଧାତ୍ମିକ ଚେତନାର ପ୍ରାଣକେନ୍ଦ୍ର ବୋଲି ବ୍ୟକ୍ତ କରିଥିଲେ । ଏହାକୁ ଇନ୍ଦ ପୂର୍ଣ୍ଣିମା ମଧ୍ୟ କୁହାଯାଏ ବୋଲି



ଜଣାଇଥିଲେ । ପ୍ରମିଳା ଜେନା ଓ ସୁଭଦ୍ରା ଆରୁଖ ଏହିଦିନ ପଂଚସଖା ଯୁଗର ଅନ୍ୟତମ ପ୍ରମୁଖ ସାଧକ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିଲେ , ତେଣୁ ଏହି ପୂର୍ଣ୍ଣିମାକୁ ଜଗନ୍ନାଥ ଦାସଙ୍କ ଜୟନ୍ତି ବା ଭାଗବତ ଜନ୍ମ ଭାବରେ ସର୍ବତ୍ର ପାଳନ କରାଯାଇଥାଏ ବୋଲି କହିଥିଲେ । ଷୋଡ଼ଶ ଶତାବ୍ଦୀରେ ସଂସ୍କୃତରେ ଲିଖିତ ଶ୍ରୀମଦ୍ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରି ଛନ୍ଦରେ ଓଡ଼ିଆରେ ଅନୁବାଦ କରି ଏକ ଯୁଗାନ୍ତକାରୀ ସାମାଜିକ ବିପ୍ଳବ ସୃଷ୍ଟି କରିଥିଲେ ବୋଲି ବକ୍ତବ୍ୟରେ କହିଥିଲେ । କାଶିନାଥ ଦାସ ଓ ପ୍ରତାପ ଚନ୍ଦ୍ର ପଣ୍ଡା ସେପ୍ଟେମ୍ବର ୨୦ ତାରିଖ ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ପାରାୟଣ ପର୍ବର ରୂପରେଖ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଭଗବାନ ଆରୁଖ ଏକସପ୍ତାହ ବ୍ୟାପି ଚାଲିଥିବା ଏହି ପାରାୟଣ ପର୍ବର ମାହୋଲ ସମଗ୍ର ଉଦଳା ସହରରେ କିପରି ବାତାବରଣ ସୃଷ୍ଟି କରିଥିଲା ଏହାର ଏକ ନିଖୁଣ ଚିତ୍ର ଉପସ୍ଥାପନ କରିଥିବା ବେଳେ ପୁଷ୍ପଲତା ପଣ୍ଡା ପ୍ରବଳ ବର୍ଷା ଲାଗିରହିଥିବା ସତ୍ତ୍ୱେ ପାରାୟଣ ପର୍ବକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ସେହିପରି କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ନୁଦଡ଼ିହା, ପିଙ୍ଗୁ, ଡ଼ିହିରାକୁଳ, ଦୁଗୁଧା ପ୍ରଭୃତି ଗ୍ରାମରେ ଭାଗବତ ପୂର୍ଣ୍ଣିମା ଅବସରରେ ଉତ୍ସବ ଅନୁଷ୍ଠିତ ହୋଇଯାଇଥିବାର ଖବର ଆମର ହସ୍ତଗତ ହୋଇଛି । ରବିକାନ୍ତ ମହାପାତ୍ର, ଅଶୋକ ମହାନ୍ତି, ସୁବାଷ ପଣ୍ଡା, ଶଚିଦାନନ୍ଦ ପରିଡ଼ା, ପ୍ରମିଳା ପଣ୍ଡା, ଦିଗବାଳା ପରିଡ଼ା , ଲକ୍ଷ୍ମୀଧର ପୁଥାଳ, ଡ଼କ୍ଟର ଦିଲିପ କୁମାର ଦୀକ୍ଷିତ, ସତ୍ୟେନ୍ଦୁ ଜେନା, ରମେଶ ଚନ୍ଦ୍ର ପୃଷ୍ଟି, ମନୋରଂଜନ ମଲିକ, ସର୍ବେଶ୍ୱର ବାରିକ ପ୍ରମୁଖ ଆଜିର ଏହି ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ମିଳିତ ନିଶାନିବାରଣ ଅଭିଯାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୨୭/୯ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ଓ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍, ବାଲେଶ୍ୱର ମୁଖ୍ୟ ଶାଖା ପକ୍ଷରୁ ମିଳିତ ସହଯୋଗରେ ନିଶା ବିରୋଧରେ ଏକ ସଚେତନତା ଶିବିର ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ରେ ଶନିବାର ଦିନ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ପ୍ରଭାକର ସାହୁ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।



ଛାତ୍ରଛାତ୍ରୀମାନେ କିଶୋର ବୟସରୁ ମାଦକ ଦ୍ରବ୍ୟର ଭୟାବହତା ସଂପର୍କରେ ସଚେତନ ହେଲେ ସେମାନେ ଦେଶର ଜଣେ ସୁନାଗରିକ ହୋଇପାରିବେ ବୋଲି ସାଧାରଣ ସଂପାଦିକା ମମତା ମହାପାତ୍ର ମତ ପ୍ରକାଶ କରିଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ରୋଟାରିଆନ୍ ତଥା ଉପଦେଷ୍ଟା ସୁବ୍ରତ କର ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ମୁଖ୍ୟଅତିଥିଭାବେ ଏସ୍‌ବିଆଇର ମୁଖ୍ୟ ପରିଚାଳକ ସତ୍ୟାଶିଷ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏକ ସମୃଦ୍ଧ ରାଷ୍ଟ୍ରଗଠନ ପାଇଁ ଯୁବସମାଜ ନିଶାସେବନ ଠାରୁ ଦୂରରେ ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ସଂଯୋଜକ ଡ. କ୍ଷିତିଶ୍ୱର ଦାଶ, ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଓ ଅକ୍ଷୟ କୁମାର ତ୍ରିପାଠୀ ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବସମାଜ ନିଶାସେବନ ଠାରୁ ଦୂରରେ ରହିବା ଉଚିତ ବୋଲି କହିଥିଲେ। ଅନେକ ଅପରାଧରେ ନିଶାସକ୍ତମାନଙ୍କ ପ୍ରମୁଖ ଭୂମିକା ଥିବାର ସେମାନେ ଦର୍ଶାଇଥିଲେ। ସ୍କୁଲ୍‌ର ଅଷ୍ଟମ ଶ୍ରେଣୀର ଛାତ୍ରୀ ତମନ୍ନା ପ୍ରଧାନ, ନବମ ଶ୍ରେଣୀର ଛାତ୍ରୀ ଶ୍ୱେତା ସିଂହ ଓ ଜ୍ୟୋତିଶ୍ରୀ ଜେନା ଏହି ସଚେତନତା ଶିବିରରୁ ସେମାନେ ଶିକ୍ଷାଗ୍ରହଣ କରିଥିବା ନିଶାସେବନର ଅପକାରିତା ସଂପର୍କରେ ନିଜର ମତ ପ୍ରକାଶ କରିଥିଲେ। ସେମାନଙ୍କୁ 'ମନା' ପକ୍ଷରୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବେଣୁଧର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ମନା' ସଂଗଠନ ପକ୍ଷରୁ ଗୀତାଞ୍ଜଳି ସିଂହ, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ଲକ୍ଷ୍ମଣ ବିଶ୍ୱାଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଭାସ୍କର ଚନ୍ଦ୍ର ମିଶ୍ର, ଭୂପତି ଭୂଷଣ ଦାସ, କବି ପ୍ରଭାକର ସାହୁ ଓ ବସନ୍ତ ପ୍ରଧାନ ପ୍ରମୁଖ ଏହି ସଭା ପରିଚାଳନାରେ ସହଯୋଗ କରିଥିଲେ।

# ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ନୂଆଁଖାଇ ଭେଟଘାଟ

ସମ୍ବଲପୁର, ୨୭/୯ (ନି.ପ୍ର): ଅଗ୍ରଣୀ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ସ୍ଥିତ ସମ୍ବଲପୁରୀ ଦିନ୍ ମ ଂଚରେ ରବିବାର ଦିନ ମହାସମାରୋହରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାରତୀ ସମାଜର ସଂଚାଳକ ଭବାନୀଶ ଭୋଇ, ଆଇଆଇଏମ୍ ସମ୍ବଲପୁରର ସିଏଫଓ ସୁବୋଧ କୁମାର ଦୋରା, ଗୁରୁ ରଂଜିତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରାରମ୍ଭରେ ମାଁ ସମଲେଇଙ୍କ ପ୍ରତିକୃତିରେ ପୂଜାର୍ଚ୍ଚନା କରାଯିବା ସହିତ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲ । ଏହି ଅବସରରେ ଭାରତୀ ସମାଜର ସଂଚାଳକ ଭବାନୀଶ ଭୋଇ ସମ୍ବଲପୁରୀ ଭାଷା ସଂସ୍କୃତିର ଗବେଷଣା ସଂରକ୍ଷଣ ଏବଂ ପ୍ରଦର୍ଶନ ସମ୍ବଲପୁରୀ ଡେରାର ଲକ୍ଷ୍ୟ ବୋଲି କହିଥିଲେ। ପ୍ରଥମେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାର ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା 'ଯାଉଛେ ସମ୍ବଲପୁର ସୁନଲୋ ଫୁଲ' ଗୀତରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ନିକିତା କନ୍ଧେର, ଅନନ୍ୟା ହରି, ତେଜସ୍ୱୀନୀ ମହାନନ୍ଦ, ଖୁସବୁ ସୁନା, ନିଶିତା ରାଉତ୍, ଆଲିଆ ମିଞ୍ଜ, ନମ୍ରତା ବିଭାର, ପ୍ରିତି ବଗର୍ତ୍ତି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଜୟଶ୍ରୀ ନନ୍ଦ ଏବଂ ଝରଣା ସାନ ବଡ଼ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରାଜେଶ ସ୍ୱାଇଁ, ଅମିତାଭ ମାଝୀ, ସୁବ୍ରତ ପ୍ରଧାନ, ପ୍ରେମ ସାହାଣୀ,ଅମନ ଚିରଗୁନ , ରାହୁଲ ଗୁପ୍ତା, ହିମାଂଶୁ ସାହୁ, ସଞ୍ଜିବ କୁମ୍ଭାର, ସୁଭମ ପ୍ରଧାନ, ଅନମୋଲ ବାଗ, ଆଦିତ୍ୟ ବାଗ, ପ୍ରିୟଙ୍କା ବାଗ ପ୍ରମୁଖ ସହଯୋଗ କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida